ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani

website : www.dhwanipratidhwani.net


email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............




ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

ବାଲେଶ୍ୱର ■ ସୋମବାର, ୨୭ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 27 JUNE 2022

Vol.No. 35 ■ No. 166 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

# ସୁପ୍ରିମକୋର୍ଟ ପହଞ୍ଚିଲା ମହାରାଷ୍ଟ୍ର ରାଜନୀତି

## ଉପବାଚସ୍ପତିଙ୍କ ନୋଟିସ ଉପରେ ରହିତାଦେଶ ପାଇଁ ସିନ୍ଦେ ଗୋଷ୍ଠୀର ଆବେଦନ



ନୂଆଦିଲ୍ଲୀ, ୨୬/୦୬ : ମହାରାଷ୍ଟ୍ରରେ ଜାରି ରାଜନୈତିକ ଛକାପଞ୍ଝା ଏବେ ସୁପ୍ରିମକୋର୍ଟ ପହଂଚିଯାଇଛି । ମହାରାଷ୍ଟ୍ରରେ ଜାରି ରାଜନୈତିକ ସଂକଟ ଯୋଗୁଁ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଏଥିରେ ଖାଲି ରାଜନୈତିକ ଲଢେଇ ଲଢାଯାଉ ନାହିଁ, ଏବେ ଆଇନଗତ ଲଢେଇ ମଧ୍ୟ ଆରମ୍ଭ ହୋଇଯାଇଛି । ଆଜି ଶିବସେନାର ବିଦ୍ରୋହୀ ନେତା ଏକନାଥ ସିନ୍ଦେଙ୍କ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପ୍ରକ୍ରିୟା ଉପରେ ରୋକ ଲଗାଇବାକୁ ସୁପ୍ରିମକୋର୍ଟ ଯାଇଛନ୍ତି ଏକନାଥ ଗୋଷ୍ଠୀ । ମହାରାଷ୍ଟ୍ର ବିଧାନସଭାର ଉପବାଚସ୍ପତି ନରହରି ଜିରୱାଲଙ୍କ ବିଦ୍ରୋହୀ ବିଧାୟକଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ କାହିଁକି ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବ ନାହିଁ ତାର କାରଣ ଦର୍ଶାଇବାକୁ ନୋଟିସ ଜାରି କରିଛନ୍ତି । କୋର୍ଟରେ ଅଜୟ ଚୌଧୁରୀଙ୍କୁ ଶିବସେନାର ବିଧାୟକ ଦଳ ନେତା ଚୟନ ନିଷ୍ପତିକୁ ମଧ୍ୟ ଚାଲେଞ୍ଜ କରାଯାଇଛି । ଆସନ୍ତାକାଲି ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ହୋଇପାରେ । ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜେବି ପାରଦିବାଲାଙ୍କ ଖଣ୍ଡପୀଠ ଏହି ମାମଲର ଶୁଣାଣି କରିବେ । ଶିବସେନାର ବିଧାୟକ ଦଳ ନେତା ଭାବେ ଏକନାଥ ସିନ୍ଦେଙ୍କୁ ଅଯୋଗ୍ୟ ଘୋଷଣା କରିବା ନିଷ୍ପତି ଓ ସୁନୀଲ ପ୍ରଭୁଙ୍କୁ ଶିବସେନାର ମୁଖ୍ୟ ସଚେତକ କରାଯିବା ନିଷ୍ପତିକୁ ଚାଲେଞ୍ଜ କରାଯାଇଛି । ଏହାଛଡା ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନରେ ଶିନ୍ଦେ ଶିବିରରୁ ପଠାଯାଇଥିବା ଅବିଶ୍ୱାସ ପ୍ରସ୍ତାବକୁ ଉପବାଚସ୍ପତି ନରହରି ଜିରୱାଲଙ୍କ ଦ୍ୱାର ଖାରଜ କରାଯିବା କଥା ମଧ୍ୟ ଉଲ୍ଲେଖ ରହିଛି । ଆବେଦନରେ ସିନ୍ଦେ ଗୋଷ୍ଠୀ ଦାବି କରିଛନ୍ତି, ଉପବାଚସ୍ପତିଙ୍କୁ ପଦରୁ ହଟାଇବା ପ୍ରସ୍ତାବ ଉପରେ ନିର୍ଣ୍ଣୟ ନହେବା ଯାଏଁ, ବିଧାୟକଙ୍କ ସଦସ୍ୟତା ରଦ୍ଦ ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନହେଉ । ଏଥିପାଇଁ ମହାରାଷ୍ଟ୍ର ବିଧାନସଭାର ଉପବାଚସ୍ପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅନୁରୋଧ କରିଛନ୍ତି ଏକନାଥ ସିନ୍ଦେ ଓ ବିଦ୍ରୋହୀ ବିଧାୟକ ।

## ବିଧାନସଭା ଅଧିବେଶନ ପୂର୍ବରୁ ବଦଳିପାରନ୍ତି ବିରୋଧୀଦଳ ନେତା

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ଅସୁସ୍ଥତା କାରଣରୁ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକଙ୍କ ଅନୁପସ୍ଥିତି ଯୋଗୁଁ ଦଳକୁ ବିଧାନସଭାରେ ବିଜେପି ବିଧାୟକମାନଙ୍କୁ ଉପଯୁକ୍ତ ଗୁରୁତ୍ୱ ମିଳୁନାହିଁ । ତେଣୁ ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ନୂଆ ବିରୋଧୀ ଦଳର ନେତା ଚୟନ କରିବାକୁ ବିଧାୟକ ମାନେ ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ଅନୁରୋଧ କରିଥିବା ନେଇ ସୂଚନା ଦେଇଛନ୍ତି ସୁନ୍ଦରଗଡର ବିଜେପି ବିଧାୟକ କୁସୁମ ଟେଟେ । ସେ କହିଛନ୍ତି ଯେ ଓଡ଼ିଶାର ବିଜେପି ବିଧାୟକମାନେ ଦିଲ୍ଲୀରେ ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ଭେଟି ପ୍ରସ୍ତାବ ଦେଇଛନ୍ତି। ଏବିଷୟରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ମଧ୍ୟ ବିଧାୟକମାନେ ଭେଟି ଅବଗତ କରାଇଛନ୍ତି। ଉଭୟ ରାଜ୍ୟ ଓ ରାଷ୍ଟ୍ରୀୟ ସଭାପତି ବିଧାନସଭା ଅଧିବେଶନ ପୂର୍ବରୁ ବିରୋଧୀଦଳ ନେତାଙ୍କୁ ବଦଳାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ ଆମ ଦଳରେ ୨୨ ଜଣ ବିଧାୟକ ଅଛନ୍ତି, ସେଥିମଧ୍ୟରୁ ଅନେକ ବରିଷ୍ଠ ଓ ଅଭିଜ୍ଞ ନେତା ଅଛନ୍ତି। ଏଣୁ ଯାହାଙ୍କୁ ବି ବିରୋଧୀଦଳ ନେତା ଭାବେ ଦାୟିତ୍ୱ ଦିଆଗଲେ ଚଳିବ।

# ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ଶକ୍ତ ଝଟ୍‌କା : ରଖିପାରିଲେନି ନିଜ ଗଡ଼



ଚଣ୍ଡିଗଡ଼, ୨୬/୦୬ (ନି.ପ୍ର): ଆମ ଆଦମୀ ପାର୍ଟି ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କୁ ଜବରଦସ୍ତ ଝଟ୍‌କା। ନିଜ ଗଡ଼କୁ ନିଜେ ରଖିପାଲେନି। ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ତାଙ୍କ କ୍ରେଜ୍ କାମକଲାନି। ତାଙ୍କ ଲୋକସଭା ଆସନରେ ହୋଇଥିବା ଉପନିର୍ବାଚନରେ ଆପ୍ ପ୍ରାର୍ଥୀ ପରାଜିତ ହୋଇଛନ୍ତି। ରବିବାର ଆସିଥିବା ଫଳାଫଳରେ ଶିରୋମଣି ଅକାଳୀଦଳର ପ୍ରାର୍ଥୀ ସିମରଞ୍ଜିତ ସିଂହ ମାନ୍ ଶାସକ ଦଳର ପ୍ରାର୍ଥୀଙ୍କୁ ହରାଇ ବିଜୟ ଲାଭ କରିଛନ୍ତି। ସଙ୍ଗ୍ରୁର୍ ଆସନରେ ହୋଇଥିବା ଉପନିର୍ବାଚନରେ ସିମରଞ୍ଜିତ୍ ସିଂହ ମାନ୍ ଆପ ପ୍ରାର୍ଥୀ ଗୁରୁମେଲ ସିଂହଙ୍କୁ ୫,୮୦୦ ଭୋଟରେ ପରାସ୍ତ କରିଛନ୍ତି। ଉଭୟଙ୍କ ମଧ୍ୟରେ ଏଠାରେ ଜୋରଦାର ଲଢ଼େଇ ହୋଇଥିଲା। ୭୭ ବର୍ଷୀୟ ସିମରଞ୍ଜିତ ସିଂହ ଜଣେ ପୂର୍ବତନ ଏମପି ହୋଇଥିବା ବେଳେ ଶିରୋମଣି ଅକାଳୀ ଦଳର ଅମୃତସର ସଭାପତି ଅଛନ୍ତି। ଏହି ନିର୍ବାଚନରେ କଂଗ୍ରେସ ପକ୍ଷରୁ ଦଲଭିର ସିଂ ଗୋଲଡି, ବିଜେପିରୁ କିୱାଲ ଡିଲନ୍ ଏବଂ ଅକାଳୀ ଦଳ ପକ୍ଷରୁ କୌର ରଜୋଅନା ପ୍ରତିଦ୍ୱନ୍ଦିତା କରୁଥିଲେ। ଆଜି ସକାଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଗତ ଜୁନ୍ ୨୩ରେ ହୋଇଥିବା ▶▶ପୃଷ୍ଠା ୭

# ରଥ ଉଚ୍ଚତାକୁ ନେଇ ତେଜିଲା ବିବାଦ



ଭୁବନେଶ୍ୱର, ୨୬/୦୬ (ନି.ପ୍ର): ସବୁଠୁ ଅଧିକ ଉଚ୍ଚତାର ରଥ ଭାବେ ନିକଟରେ ଗିନିଜ ବୁକ୍ ଅଫ ରେକର୍ଡସ୍ରେ ସ୍ଥାନ ପାଇଛି କେନ୍ଦୁଝର ରଥ । ଏହାକୁ ନେଇ ପୁରୀ ଗଜପତି କ୍ଷୋଭ ପ୍ରକାଶ କରିବା ପରେ କେନ୍ଦୁଝରରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗଜପତିଙ୍କୁ ଏ ପ୍ରସଙ୍ଗରେ ମତ ଦେବା ପୂର୍ବରୁ ତର୍ଜମା କରିବାର ଥିଲା ବୋଲି କହିଛନ୍ତି କେନ୍ଦୁଝର ଶ୍ରୀବଳଦେବଜୀଉ ମନ୍ଦିରର ପହଣ୍ଡିଆ ସେବକ ବିପିନ ଦାସ । ଗଜପତିଙ୍କ ସପକ୍ଷରେ ମତ ଦେଇଛନ୍ତି ପୁରୀର ବରିଷ୍ଠ ସେବାୟତ । ସେମାନେ କହିଛନ୍ତି, କେନ୍ଦୁଝର ବଳଦେବଜିଉ ରଥ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇବା ଜଗନ୍ନାଥଙ୍କ ଭକ୍ତଙ୍କୁ ମର୍ମାହତ କରିଛି । ମହାପ୍ରଭୁଙ୍କ ରଥକୁ ନେଇ କୌଣସି ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ନହେଉ, ଯଦି କେହିପ୍ରଶାସନିକ ଅଧିକାରୀ ଏଥିରେ ସଂପୃକ୍ତି ଥାନ୍ତି, ତାହେଲେ ରାଜ୍ୟ ସରକାର ତୁରନ୍ତ ଏହା ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରିଛନ୍ତି ବିନାୟକ ଦାସମହାପାତ୍ର । ଏହି ବିବାଦକୁ ମତ ପ୍ରକାଶ କରିଛନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ । ସେମାନଙ୍କ ମତରେ ଦୁଇଟି ଭିନ୍ନ ଭିନ୍ନ କଥା । ଏହାକୁ ନେଇ ବିବାଦ ସୃଷ୍ଟି କରିବା ଅନୁଚିତ । ପୁରୀ ରଥ ହିଁ ସବୁଠୁ ଉଚ୍ଚ ହେବା ଉଚିତ ବୋଲି କହିଛନ୍ତି ଗଜପତି । ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ମୂଳପୀଠ ହେଉଛି ପୁରୀ । କିନ୍ତୁ କେନ୍ଦୁଝର ରଥର ଉଚ୍ଚତା ପୁରୀ ଠାରୁ ଅଧିକ କରାଯାଉଥିବାରୁ ଜଗନ୍ନାଥ ପରମ୍ପରା ପ୍ରତି କୁଠାରଘାତ । ତେଣୁ ସେଠାକାର ମନ୍ଦିର ଟ୍ରଷ୍ଟ ଓ ପ୍ରଶାସନ ଏଥିପ୍ରତି ଯତ୍ନବାନ ହେବା ଜରୁରୀ ବୋଲି ଗଜପତି କହିଛନ୍ତି । ପୁରୀରେ ନନ୍ଦିଘୋଷ ରଥର ଉଚ୍ଚତା ୪୪ ଫୁଟ ହୋଇଥିବା ବେଳେ କେନ୍ଦୁଝର ରଥର ଉଚ୍ଚତା ୭୨ ଫୁଟ । ସବୁଠୁ ଅଧିକ ଉଚ୍ଚର ରଥ ଭାବେ ଏହା ଗିନିଜ ବୁକ୍ ରେକର୍ଡସରେ ସ୍ଥାନ ପାଇଛି ।

## ସୋମବାର କାର୍ଯ୍ୟକାରିଣୀ ବୈଠକ ପରେ ବସ ଧର୍ମଘଟ ନେଇ ହେବ ନିଷ୍ପତ୍ତି : ପରିବହନ ମନ୍ତ୍ରୀଙ୍କୁ ଭେଟିଲା ବସ ମାଲିକ ସଂଘ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ରାଜ୍ୟରେ ପ୍ରସ୍ତାବିତ ବସ ଧର୍ମଘଟ ନେଇ ଆସନ୍ତା କାଲି କାର୍ଯ୍ୟକାରିଣୀ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି ଘରୋଇ ବସ ମାଲିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ରବିବାର ଦିନ ଏହି ପ୍ରସଙ୍ଗରେ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ସହିତ ଆଜି ଘରୋଇ ବସ ମାଲିକ ସଂଘର ପ୍ରତିନିଧି ମାନେ ଆଲୋଚନା କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଏହି ବୈଠକରେ ବସ ମାଲିକ ସଂଘକୁ ଧର୍ମଘଟ ନକରିବା ପାଇଁ ଅନୁରୋଧ କରାଯାଇଛି ଏବଂ ବାହୁଡ଼ା ପର୍ଯ୍ୟନ୍ତ ସମୟ ମଗାଯାଇଛି। ତାପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ। ଆସନ୍ତାକାଲି ସନ୍ଧ୍ୟା ୫ ଟାରେ ସଂଘର କାର୍ଯ୍ୟକାରିଣୀ ବୈଠକ ବସିବ। ଏହି ବୈଠକରେ ଧର୍ମଘଟ ନେଇ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ଘରୋଇ ବସ୍ ସମ୍ପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ରାଇମୋହନଙ୍କ ମୃତ୍ୟୁ ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ



ଭୁବନେଶ୍ୱର, ୨୬/୦୬ (ନି.ପ୍ର): ପ୍ରସିଦ୍ଧ ଓଡିଆ ଅଭିନେତା ରାଇମୋହନ ପରିଡା ମୃତ୍ୟୁ ମାମଲାରେ ବିଭିନ୍ନ ଦିଗକୁ ନେଇ କମିଶନରେଟ ପୋଲିସ ତଦନ୍ତ କରୁଛି । ଆତ୍ମହତ୍ୟା ଓ ହତ୍ୟା ଉଭୟ ଦିଗକୁ ନେଇ ପୋଲିସ ଅନୁସନ୍ଧାନ କରୁଥିବା ଜଣା ପଡିଛି । ଏହି ମାମଲାରେ ଦୁଇ ଝିଅ, ଜ୍ୱାଇଁ, ପତ୍ନୀ ଏବଂ ପୁତୁରାଙ୍କୁ ପଚରାଉଚରା କରାଯାଇଛି । ରାଇମୋହନଙ୍କ ମୋବାଇଲକୁ ବି ଜବତ କରାଯାଇ ଯାଂଚ ପାଇଁ ଟେକ୍ନିକାଲ ଟିମକୁ ଦିଆଯାଇଛି । ତେବେ ଭିସେରା, ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ଅସଲ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ୍ କହିଛି । ଉଲ୍ଲେଖନୀୟ ଯେ କମିଶନରେଟ ପୋଲିସର ମହିଳା ଟିମ୍ ଶନିବାର ଦିନ ରାଇମୋହନଙ୍କ ଘରେ ତାଙ୍କ ପତ୍ନୀ, ୨ ଝିଅ, ଜ୍ୱାଇଁ, ପୁତୁରାଙ୍କୁ ପଚରାଉଚରା କରିଥିଲା । । ଶନିବାର ପ୍ରାୟ ୨ଘଂଟା ଧରି ପରିବାର ସଦସ୍ୟଙ୍କୁ ପଚରାଉଚରା କରା ଯାଇଥିଲା । ମାମଲାରେ ବିଭିନ୍ନ ଦିଗକୁ ତଦନ୍ତ ପରିସରକୁ ଅଣାଯାଇଛି। ଶେଷ ମେସେଜ ତାଙ୍କ ପତ୍ନୀଙ୍କୁ କରିଥିଲେ, ତାହାକୁ ନେଇ ତର୍ଜମା ଜାରି। ଏହାସହ ଶବ ବ୍ୟବଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା କମିଶନରେଟ୍ ପୋଲିସ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଶୁକ୍ରବାର ଦିନ ଓଲିଉଡ୍ ପ୍ରଖ୍ୟାତ ଖଳନାୟକ ରାଇମୋହନ ପରିଡ଼ାଙ୍କ ମୃତଦେହ ତାଙ୍କ ଘରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ତାଙ୍କ ମୃତ୍ୟୁ ପରେ ଓଲିଉଡ୍ ଜଗତ ସ୍ତବ୍ଧ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ରାଇମୋହନଙ୍କ ପାର୍ଥିବ ଶରୀରରେ ତାଙ୍କର ସାନ ଝିଅ ଉଦିତା ପରିଡା ମୁଖାଗ୍ନି ଦେଇଥିଲେ।

## ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚନ ସମ୍ପନ୍ନ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚନ ସମ୍ପନ୍ନ ହୋଇଛି । ସକାଳ ୭ଟାରୁ ୬୪୩ ସମବାୟ ସମିତି ପାଇଁ ହେଉଛି ମତଦାନ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟ ପ୍ରାଥମିକ ସମବାୟ ସମିତି ନିର୍ବାଚନ ପାଇଁ ୩୦୧୨ ପ୍ରାଥମିକ ସମବାୟ ସମିତି ଧାର୍ଯ୍ୟ ହୋଇଥିଲା । ଏଥିରୁ ୨୩୬୯ ସମବାୟ ସିମିତି ସଦସ୍ୟମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଅବଶିଷ୍ଟ ୬୪୩ ସମବାୟ ସମିତି ପାଇଁ ମତଦାନ ହୋଇଛି । ୩ ଲକ୍ଷ ୮୫ ହଜାର ୪୮ ଜଣ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି । ମତଦାନ ବୁଥରେ ମାଜିଷ୍ଟ୍ରେଟ ଓ ସଶସ୍ତ୍ର ପୋଲିସ ବାହିନୀ ନିୟୋଜିତ ହୋଇଛନ୍ତି । ୧୫୫ଟି ସମ୍ବେଦନଶୀଳ ବୁଥରେ ଭିଡିଓଗ୍ରାଫି ସହ ସିସିଟିଭି ଦ୍ୱାରା ମନିଟର କରାଯାଇଛି । ଅତି ସମ୍ବେଦନଶୀଳ ବୁଥ୍ ଦାୟିତ୍ୱରେ ରହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ । ୧୯ ଉପନିବନ୍ଧକ ଓ ୫୮ ସହକାରୀ ନିବନ୍ଧକଙ୍କ ସହିତ କର୍ମଚାରୀମାନେ ନିର୍ବାଚନ ପରିଚାଳନା କରିଛନ୍ତି ।

# ଦ୍ରୌପଦୀ ମୁର୍ମୁଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୬/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ସହ କଥା ହୋଇଛନ୍ତି। ଏହି ଅବସରରେ ସେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଦ୍ରେ ?ପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ଏଥି ସହିତ ନବୀନ କହିଛନ୍ତି ଯେ, ଦ୍ରୌପଦୀଙ୍କ ପ୍ରାର୍ଥିତ୍ୱ ରାଜ୍ୟବାସୀଙ୍କ ପାଇଁ ଗୌରବର ମୁହୂର୍ତ୍ତ। ଓଡ଼ିଶାର ସବୁ ଭୋଟ ତାଙ୍କୁ ମିଳିବା ପାଇଁ ଆମେ କାର୍ଯ୍ୟ ଜାରି ରଖିବୁ। ଏଠାରେ ଉଲ୍ଲେଖ କରାଯାଇ ପାରେ ଏନ୍‌ଡିଏ ପକ୍ଷରୁ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦେଶ ଗସ୍ତରେ ଥାଇ ସ୍ୱାଗତ କରି ଶୁଭେଚ୍ଛା ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏନେଇ ମୋ ସହ ଆଲୋଚନା କରିବା ବେଳେ ବହୁତ ଖୁସି ହୋଇଥିଲି। ପ୍ରତିଟି ଓଡ଼ିଆଙ୍କ ପାଇଁ ଏହା ଗର୍ବ ଓ ଗୌରବର ମୁହୂର୍ତ୍ତ ବୋଲି ନବୀନ କହିଥିଲେ।

# ୨୪ ଘଂଟା ମଧ୍ୟରେ ୨୨ ଜିଲ୍ଲାରେ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୬/୦୬ (ନି.ପ୍ର): ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ପ୍ରାୟ ୨୨ଟି ଜିଲ୍ଲାରେ ବର୍ଷାର ସମ୍ଭାବନା ରହିଛି ବୋଲି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । , ଆଗାମୀ ୨୪ ଘଂଟା ମଧ୍ୟରେ ଅର୍ଥାତ ୨୭ ତାରିଖ, ସୋମବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ସୂଚନା ଦିଆ ଯାଇଛି । ସେହିପରି ରାଜ୍ୟର ୨୨ଟି ଜିଲ୍ଲା ଯଥା ଗଂଜାମ, ଗଜପତି, ନବରଙ୍ଗପୁର, କୋରାପୁଟ, କନ୍ଧମାଳ, ନୂଆପଡା, ବରଗଡ, ଝାରସୁଗୁଡା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ, ଅନୁଗୁଳ, କେନ୍ଦୁଝର, କଟକ, ଯାଜପୁର, ଢ଼େଙ୍କାନାଳ, ମାଲକାନଗିରି, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ ଓ ରାୟଗଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

# ଏସଟିଏଫ୍ ଜାଲରେ ଆଉ ୪ ବ୍ରାଉନସୁଗାର ବେପାରୀ



ଭୁବନେଶ୍ୱର, ୨୬/୦୬ (ନି.ପ୍ର): କ୍ରାଇମ ବ୍ରାଞ୍ଚର ସ୍ୱେଶାଲ ଟାକ୍ସ ଫୋର୍ସ ଏସଟିଏଫ୍ ଜାଲରେ ୪ ବ୍ରାଉନସୁଗାର ବେପାରୀ । ଖୋର୍ଦ୍ଧା ନିକଟରେ ଚଢାଉ କରି ଏକ କିଲୋରୁ ଅଧିକ ବ୍ରାଉନ ସୁଗାର ଜବତ କଲା ଏସଟିଏଫ୍ । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି । ଗିରଫ ୪ ଅଭିଯୁକ୍ତ ଘର ଖୋର୍ଦ୍ଧା ଜିଲ୍ଲାରେ । ଏନେଇ ଅଭିଯୁକ୍ତଙ୍କ ବିରୋଧରେ ଏନଡିପିଏ ଆକ୍ଟରେ ମାମଲା ରୁଜୁ କରିଛି ଏସଟିଏଫ୍ । ସୂଚନା ମୁତବାକ ଅଭିଯୁକ୍ତମାନେ ପୂର୍ବରୁ ବ୍ରାଉନସୁଗାର କାରବାରରେ ଲିପ୍ତ ଥିବା ବେଳେ ପୋଲିସ ସେମାନଙ୍କ ଉପରେ ନଜର ରଖିଥିଲା । ଗୁଇନ୍ଦା ସୂଚନା ଆଧାରରେ ଅଭିଯୁକ୍ତମାନେ ଆଜି ବ୍ରାଉନସୁଗାର ଧରି ଡିଲ କରିବାକୁ ଆସିଥିବା ଏସଟିଏଫ୍ ସୂଚନା ପାଇଥିଲା । ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୂର୍ବରୁ ଏସଟିଏଫର ଏକ ଟିମ୍ ସାଦା ପୋଷାକରେ ସେଠାରେ ଜଗି ରହିଥିଲା । ଅଭିଯୁକ୍ତମାନେ ସେଠାରେ ପହଂଚିବା କ୍ଷଣି ଚଢାଉ କରି ବ୍ରାଉନସୁଗାର ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା ଏସଟିଏଫ୍ । ତେବେ ୨୦୨୦ରୁ ଏସଟିଏଫ୍ ଏବେ ସୁଦ୍ଧା ମୋଟ ୫୫ କିଲୋ ବ୍ରାଉନସୁଗାର ଜବତ କରିଛି ।

# ମହାରାଷ୍ଟ୍ରର ୧୫ ବିଦ୍ରୋହୀ ବିଧାୟକଙ୍କୁ ୱାଇ ପ୍ଲସ ସୁରକ୍ଷା ପ୍ରଦାନ କଲା କେନ୍ଦ୍ର

ମୁମ୍ବାଇ, ୨୬/୦୬ (ନି.ପ୍ର): ଦିନକୁ ଦିନ ଜଟିଳ ହେଉଛି ମହାରାଷ୍ଟ୍ର ରାଜନୀତି। ସିନ୍ଦେ ଓ ଉଦ୍ଧବଙ୍କ ମଧ୍ୟରେ ଚାଲିଛି ଛକପଞ୍ଝା। ଏହାରି ଭିତରେ ବଢ଼ିଛି ବିଦ୍ରୋହୀ ବିଧାୟକଙ୍କ ସୁରକ୍ଷା। ୧୫ ବିଦ୍ରୋହୀ ଶିବସେନା ବିଧାୟକଙ୍କୁ କେନ୍ଦ୍ର ୱାଇ ପ୍ଲସ ସୁରକ୍ଷା ଦେଇଛି। ସିଆର୍‌ପିଏଫ୍‌କୁ ବିଧାୟକମାନଙ୍କ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଏକନାଥ ସିନ୍ଦେଙ୍କ ଗ୍ରୁପରେ ଏବେ ଫାଟ ସୃଷ୍ଟି ହେଉଥିବା ଏକ ସୂତ୍ରରୁ ଜଣାପଡିଛି। ସିନ୍ଦେଙ୍କ ଗୋଷ୍ଠୀରେ ଥିବା ବିଧାୟକଙ୍କ ମଧ୍ୟରୁ ୨୦ ଜଣ ବିଦ୍ରୋହୀ ବିଧାୟକ ଉଦ୍ଧବ ଠାକରେଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏହି ବିଧାୟକଙ୍କ ମଧ୍ୟରୁ କେତେକ ବିଜେପି ସହ ମିଶ୍ରଣକୁ ବିରୋଧ କରୁଥିବା ସୂଚନା ମିଳିଛି। ସେପଟେ ମହାରାଷ୍ଟ୍ର ବିଧାନସଭା ସଚିବାଳୟ ସିନ୍ଦେଙ୍କ ସମେତ ୧୬ ବିଦ୍ରୋହୀ ଶିବସେନା ବିଧାୟକଙ୍କୁ 'ସମନ' ଜାରି କରିଛନ୍ତି। ଜୁନ୍ ୨୭ ତାରିଖ ସନ୍ଧ୍ୟା ସୁଦ୍ଧା ସେମାନଙ୍କଠାରୁ ଲିଖିତ ଉତ୍ତର ମାଗିଛନ୍ତି। ଦଳର ଜାତୀୟ କାର୍ଯ୍ୟନିର୍ବାହୀ ବିଦ୍ରୋହୀ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ଧବ ଠାକରେଙ୍କୁ ଅନୁମତି ଦେଇଛନ୍ତି। ମହାରାଷ୍ଟ୍ରରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ମଧ୍ୟରେ ଆଜି ବୈଠକ ଡକାଇଛନ୍ତି ବିଦ୍ରୋହୀ ବିଧାୟକଙ୍କ ନେତା ଏକନାଥ ସିନ୍ଦେ । ଆଜି ମଧ୍ୟାହ୍ନରେ ଗୌହ୍ୱାଟୀରେ ବିଦ୍ରୋହୀ ବିଧାୟକମାନଙ୍କ ବୈଠକ ଅନୁଷ୍ଠିତ ହେବ। ଗତକାଲି ରାତିରେ ଏକନାଥ ସିନ୍ଦେ ▶▶ପୃଷ୍ଠା ୭

# ନଦୀ, ପୋଖରୀକୁ ଗିଳୁଛି ବର୍ଦ୍ଧିତ ସହର : ବ୍ୟକ୍ତିଗତ ମାଲିକାନାକୁ ଚାଲିଗଲାଣି ଗୋବରୀ ନଦୀ

ପଟ୍ଟାମୁଣ୍ଡାଇ,୨୬/୦୬ (ନି.ପ୍ର): ଓଡିଶାର ପ୍ରଥମ ମୁନିସିପାଲିଟି ଭାବେ ୧୮୬୯ ମାର୍ଚ୍ଚ ୧୦ରେ କେନ୍ଦ୍ରାପଡାକୁ ଘୋଷଣା ହୋଇଥିଲା । ଇତିମଧ୍ୟରେ ଏହି ମୁନିସିପାଲିଟି ଘୋଷଣାକୁ ୧୫୩ ବର୍ଷ ପୁରିଛି । କ୍ରମବର୍ଦ୍ଧିଷ୍ଣୁ ସହର ଏବେ ନଇ, ନାଳ, ପୋଖରୀକୁ ଗିଳିଦେଇଛି । ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସଠିକ ଧରଣର ଚାଲୁନାହିଁ । ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପୁରୁଣା ପ୍ରସିଦ୍ଧ ପୋଖରୀ ଓ ନାଳ ଆଳିଆ ଆବର୍ଜନାରେ ଭରିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବ ସହ ବର୍ଷ ସାରା ମଶାଙ୍କ ବାସସ୍ଥଳୀ ପାଲଟିଛି । ଏହି ପୁରାତନ ସହରର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ସହରବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଅମରବର ବିଶ୍ୱାଳ କହିଛନ୍ତି ଯେ, ମାତ୍ର ୧୪ଟି ପଡା ଗ୍ରାମକୁ ନେଇ ଏହି ମୁନିସିପାଲିଟି ଗଠନ ହୋଇଥିଲା । ତତକାଳୀନ ସମୟରେ ଜଳପଥକୁ ବ୍ୟବହାର କରାଯାଉଥିଲା । ଏପରିକି ନଅଙ୍କ ଦୁର୍ବିକ୍ଷ ସମୟରେ କେନ୍ଦ୍ରାପଡା କେନାଲ, ଗୋବରୀ ନଦୀ ଆଦିରେ ନୌପରିବହନ ହେଉଥିଲା । ଇତିମଧ୍ୟରେ ସହରର ୨୧ ୱାର୍ଡରେ ମାତ୍ର ଗୋଟିଏ ଦୁଇଟି ପୋଖରୀ ଦେଖାଯାଉଛି । ପ୍ରାୟ ୨୦ଟି ପୁରୁଣା ପ୍ରସିଦ୍ଧ ପୋଖରୀ ଓ ନିକଟସ୍ଥ ଗୋବରୀ ନଦୀ ଓ କେନାଲ ଏବେ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି । ନାଳ ଓ ପୋଖରୀଗୁଡିକ ଆବର୍ଜନାରେ ଭର୍ତ୍ତି ହୋଇଛି । ଫଳରେ ମଶା ମାଛିଙ୍କ ଉପଦ୍ରବ ସହ ପରିବେଶ ଦୂଷିତ କରୁଛି । କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନରେ ଏହି ପୋଖରି ଓ ନାଳର ପୁର୍ନଉଦ୍ଧାର ହୋଇପାରନ୍ତା । ତେବେ ସ୍ଥାନୀୟ ନେତୃତ୍ୱର ଅଭାବ ସହିତ ପ୍ରଶାସକଙ୍କର ଏଥିପ୍ରତି ଦୃଷ୍ଟି ପଡୁନାହିଁ । ସମାଜସେବି ରଣଧୀର ଜେନା କହିଛନ୍ତି ଯେ, ଜଳ ନିଷ୍କାସନ ସମସ୍ୟା ପାଇଁ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି । ମହିପାଳ, ବଣିଆମାଳ, ନୂଆ ବସଷ୍ଟାଣ୍ଡ ଆଦି ପୋଖରୀଗୁଡିକ ପୌରପାଳିକା ଅଧୀନରେ ଥିଲେ ମଧ ସଫା ହୋଇପାରୁ ନାହିଁ । ଏପରିକି ପୌରପାଳିକା କାର୍ଯ୍ୟାଳୟ ପରିସରରେ ଥିବା ପୋଖରୀର ପୁର୍ନଉଦ୍ଧାର ହୋଇନାହିଁ । ସହର ମଧ୍ୟରେ ଟ୍ରାଫିକ ବ୍ୟବସ୍ଥା ଅସମ୍ଭାଳ ହୋଇଛି । ସୁଚିନ୍ତିତ ଯୋଜନା ନଥିବାରୁ ରାସ୍ତାଗୁଡିକ ସଂକୁଚିତ ହୋଇରହିଛି । ଉଚ୍ଛେଦକୁ ସ୍ଥାନୀୟ ଲୋକ ମାନୁ ନଥିବାରୁ ଜବରଦଖଲ ସମସ୍ୟା ବଢ଼ିଛି । ଗୋବରୀ ନଦୀ ପଠା ଓ ଗୋବରୀ କେନାଲର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ ମାଲିକାନାରେ ଅଛି । କେଉଁ ପରିସ୍ଥିତିରେ ଏହି ଜବରଦଖଲକାରୀଙ୍କୁ ଜମି ଦଖଲ ପାଇଁ ମଞ୍ଜୁରୀ ମିଳିଛି ବୋଲି ପ୍ରଶ୍ନ କଲେ ଏହାର ଉତର ପ୍ରଶାସକ ଦେଇପାରୁ ନାହାନ୍ତି । ରାସ୍ତା ସଂପ୍ରସାରଣ ସମୟରେ ବିଦ୍ୟୁତ ଖୁଂଟ ଉଠାଯାଉ ନଥିବାରୁ ଯାତାୟତ ସମୟରେ ଗାଡିମୋଟର ଅଟକି ରହୁଛି । ସେହିପରି ସହର ପାଇଁ ଦ୍ୱିତୀୟ ବାଇପାସ ରୋଡ ନିର୍ମାଣ କାର୍ଯ୍ୟ ବହୁଦିନରୁ ଅଟକି ରହିଛି । ସାମାଜିକ କର୍ମୀ ସମ୍ପଦ ଦାଶ କହିଛନ୍ତି ଯେ, ରାଜ୍ୟର ଏହି ସର୍ବପୁରାତନ ସହରର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ । ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଅନୁଦାନ ଯୋଗାଇବା କଥା । ଏକା ଦିନରେ କେନ୍ଦ୍ରାପଡା ସହିତ ଯାଜପୁର ମୁନିସିପାଲିଟିର ଘୋଷଣା ହୋଇଥିଲା । ଯାଜପୁର ସହରର ଉନ୍ନୟନ କାର୍ଯ୍ୟ ସମ୍ମୁଖରେ କେନ୍ଦ୍ରାପଡା ପୌରାଂଚଳ ବହୁ ପଛରେ ପଡିଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ପୌରାଧକ୍ଷା ସରିତା ସାହୁ କହିଛନ୍ତି ଯେ, ବିଗତ କିଛି ବର୍ଷ ମଧ୍ୟରେ ସହରର ରୂପରେଖ ବଦଳିଛି । ଆଲୋକୀକରଣ, ରାସ୍ତାଘାଟର ଉନ୍ନତି ସହିତ ପାର୍କ ଆଦି ସ୍ଥାପନ ହୋଇଛି । ଏହାବ୍ୟତିତ ପ୍ରତି ୱାର୍ଡ ମଧ୍ୟରେ ଥିବା ସ୍ଥାନୀୟ ସମସ୍ୟାଗୁଡିକ ବିଧାୟକ, କାଉନସିଲରଙ୍କ ସହ ପୌର ପ୍ରଶାସନ ଅନୁଧାନ କରୁଛି । ଖୁବ ଶିଘ୍ର ଏହି ସହରକୁ ରାଜ୍ୟର ଉନ୍ନତ ସହର ମଧ୍ୟରେ ରଖିବାକୁ ପ୍ରକୀୟା ଜାରି ରହିଛି ।

## ଫୁଲବାଣୀ ଲ୍ୟାମ୍ପସ୍‌ର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇଲେ ବୋର୍ଡ ଅଫ ଡାଇରେକ୍ଟରମାନେ

କନ୍ଧମାଳ,୨୬/୦୬ (ନି.ପ୍ର): ଫୁଲବାଣୀ ଲ୍ୟାମ୍ପସ୍ ର ସଭାପତି ଏବଂ ଅନ୍ୟ କର୍ମକର୍ତା ମାନଙ୍କର ନିର୍ବାଚନ ହୋଇଯାଇଛି । ନବନିର୍ବାଚିତ ସଭାପତି ଏବଂ କର୍ମକର୍ତା ମାନଙ୍କୁ ସ୍ୱାଗତ ଜଣାଇବା ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର । ଏହି ଅବସରରେ ଡିଆରସିଏସ ପ୍ରବାତ କୁମାର ଜେନା କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଏଆରସିଏସ ଗଙ୍ଗାଧର କହଁର ଏବଂ ପାଣ୍ଡୁଚରଣ ସାହୁ, ପୂର୍ବରୁ ଦାୟୀତ୍ୱରେ ଥିବା ପ୍ରଶାସିକା ଏସରସିଏସ ଜ୍ୟୋତିର୍ମୟୀ ପ୍ରଧାନ, ବୌଦ୍ଧ ସମବାୟ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ ପଟ୍ଟନାୟକ, ବ୍ୟାଙ୍କର ଫୁଲବାଣୀ ଶାଖା ପରିଚାଳକ କ୍ଷୀରୋଦ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ନବ ନିର୍ବାଚିତ ସଭାପତି ଚକ୍ରଧର ମଲ୍ଲିକଙ୍କୁ ଫୁଲବାଣୀ ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ସ୍ୱାଗତ କରିବା ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । । କାର୍ଯ୍ୟକ୍ରମରେ ଲ୍ୟାମ୍ପସ ର ବୋର୍ଡ ଅଫ ଡାଇରେକ୍ଟର ପିତାମ୍ବର ମଲ୍ଲିକ, ପଦୀପ କୁମାର ମଲ୍ଲିକ,ଜଗଦୀଶ କହଁର, ରଞ୍ଜିତ କହଁର, ତ୍ରିନାଥ କହଁର, ଶ୍ରୀନିବାସ ମଲ୍ଲିକ, ଜେମା ମଲ୍ଲିକ, ସବିତା ମଲ୍ଲିକ, ବିନ୍ଦୁରେଖା କହଁର, ତ୍ରିଲୋଚନ ମହାପାତ୍ର, ଅରୁଣ ନାୟକ, ଅରକ୍ଷିତ ବେହେରା, ଦଶରଥ ସାହୁ ଏବଂ ସୁଦର୍ଶନ ବାଘ ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ । ଆସନ୍ତା ମାସ ୫ ତାରିଖ ଦିନ ଲ୍ୟାମ୍ପସ ର ଉପସଭାପତି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପରିଚାଳନା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

## ଡ଼କାୟତି ମାମଲାରୁ ୬ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ୍

ଗଞ୍ଜାମ,୨୬/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡାସ୍ଥିତ ନାୟକ ତୋଟାରେ ୬ ଜଣ ବ୍ୟକ୍ତି ଡ଼କାୟତି ଯୋଜନା କରୁଥିବା ବେଳେ ଦିଗପହଣ୍ଡି ପୋଲିସ ଗତ ୨୦୦୫ ମସିହା ଜାନୁଆରୀ ୨୮ ତାରିଖରେ ସେମାନଙ୍କୁ ଧରିଥିଲା । ସେମାନଙ୍କ ଠାରୁ କଟୁରୀ, ଖଣ୍ଡା, ବୋମା ଓ ମାରଣାସ୍ତ୍ର ଜବତ କରିଥିଲା । ଏହି ଘଟଣାରେ ୫ ଜଣ ସାକ୍ଷୀ ପୋଲିସ ପକ୍ଷରୁ ଦିଆଯାଇଥିଲା । ତେବେ ବ୍ରହ୍ମପୁର ଏସଡିଜେଏମ କୋର୍ଟ ମାମଲାର ବିଚାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଏହି ୬ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରିଛନ୍ତି ।

## କ୍ଷମତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନୂଆପଡ଼ା,୨୬/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଞ୍ଚ ଦିନ ବ୍ୟାପି ଚାଲିଥିବା କ୍ଷମତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ କୁମାର ଭୋଇ, ନୂଆପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳ ମଣି ଅଗସ୍ତି , ଖଡ଼ିଆଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି, ନୂଆପଡ଼ା ସମଗ୍ର ଶିକ୍ଷା ଷ୍ଟେନୋ ଅବିନାଶ ମିଶ୍ର , ସାଧନ କର୍ମୀ ନିଖିଳ ଓଝା , ଧର୍ମେନ୍ଦ୍ର କୁମାର ଦଣ୍ଡସେନା , ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ମଞ୍ଚାସୀନ ହୋଇଥିଲେ । ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶଥାଉକି , ସିନାପାଲି, ଖଡ଼ିଆଳ ଓ ବୋଡେନ ବ୍ଲକର ବିଭିନ୍ନ ବିଦ୍ୟାଳୟର ପଚାଶ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ତାଲିମ ଗ୍ରହଣ କରିଥିଲେ । ଶିକ୍ଷିକା ସଂଯୁକ୍ତା କୁମାରୀ ସାହୁ ଓ ଶିକ୍ଷକ ସିଦ୍ଧାର୍ଥ ଦାଶ ଗ୍ରହଣ କରିଥିବା ତାଲିମ ସଂପର୍କରେ ନିଜର ଅନୁଭୂତି ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ବେହେରା, ରତନ ସିଂହ ବାରିକ, ଗୌରୀ ଶଙ୍କର ଦୁବେ, ସୁର ବିଜୟ କାନ୍ତ ତାଣ୍ଡି, ନୀଳିମା ରାଣୀ ସାଗର, ପ୍ରଭୁଦତ୍ତ ପୁରୋହିତ, ପ୍ରଶାନ୍ତ କୁମାର ପଣ୍ଡା, ରାଜଶ୍ରୀ ଦଣ୍ଡସେନା , ଶ୍ୟାମ ନାରାୟଣ ମୁଣ୍ଡ, ନିରଞ୍ଜନ ବିଶ୍ୱାଳ,ମହମ୍ମଦ କାଲାମ, ସରସ୍ୱତୀ ରାଉତ , ବୈଷ୍ଣବ ମେହେର , ଆଶିଷ କୁମାର ପଟ୍ଟନାୟକ, ସିମନ୍ତ ହେର୍ଣ୍ଣା , ସୋହ କୁମାର କଟା ପ୍ରମୁଖ ସହଯୋଗ କରିଥିଲେ । ନୀଳଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳମଣି ମେହେର, ଶିକ୍ଷକ ଭୁବନେଶ୍ୱର ମେହେର, ଛବି ପୋଡ଼, ସପନ କୁମାର ବାରିକ, ମୁକେଶ ବାଗ , ଗୌତମ ପାତ୍ର ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## ମାଗଣା ଚକ୍ଷୁ ଚିକିତ୍ସା ଶିବର ଅନୁଷ୍ଠିତ

କୋରେଇ,୨୬/୦୬ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଚଣ୍ଡିଖୋଲ ସାଇ ନେତ୍ର ମନ୍ଦିର ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ପଂଚାୟତର ଓ ବାହାରୁ ବହୁ ବୟସ୍କ ବ୍ୟକ୍ତିମାନେ ପହଂଚି ନିଜର ଚକ୍ଷୁ ପରୀକ୍ଷା କରିବା ସହ ଅନୁଷ୍ଠାନର ଏପରି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ । ସାଇ ନେତ୍ର ମନ୍ଦିର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ସଂଜୀବ ମହାପାତ୍ର ଶିବିର ପରିଚାଳନା କରିଥିବା ବେଳେ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ସମସ୍ତ ସହଯୋଗ କରିଥିଲେ । ଏହି ଶିବିରରୁ ୪ଜଣ ମହିଳା ଓ ୭ଜଣ ପୁରୁଷ ମୋଟ ୧୧ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଚଣ୍ଡିଖୋଲକୁ ଅନୁଷ୍ଠାନର ନିଜସ୍ୱ ଗାଡିରେ ନିଆଯାଇଥିଲା ।

## ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୫ ଅସୁସ୍ଥ

ମାଲକାନଗିରି,୨୬/୦୬ (ନି.ପ୍ର): ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ପଚାଂୟତ ଅନ୍ତର୍ଗତ କଂଟାସାରୁ ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । କଂଟାସାରୁ ଗ୍ରାମର ତିଲାଇ ହନ୍ତାଳ, (ବୟସ-୭୦ ) ବୃଦ୍ଧା ଆଜି ସକାଳେ କିଛି ବନ୍ୟଦ୍ରବ୍ୟ ସସ୍ତଗ୍ରହ ଉଦ୍ଦେଶ୍ୟରେ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ । ଫେରିବା ବେଳେ ଜଙ୍ଗଲରେ ଫୁଟିଥିବା କିଛି ଛତୁ ଘରେ ଖାଇବା ପାଇଁ ଆଣିଥିଲେ ଏବଂ ଉକ୍ତ ଛତୁକୁ ରୋଷେଇ କରି ପରିବାରର ଚେମ୍ପୁ ହନ୍ତାଳ, ଘାସୀ ହନ୍ତାଳ, ଜେରୁକୁ ହନ୍ତାଳ ଓ ମାଣିକ ହନ୍ତାଳ ପ୍ରମୁଖ ମିଳିମିଶି ଖାଇଥିଲେ । ଖାଇବାର କିଛି ସମୟ ପରେ ସମସ୍ତଙ୍କ ଦେହ ହାତ ବ୍ୟଥା ଲାଗିବା ସଙ୍ଗେ ସଙ୍ଗେ ବାନ୍ତି ହୋଇଥିଲା । ଏହି ଖବର ପାଇ ବିଙ୍ଗୁଗୁଡାର ଗୋପୀ ପାଙ୍ଗି ଓ କୁଡୁମୁଲୁଗୁମ୍ମା ର ରମେଶ ଚନ୍ଦ୍ର ନେଲୁର କଂଟାସାରୁ ଗ୍ରାମକୁ ଯାଇ ଏକ ଅଟୋ ସହାୟତାରେ ଅସୁସ୍ଥମାନଙ୍କୁ ନିକଟସ୍ଥ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଯେଉଁଠି ଡାକ୍ତର ଓ ଅନ୍ୟ କର୍ମଚାରୀ ମାନେ ଉକ୍ତ ବ୍ୟକ୍ତି ମାନଙ୍କୁ ଚିକିତ୍ସା କରିଥିଲେ । ଡାକ୍ତରଙ୍କ କହିବା ଅନୁଯାୟୀ, ବିଷାକ୍ତ ଜିନିଷ ଖାଇବା ଫଳରେ ଏପରି ଘଟିଛି ଏବଂ ସମସ୍ତଙ୍କୁ ଉପଯୁକ୍ତ ଚିକିତ୍ସା ସହ ନିୟମିତ ନିରୀକ୍ଷଣ ଚାଲିଛି । ବର୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅଛି ଓ ଯଦି କୌଣସି ସମସ୍ୟା ଦେଖାଯାଏ, ସେମାନଙ୍କୁ ଉତମ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ଦେଇଛନ୍ତି ।

## ତିନିରଥର ୨୭ ପାର୍ଶ୍ୱଦେବାଦେବୀଙ୍କ ରଙ୍ଗକାମ ଶେଷ ପର୍ଯ୍ୟାୟରେ

ପୁରୀ,୨୬/୦୬ (ନି.ପ୍ର): ଆଉମାତ୍ର ୭ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ରତ୍ନସିଂହାସନ ଛାଡ଼ି ଭକ୍ତ ଗହଣରେ ଚତୁର୍ଦ୍ଧାମୂର୍ତି ଯଜ୍ଞବେଦୀକୁ ବିଜେ କରିବେ । ଭକ୍ତ ଯୁକ୍ତ ରଥଯାତ୍ରା ପାଇଁ ଚଳିତବର୍ଷ ରାଜ୍ୟ, ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷହେବା ସହ ଅପେକ୍ଷା ମହାପ୍ରଭୁଙ୍କ ବିଜେକୁ । ତିନି ରଥରେ ୨୭ଟି ପାର୍ଶ୍ୱ ଦେବାଦେବୀ ସ୍ଥାପନ ହେବେ । ପ୍ରତି ନବକଳେବର ସମୟରେ ନୂଆ ପାର୍ଶ୍ୱଦେବାଦେବୀ ନିର୍ମିତ ହୋଇଥାନ୍ତି । ଏହାପରେ ପ୍ରତିବର୍ଷ ପାର୍ଶ୍ୱଦେବାଦେବୀଙ୍କୁ ଚିତ୍ରକର ସେବାୟତମାନେ ରଙ୍ଗ କରିଥାନ୍ତି । ଆବଶ୍ୟକ ପଡ଼ିଲେ ରୂପକାର ସେବକମାନେ ପାର୍ଶ୍ୱ ଦେବାଦେବୀଙ୍କ ମରାମତି କରିଥାନ୍ତି । ନେତ୍ରୋତ୍ସବ ପୂର୍ବଦିନ ତିନି ରଥରେ ପାର୍ଶ୍ୱଦେବାଦେବୀ ଅଧିଷ୍ଠିତ କରାଯିବ । ପ୍ରତି ରଥରେ ୯ଟି ଲେଖାଏଁ ପାର୍ଶ୍ୱଦେବାଦେବୀ ରହିଥାନ୍ତି । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ପ୍ରଳମ୍ବାରୀ ମହାଦେବ, ବାଇଶିଭୂଜ ନୃସିଂହ, ବଳରାମ, ନଟବର ଗଣେଶ, ଅଙ୍ଗଦ, ନାଟାମ୍ବର, ସଡ଼ାନନ କାର୍ତିକେଶ୍ୱର, ମଧୁକୈଟଭ ଓ ଅନନ୍ତ ବାସୁଦେବ ରହିଥାନ୍ତି । ସେହିପରି ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ହରିହର, ପଣ୍ଡୁ ନୃସିଂହ, ଗିରି ଗୋବର୍ଦ୍ଧନଧାରୀ, ରାବଣ ଛତ୍ରଭଙ୍ଗ, ଚିନ୍ତାମଣି କୃଷ୍ଣ, ନାରାୟଣ, ମଧୁସୂଦନ, ଲକ୍ଷ୍ମଣ ଓ ପଂଚମୁଖୀ ମହାବୀର ବିରାଜମାନ କରିବା ସହ ରଥ ସୁରକ୍ଷା ଦାୟିତ୍ୱରେ ରହିଥାନ୍ତି । ଦେବୀ ସୁଭଦ୍ରଙ୍କ ଦର୍ପଦଳନ ରଥରେ ବିମଳା, ମଙ୍ଗଳା, ବରାହୀ, ଭଦ୍ରକାଳୀ, ବନଦୁର୍ଗା, କାତ୍ୟାୟନୀ, ହରଚଣ୍ଡୀ, ରାମଚଣ୍ଡୀ ଓ ଅଘୋରୀ ଆଦି ଦେବୀମାନେ ମାଙ୍କ ରଥଚାରିପଟ ଘେରି ରହିଥାନ୍ତି । ପାର୍ଶ୍ୱ ଦେବାଦେବୀମାନେ ରଙ୍ଗ ହେବା ପରେ ଅତିଚମତ୍କାର ଓ ଜୀବନ୍ତ ଦେଖାଯାଉଛନ୍ତି ।

## ମହାବୀର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

କେନ୍ଦ୍ରାପଡ଼ା,୨୬/୦୬ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ନିକିରାଇରେ ଥିବା ମହାବୀର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରାଙ୍କ ନାମରେ ଯେଉଁସବୁ ଅଭିଯୋଗ ଆସିଥିଲା ସେଗୁଡିକ ଅମୂଳକ ଥିଲା ବୋଲି ବିଦ୍ୟାଳୟର ମୋ ସ୍କୁଲ ଅଭିଯାନର ସଭାପତି ପ୍ରଭାତ କୁମାର ଉଡ଼ାନସିଂ ଓ ସରପ ଅପର୍ଣ୍ଣା ଉଡ଼ାନସିଂଙ୍କ ତତ୍ତ୍ୱାବଧାନରେ ଅନୁôଠିତ ବୈଠକରେ ବୈଠକରେ ମତ ପ୍ରକାଶ କରିଥିଲେ । ମୋ ସ୍କୁଲ ଅଭିଯାନର ସଭାପତି ଉଡ଼ାନସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହାକୁ ବିଦ୍ୟାଳୟ ପରିଚାଳନା କମିଟି, ରୋଷେୟା କମିଟି ଓ ମୋ ସ୍କୁଲ ଅଭିଯାନ କମିଟିର ସମସ୍ତ ସଦସ୍ୟ ଗ୍ରହଣ କରିଥିଲେ । ଏହି ନିଷ୍ପତି ମଧ୍ୟରେ ରହିଛି ପାଠ ପଢାରେ ସ୍ୱଚ୍ଛତା ରକ୍ଷା କରାଯିବ, ଶିକ୍ଷକ ଅଭାବ ପୂରଣ କରାଯିବ, ମଧ୍ୟାହ୍ନ ଭୋଜନ ଗୋଷ୍ଠୀ କରରୁଥିବା ଖାଦ୍ୟର ମାନ ଉନ୍ନତ କରାଯିବ, ନୂତନ ଭାବେ ରୋଷେଇ ଘର କରିବା, ନବମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୩୨ ଜଣ ପିଲାଙ୍କ ମଧ୍ୟରୁ ୫୦୦ରୁ ଅଧିକ ନମ୍ବର ରଖିଥିବା ୯ ଜଣ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା । ବୈଠକରେ ମୋ ସ୍କୁଲ ଅଭିଯାନର ସଭାପତି ତଥା ସରପ ଙ୍କ ପ୍ରତିନିଧି ପ୍ରଭାତ କୁମାର ଉଡ଼ାନସିଂହ, ଚି ରଞ୍ଜନ ଜେନା, ରବିନ୍ଦ୍ର ସାହୁ, ତ୍ରିବିକ୍ରମ ଶତପଥି, ବସନ୍ତ ରାଉତ, ସୁଶାନ୍ତି ରଣା, ଅଜମ୍ବର ଜେନା, ଚୌଧୁରୀ ଜେନା, ଖଗେଶ୍ୱର ଦାସ, ପରିଚାଳନା କମିଟି ସଭାପତି ହେମନ୍ତ ମଲ୍ଲିକ, ସନ୍ତୋଷ କୁମାର ଜେନା, ଦୁଃଶାସନ ଜେନା, ଚିନ୍ମୟ ବାରିକ, ଅନ୍ନପୂର୍ଣ୍ଣା ସେଠୀ, ଟୁକୁନି ଚରଣ ମଲ୍ଲିକ, ପୁଷ୍ପଲତା ମଲ୍ଲିକ, ସୁଷମା ମଲ୍ଲିକ, ବାବନା ମଲ୍ଲିକ, ଦମୟନ୍ତି ମଲ୍ଲିକ, ସଞ୍ଜୁକ୍ତା ମଲ୍ଲିକ, ନିରୁପମା ମଲ୍ଲିକ, ଉତମ ମଲ୍ଲିକ, ରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟ ସଦସ୍ୟ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଯାହା ନିଷ୍ପତି ହେଲା ତାହା ଜିଲାପାଳଙ୍କୁ ଜଣାଇ ଦିଆଯିବ ବୋଲି ବୈଠକରେ ସ୍ଥିର କରାଗଲା । ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରାଙ୍କ ଅବଦାନ ଯୋଗୁ ଚଳିତ ବର୍ଷ ବିଦ୍ୟାଳୟ ପ୍ରକୃତି ମିତ୍ର ପୁରସ୍କାର ସହ ୨୦ ଟଙ୍କା ଓ ମାନପତ୍ର ପାଇଥିବାରୁ ପ୍ରଧାନ ଶିକ୍ଷକଙ୍କୁ ସମସ୍ତ କର୍ମକର୍ତା ବଧେଇ ଜଣାଇଥିଲେ ।

## ଫୁଲବାଣୀ ବନଜ୍ୟୋସ୍ନା ସାହିତ୍ୟ ସଂସଦ ତରଫରୁ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ

କନ୍ଧମାଳ,୨୬/୦୬ (ନି.ପ୍ର): କନ୍ଧମାଳ ଜିଲାର ଅଗ୍ରଣୀ ସାହିତ୍ୟ ସଂସଦ ବନଜ୍ୟୋସ୍ନା ସାହିତ୍ୟ ସଂସଦ ତରଫରୁ ଜିଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ଙ୍କ ନେତୃତ୍ୱରେ ଉପ ସଭାପତି ଶରତ ଚନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ଜିଲାର ସାହିତ୍ୟିକ ବାତାବରଣ ଓ ଅନୁଷ୍ଠାନର ଭୂମିକା ସମ୍ପର୍କରେ ଅବଗତ କରାଇବା ସହ ଅନୁଷ୍ଠାନର ତ୍ରୟମାସିକ ପତ୍ରିକା "ବନଜ୍ୟୋସ୍ନା" ର ବିଭିନ୍ନ ସଂଖ୍ୟା ପ୍ରଦାନ କରିଥିଲେ । କନ୍ଧମାଳ ଜିଲାରେ ଦୀର୍ଘ ୩୦ ବର୍ଷ ଧରି ଏହି ଅନୁଷ୍ଠାନ ସାହିତ୍ୟ ସଚେତନତା ଓ ପତ୍ରିକା ପ୍ରକାଶନ ସମ୍ପର୍କରେ ଜାଣି ଜିଲାପାଳ ଖୁସି ବ୍ୟକ୍ତ କରି ଥିଲେ । ଏହି ଅବସରରେ ଅନୁଷ୍ଠାନର ମହିଳା ସଦସ୍ୟା ବିରାଜୀନୀ ମହାପାତ୍ର,ସୁନିତୀ ଆଚାରୀ, ଏନ.ଲୀନା ଚାନ୍ଦ,ବୈଜୟନ୍ତୀ ମହାପାତ୍ର,ସ୍ୱାଗତୀକା ପଟ୍ଟଯୋଶୀ ଏବଂ ସସ୍ମିତା ସାହୁ ପୁଷ୍ପ ଗୁଚ୍ଛ ଓ ପୁସ୍ତକ ପ୍ରଦାନ କରିଥିଲେ । ଶେଷରେ ନୂତନ ଜିଲାପାଳ ଆଗାମୀ ଫେବୃୟାରୀ ମାସରେ ହେବାକୁ ଥିବା ବନଜ୍ୟୋସ୍ନା ପୁସ୍ତକମେଳା ରେ ସମସ୍ତ ପ୍ରକାର ସହଯୋଗ କରିବାର ପ୍ରତିଶ୍ରୁତି ଦେଇ ବିଭିନ୍ନ ଫଟୋ ଉତୋଳନ ପାଇଁ ଅନୁମତି ଦେଇଥିଲେ । ଦୀର୍ଘ ସମୟ ଆଲୋଚନା ପରେ ଜିଲାପାଳ ଅନୁଷ୍ଠାନର ପଞ୍ଜିକରଣ ଓ ସଦସ୍ୟ ସଦସ୍ୟା ମାନଙ୍କ ଫଟୋକୁ ପତ୍ରିକା ମଧ୍ୟରୁ ଅନୁଧ୍ୟାନ କରି ଖୁସି ବ୍ୟକ୍ତ କରିଥିଲେ ।

## ଅଭିଯୁକ୍ତକୁ ଧରିବା ପାଇଁ ଏସ୍‌ଡିପିଓଙ୍କ ସହିତ ଆଲୋଚନା

କେନ୍ଦ୍ରାପଡ଼ା,୨୬/୦୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଦୁମୁକା କାନପୁର ଗ୍ରାମର ମନୋରଞ୍ଜନ ପରିଡ଼ା ଓ ତାଙ୍କ କର୍ମଚାରୀଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁନଥିବା ଏକ ପ୍ରତିନିଧି ଦଳ ଏସଡିପିଓ ରାଜୀବ ଲୋଚନ ପଣ୍ଡାଙ୍କୁ ଭେଟି ଗିରଫ ପାଇଁ ଦାବି କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଗୋଜବାୟାଣୀ ଠାରେ ଏକ ହୋଟେଲ କରିଥିବା ଶ୍ରୀ ପରିଡାଙ୍କୁ ସେହି ଗ୍ରାମର ନରେଶ କୁମାର ସେଠୀ ହୋଟେଲରେ ପଶି ମାଡ଼ ମରିବା ଏବଂ ଗଣ୍ଡଗୋଳ କରିବାକୁ ନେଇ ମାର୍ଶାଘାଇ ଥାନାରେ ଏତଲା ଦିଆଯାଇଛି । ଥାନା ଅଧିକାରୀ ଅଭିଯୁକ୍ତକୁ ଧରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁବାରୁ ବଜରଙ୍ଗ ଦଳର ଏକ ପ୍ରତିନିଧି ଦଳ ମାମଲାକୁ ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରିଛନ୍ତି ।

## ମିଶାରେ ଗିରଫ ହୋଇଥିବା ୪ ଜଣଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା

ଘସିପୁରା,୨୬/୦୬ (ନି.ପ୍ର): ବିଜେପି ପକ୍ଷରୁମିଶାରେ ଗିରଫ ହୋଇଥିବା ୪ ଜଣ ଙ୍କୁସମ୍ବର୍ଦ୍ଧନା କରାଯାଇଛି । ୧୯୭୫ ମସିହା ଜୁନ ୨୫ ତାରିଖ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଙ୍କ ଦ୍ୱାରା ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରି ଭାରତ ବର୍ଷର ନାଗରିକ ମାନଙ୍କ ର ମୌଳିକ ଅଧିକାର କୁ କ୍ଷୁର୍ଣ୍ଣ କରିଥିଲେ । ଭାରତ ବର୍ଷର ସମସ୍ତ ବିରୋଧୀ ଦଳର ନେତା ମାନଙ୍କୁ ଜେଲରେ ଭର୍ତି କରିଦେଇଥିଲେ । ଏହାର ପ୍ରତିବାଦରେ ଆଜି ୪୮ ତମ କଳା ଦିବସ ଆନନ୍ଦପୁର ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜରୁରୀ କାଳୀନ ପରିସ୍ଥିତି ରେ ଆନନ୍ଦପୁର ସହରରେ ମିଶା ରେ ଗିରଫ ହୋଇଥିବା ୪ ଜଣ ସର୍ବଶ୍ରୀ ରବିନ୍ଦ୍ର କୁମାର ଚାନ୍ଦ, ଗଦାଧର ମିଶ୍ର, ସୁରେଶ କୁମାର ପାଢ଼ୀ ଓ ନଗେନ୍ଦ୍ର କୁମାର ଚାନ୍ଦ ପ୍ରମୁଖ ଙ୍କୁ ଉତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମଦ୍ଧିତ କରାଯାଇଥିଲା । ମିଶା ବନ୍ଦୀ ମାନେ ତାଙ୍କଂର ଜେଲ ଜୀବର ଓ ଜରୁରୀ କାଳୀନ ପରିସ୍ଥିତି ରେ ଅତ୍ୟାଚାର, ଗଣତନ୍ତ୍ର କିପରି ହତ୍ୟା କରାଯାଇଥିଲା ତାଉପରେ ଭାଷଣରେ କହିଥିଲେ । ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ର ରାଜ୍ୟ ସଂଯୋଜକ ଶ୍ରୀ ମହେଶ୍ୱର ସାହୁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଶ୍ରୀ ଆଲୋକ କୁମାର ସେଠୀ ଜରୁରୀ କାଳୀନ ପରିସ୍ଥିତି ଉପରେ ଭାଷଣରେ କହିଥିଲେ ।

## ବିଜେପି ତରଫରୁ କଳାଦିବସ ପାଳିତ

କେନ୍ଦ୍ରାପଡ଼ା,୨୬/୦୬ (ନି.ପ୍ର): ୧୯୭୫ ମସିହା ଜୁନ ୨୫ ତାରିଖ ଭାରତ ଇତିହାସରେ ଏକ କଳା ସମୟ ଥିଲା । ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ଗଣତନ୍ତ୍ରର ହତ୍ୟା, ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଦ୍ୱାରା ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇ ଥିଲା । ସାଧାରଣ ନାଗରିକଙ୍କ ମୌଳିକ ଅଧିକାରଙ୍କୁ ଛଡାଇ ନିଆଯାଇ ଥିଲା । ଗଣମାଧ୍ୟମର କଣ୍ଠରୋଧ କରାଯାଇ ଲକ୍ଷ ଲକ୍ଷ ରାଜନୈତିକ ନେତା, ଯୁବକ, ସାମ୍ବାଦିକ, ସମାଜସେବୀଙ୍କୁ ବଳପୂର୍ବକ ଜେଲରେ ଭର୍ତି କରାଯାଇ ଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲା ବିଜେପି ପକ୍ଷରୁ ଦୁହୁରିଆ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ କଳାଦିବସ ପାଳନ କରାଯାଇଛି । ବିଜେପି ରାଷ୍ଟ୍ରୀୟ ପରିଷଦର ସଭ୍ୟ ବୈଦନାଥ ଚାଟାର୍ଜୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପୀନ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଅଭିମନ୍ୟୁ ଗୋଛାୟତ, ଗଗନ ବିହାରୀ ସାହୁ, ସଂଜୟ ସାହୁ, ସରୋଜ ନାୟକ, ନେହେରୁ କୁମାର ସାହୁ ପ୍ରମୁଖ ଯୋଗଦେଇ କଳା ଦିବସ ଏବଂ କଂଗ୍ରେସର ସ୍ୱେଚ୍ଛାଚାରିତା ଓ କୁଶାସନ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶୋଭନ ଆଚାର୍ଯ୍ୟ, ବନ୍ଦନାରାଣୀ ରାଉତରାୟ, ଲିଜାରାଣୀ ଦାସ, ଝିଲି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୨୦୨୫ ମସିହାରେ ଓଡ଼ିଶା ଶିଶୁ ଶ୍ରମିକ ମୁକ୍ତ ରାଜ୍ୟ ଭାବେ ଗଣିତ ହେବ

ଗଂଜାମ,୨୬/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶ୍ରମ ବିଭାଗୀୟ ସମୀକ୍ଷା ବୈଠକ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗୀୟ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଅଛି । ବ୍ରହ୍ମପୁର ସ୍ଥିତ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଥିବା ସମିକ୍ଷାରେ ମନ୍ତ୍ରୀ ଶ୍ରୀ ସାହୁ ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ମୁଖ୍ୟ ମନ୍ତ୍ରୀ ଶ୍ରମିକ ମାନଙ୍କର ଉନ୍ନତି ଦିଗରେ ଯଥେଷ୍ଟ ଧ୍ୟାନ ଦେଉଛନ୍ତି । ଶ୍ରମ ବିଭାଗ ଯେପରି ଲୋକଙ୍କ ନିକଟତର ହେବ ସେଥି ସକାଶେ ଆଶୁ ପଦକ୍ଷେପ ଗ୍ରହଣ କରାଯାଉଅଛି । ରାଜ୍ୟରେ ୩୫୦୦ କୋଟି ଟଙ୍କା ନିର୍ମାଣ ଶ୍ରମିକ ସହାୟତା ରାଶି ପ୍ରଦାନ କରାଯାଇଅଛି, ଆଗାମୀ ଦିନରେ ୮୦୦ କୋଟି ଟଙ୍କା ବଂଟନ କରାଯିବ । ରାଜ୍ୟର ପ୍ରତି ବ୍ଲକ୍ ଜଣେ ଲେଖାଏ ସହକାରୀ ଶ୍ରମ ଅଧିକାରୀ ହେବେ, ଏଣୁ ଏହି ପ୍ରକ୍ରିୟା ଚାଲିଛି । ପ୍ରତି ବ୍ଲକରେ ସହକାରୀ ଶ୍ରମ ଅଧିକାରୀ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପରେ ଶ୍ରମିକ ମାନଙ୍କର ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତି ହେବ । ଗଞ୍ଜାମ ଜିଲ୍ଲାର ଅନେକ କୁଶଳୀ ଶ୍ରମିକ ସୁରଟରେ କାର୍ଯ୍ୟ କରିବାକୁ ଯାଆନ୍ତି, ତେଣୁ ସୁରଟ ଠାରେ ଶ୍ରମ ବିଭାଗର କାର୍ଯ୍ୟାଳୟ ସ୍ଥାପନ ନିମିତ ପତ୍ରାଳପ ଚାଲିଛି, ସେଠାରୁ ଅନୁମତି ପତ୍ର ହସ୍ତଗତ ହେବା ପରେ ଏହି କାର୍ଯ୍ୟକୁ ତ୍ୱରାନିତ କରାଯିବ । ଓଡ଼ିଶା ରାଜ୍ୟରେ ୨୦୨୫ ମସିହାରେ ଶିଶୁ ଶ୍ରମିକ ମୁକ୍ତ ରାଜ୍ୟ ଭାବେ ଘୋଷଣା କରାଯିବ । ଏଥି ସକାଶେ ସଚେତନତା ଓ ଚଢ଼ାଉ କାର୍ଯ୍ୟକୁ ବ୍ୟାପକ କରାଯାଉଅଛି । ଶିଶୁ ଶ୍ରମିକ ମାନଙ୍କୁ ଶ୍ରମ ଖଟିବାକୁ ଦିଆଯିବ ନାହିଁ, ସେମାନେ ଶିକ୍ଷା ବ୍ୟବସ୍ଥାରେ ସାମିଲ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ । ଶ୍ରମିକ ଗଣ ଶ୍ରମିକ ପରିଚୟ ପତ୍ର ପାଇବା ଦିଗରେ ଦେଖା ଯାଉଥିବା ବ୍ୟବସ୍ଥାର ସରଳୀକରଣ କରାଯିବ । ପରିଚୟ ପତ୍ର ଆବଂଟନ ଓ ଶ୍ରମିକ ମାନଙ୍କର ସହାୟତା ପ୍ରଦାନ କ୍ଷେତ୍ରରେ ମେଳା ମାନ ଆୟୋଜନ କରି ପ୍ରଦାନ କରିବାରୁ ମନ୍ତ୍ରୀ ଶ୍ରୀ ସାହୁ ଶ୍ରମ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇ ଥିଲେ । ୫ଟି ଅନ୍ତର୍ଗତ ଶ୍ରମିକ ଗଣକିଭଳି ସୁବିଧା ହାସଲ କରିବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ମନ୍ତ୍ରୀ ଶ୍ରୀ ସାହୁ ବ୍ୟକ୍ତ କରିଥିଲେ ।

ଶ୍ରମ ଆଇନ ଅନୁସାରେ ଶ୍ରମିକ ଗଣ ଠିକ୍ ମଜୁରୀ ପାଇବା ହକଦାର ଏବଂ ସେମାନେ କେତେ ଘଂଟାର ଶ୍ରମ ଦାନ କରିବେ ତାହା ମଧ ଧାର ?ୟ ହୋଇଛି । ୨୦୧୦ ମସିହା ଠାରୁ ନିର୍ମାଣ ଶ୍ରମିକ ବୋର୍ଡ ଗଠନ କରାଯାଇଛି । ଶ୍ରମିକ ଗଣ ସମସ୍ତ୍ ସରକାରୀ ସହାୟତା ପାଇବା ସକାଶେ ସରକାରଙ୍କ ତରଫରୁ ପଞ୍ଜିକରଣ କରାଯାଇଛି । ସିଧା ସଳଖ ସେମାନଙ୍କ ଜମା ଖାତାକୁ ସହାୟତା ଟଙ୍କା ଦିଆଯାଉଥିବା ତଥ୍ୟ ଯୁଗ୍ମ ଶ୍ରମ କମିଶନର ଦୀପ୍ତି ରଞ୍ଜନ ମହାନ୍ତି ପ୍ରକାଶ କରିଥିଲେ । ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଶ୍ରମିକ ମାନଙ୍କ ଆସୁବିଧା ଓ ପଞ୍ଜିକରଣ ଦିଗରେ ଶ୍ରମିକ ମାନଙ୍କର ଅସୁବିଧା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କେଉଁ ମାନଙ୍କୁ ସଂଗଠିତ ଶ୍ରମିକ କିମ୍ୱା ନିର୍ମାଣ ଶ୍ରମିକ ଭାବେ ଗ୍ରହଣ କରାଯିବ ।

# ଲୁଣର ପ୍ରୟୋଗ






ପାଣିପାଗର ପରିବର୍ତ୍ତନ ଯୋଗୁଁ ବ୍ୟାକ୍ଟେରିଆମାନେ ସକ୍ରିୟ ହୋଇଯାନ୍ତି । ତେଣୁ ଥଣ୍ଡା ଓ ଗରମ ପାଗ ହେଲେ ଜ୍ୱର ହେବା ତ ସାଧାରଣ କଥା । କେତେବେଳେ ଡେଙ୍ଗୁ, ଭାଇରାଲ ଫିଭର ହେବାର ଆଶଙ୍କା ଥାଏ । ସବୁ ପ୍ରକାରର ଜ୍ୱର ପାଇଁ ଔଷଧ ହେଲା ଲୁଣ । ଏହାକୁ ଗରମ କରି ବ୍ୟବହାର କରିଲେ ଉପକାର ମିଳିଥାଏ । ଏହି ଲୁଣର ପ୍ରୟୋଗରେ କୌଣସି ପ୍ରକାରର ଜ୍ୱର ପାଇଁ ଲାଭ ମିଳିଥାଏ ।

ପ୍ରଣାଳୀ:- ଖାଇବା ଲୁଣକୁ କଡ଼େଇରେ ଧୀମା ଆଞ୍ଚରେ କଫି ରଙ୍ଗ ହେବା ପର୍ଯ୍ୟନ୍ତ ଗରମ କରନ୍ତୁ । ଏହା ପରେ ଏହାକୁ ଥଣ୍ଡା କରି ଡବାରେ ରଖନ୍ତୁ । ଜ୍ୱର ଆସିବା ପୂର୍ବରୁ ଗରମ ପାଣିରେ ଏକ ଚାମଚ ଲୁଣ ମିଶାଇ ପିଅନ୍ତୁ । ଏହି ପରିଭାବରେ ଦୁଇରୁ ତିନି ଗ୍ଲାସ ପାଣି ପିଇଲେ ଜ୍ୱର ହେବ ନାହିଁ । ଏହାକୁ ଖାଲି ପେଟରେ ପିଇବା ଉଚିତ । ପାଣି ପିଇବା ପରେ କିଛି ଖାଇବା ଉଚିତ ନୁହେଁ ଓ ଧ୍ୟାନ ରଖିବେ ଏହି ସମୟରେ ରୋଗୀକୁ ଯେପରି ଥଇଣ୍ଡା ନହୁଏ । ଯଦି ରୋଗୀକୁ ଶୋଷ ଲାଗେ ତେବେ ଫୁଟା ପାଣି ଥଣ୍ଡା କରିଦିଅନ୍ତୁ ।

# ପକ୍ଷାଘାତ

ଯଦି ଅଚାନକ ମସ୍ତିଷ୍କର  କୌଣସି ଅଂଶରେ ରକ୍ତର ପ୍ରବାହ ବନ୍ଦ ହୋଇଯାଏ ବା ମସ୍ତିକ୍‌ର କୌଣସି ରକ୍ତ ବାହିକା ଫାଟିଯାଏ ଓ ମସ୍ତିଷ୍କର କୋଶିକାଗୁଡ଼ିକ ପାର୍ଶ୍ୱରେ ରକ୍ତ ଭରିଯାଏ ତେବେ ଏହା ପକ୍ଷାଘାତ ହୋଇଛି ବୋଲି ଜାଣା ପଡ଼ିଥାଏ । ପକ୍ଷାଘାତରେ ସାଧାରଣତଃ ଶରୀରରେ କୌଣସି ଭାଗକୁ ଅଚଳ କରିଦେଇଥାଏ । କେବଳ ଚେହେରା, ଗୋଟେ ହାତ, ଗୋଟେ ଗୋଡ଼ ବା ଶରୀରକୁ ଦୁର୍ବଳ କରିଦିଏ । ମସ୍ତିଷ୍କରେ ଅପର୍ଯ୍ୟାପ୍ତ ରକ୍ତ ଆପୂର୍ତ୍ତି ସ୍ଥିତିରେ ମସ୍ତିଷ୍କରେ  ଅପର୍ଯ୍ୟାପ୍ତ ରକ୍ତ ଆପୂର୍ତ୍ତି ସ୍ଥିତିରେ ମସ୍ତିଷଶ୍କର କୋଶିକାଗୁଡ଼ିକରେ ଅକ୍ସିଜେନ ଓ ପୋଷଣର ଅଭାବକୁ  ସ୍ଥାନିକାରକ୍ତତା କୁହାଯାଏ । ଏହୀ କାରଣରୁ ମସ୍ତିଷ୍କର କୋଶିକା ମୃତ ହୋଇଯାଏ ଓ ଅନ୍ତତଃ କ୍ଷତିଗ୍ରସ୍ତ ମସ୍ତିଷ୍କରେ ତରଳ ଯୁକ୍ତ ଗୁହିକା ତାହାର ସ୍ଥାନ ନେଇଥାଏ । ଯେଉଁ ବ୍ୟକ୍ତିର ମସ୍ତିଷ୍କର ବାମ ଗୋଲାର୍ଦ୍ଧ ଡାହାଣ ପାର୍ଶ୍ୱକୁ ପାରାଲିସିସ ହୁଏ । ଯେଉଁ  ବ୍ୟକ୍ତିଙ୍କର ଡାହାଣ ହେମିସ୍ପିୟରରେ ଆଘାତ ଲାଗେ ତାର ବାମ ଅଙ୍ଗ ଅର୍ଦ୍ଧାଙ୍ଗର ଶିକାର ହୁଏ । ମସ୍ତିଷ୍କରେ ରକ୍ତପ୍ରବାହ ବାଧିତ ହେଲେ ମସ୍ତିଷ୍କର କିଛି କୋଶିକା ତୁରନ୍ତ ମୃତ ହେ'ଇଯାନ୍ତି ଓ ଅବଶିଷ୍ଟ କୋଶିକାଙ୍କର ମୃତ ହେବାର ଆଶଙ୍କା ବୃଦ୍ଧି ପାଇଥାଏ । ସଠିକ୍ ସମୟରେ ଔଷଧ ସେବନ ଦ୍ୱାରା କ୍ଷତିଗ୍ରସ୍ତ କୋଶିକାମାନଙ୍କୁ ଜୀବିତ ରଖାଯାଇପାରିବ । ଅଧ୍ୟନରୁ ଜଣାପଡ଼ିଛି ଯେ ଆଘାତ ଲାଗିବାର ତିନି ଘଣ୍ଟା ମଧ୍ୟରେ ରକ୍ତ ଜମାଟକୁ ତରଳେଇବାର ଟିସୁ୍ୟ ପ୍ଲାଜମନୋଜେନ ଏକ୍ଟିଭେଟର ଦେଇ ଏହି କୋଶିକାରେ ରକ୍ତ ପ୍ରବାହ କରାଯାଇ ପାରିବ । ପ୍ରାରମ୍ଭିକ ଆକ୍ରମଣ ପରେ ହୋଇଥିବା କ୍ଷତିକୁ ବନ୍ଦ କରିବା ପାଇଁ ବହୁତ ପ୍ରକାରର ନ୍ୟୁରୋ ପ୍ରୋଟେକଟିଭ ମେଡିସିନ ଉପରେ ପରୀକ୍ଷଣ ଚାଲିଛି ଲୋକମାନେ ପକ୍ଷାଘାତକୁ ବ୍ରେନ ଷ୍ଟ୍ରୋକ୍ ଭାବରେ ନେବା ଓ ତୁରନ୍ତ ଚିକିତ୍ସା କରିବା ଉଚିତ୍ ।





# ସ୍ମାର୍ଟ ଡଷ୍ଟବିନ୍



ଚୀନର  ପ୍ରସିଦ୍ଧ ଇଲେକ୍ଟ୍ରୋନିକ୍ସ କମ୍ପାନି ଜିଓମି ଦ୍ୱାରା 'ସ୍ମାର୍ଟ ଡଷ୍ଟବିନ ବା ଅଳିଆକୁଣ୍ଡ' ବିକଶିତ ହୋଇଛି । ଏହା ସ୍ୱୟଂଚାଳିତ ଏବଂ ଅତି ଶକ୍ତିଶାଳୀ ସେନସର ଦ୍ୱାରା ପରିଚାଳିତ । ଢ଼ଶଙ୍କୁଣି ବାୟୁନିରୋଧୀ ହୋଇଥିବାରୁ ପରିବେଶ ଦୁର୍ଗନ୍ଧ ହେବାର ସମ୍ଭାବନା ନାହିଁ । ଅଳିଆକୁଣ୍ଡ ଠାରୁ ପଞ୍ଚତିରିଶ ସେଣ୍ଟିମିଟର ଦୂରତା ପର୍ଯ୍ୟନ୍ତ ମଣିଷର ହାତ କିମ୍ୱା କୌଣସି ସାମଗ୍ରୀ ସେନସର ଦ୍ୱାରା ଚିହ୍ନଟ ହୁଏ ଏବଂ ଢ଼ାଙ୍କୁଣି ଆପେ ଖୋଲିଯାଏ । ଅଳିଆ ପକାଇବା ସହଜ । ସ୍ମାର୍ଟ ଅଳିଆକୁଣ୍ଡର ଉଚ୍ଚତା ଚାଳିଶ ସେଣ୍ଟିମିଟର, ଓଜନ ସାଢ଼େ ତିନି କିଲୋଗ୍ରାମ । ପ୍ରାୟ ପନ୍ଦର କିଲୋଗ୍ରାମ ଓଜନର ଅଳିଆ ଧରିରଖିବାକୁ ଏହା ସକ୍ଷମ । ଅଳିଆ ମୁଣା ପୂରିଯିବା ପରେ, ତାହା ଆପେ ବନ୍ଦ ହୋଇଯାଏ ।

# ରହସ୍ୟମୟ ବରଫ




ଜାପାନର ପାଶ୍ୱବର୍ତ୍ତୀ ସମୁଦ୍ରର ମିଥେନ ଗ୍ୟାସ ଜମା ହୋଇଛି ଯାହା ବରଫର ଆବରଣରେ ଫସି ରହିଛି । କିଛି ସ୍ଥାନରେ ଏହି ଭଣ୍ଡାରର ଉପରେ ଜମା ହୋଇଥିବା ଆବରଣ ହଟିଯାଇଛି । ଯାହା ଦ୍ୱାରା ଏହି ଧଳା ବରଫର କିଛି ଅଂଶ ସମୁଦ୍ର ଉପରକୁ ଆସିଯାଇଛି । ଏହା ଦେଖିବାକୁ ବରଫ  ଖଣ୍ଡ ଭଳି । ଏହାକୁ ହାତରେ ଧରିଲେ ଥଣ୍ଡା ଅନୁଭବ ହେଉଛି । କିନ୍ତୁ ଯଦି ଏହାକୁ ଅଗ୍ନି ସଂଯୋଗ କରାଯାଏ ତେବେ ଏହା ମିଳେଇବାକୁ ଆରମ୍ଭ କରେ । ସମୁଦ୍ର ତଳୁ ବାହାରିବା ପରେ ଏହି ମିଥେନକୁ ଇନ୍ଧନ ରୂପରେ ବ୍ୟବହାର କରିବା ପାଇଁ ବଡ଼ ବଡ଼  ଅନ୍ତରାଷ୍ଟ୍ରୀୟ ପରୀକ୍ଷା ଟିମ ଓ କମ୍ପାନୀମାନେ ଲାଗିଛନ୍ତି । ଯଦି ସବୁକିଛି ଯୋଜନା ମୁତାବକ ହେବ ତେବେ ଆସନ୍ତା ଦାକ ଶେଷ ହେବା ପୂର୍ବରୁ ଏହି ଜଳୁଥିବା ବରଫକୁ ବାହାର କରିବାର କାର୍ଯ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି । କିନ୍ତୁ ଏ ପର୍ଯ୍ୟନ୍ତ ଯାହା ସବୁ ଘଟିଛି ତାହା ଏତେ ସହଜ ନୁହେଁ । ମିଥେନ ହାଇଡ୍ରେଡ ଇନ୍ଧନର ମୁଖ୍ୟ ସ୍ରୋତ ହୋଇପାରେ । ଏଥିରେ କାର୍ବନର ସମ୍ପୂର୍ଣ୍ଣ ମାତ୍ରା ଅନ୍ୟ ଜୀବାଶ୍ମ ଇନ୍ଧନ ର ତିନି ଭାଗରୁ ଏକ ଭାଗ । ମିଥେନ ହାଇଡ୍ରେଡ ଚାପ ଓ ତାପମାନ ପ୍ରତି ଏତେ ସମ୍ବେଦନଶୀଳ ଯୌ ସାମାନ୍ୟ ଭାବରେ ଏହାକୁ ଖୋଳି ବାହାର କରି ପୃଥିବୀକୁ ଆଣିବା ସମ୍ଭବ ନୁହେଁ। ଏହା ସମୁଦ୍ର ତଳେ କେତେ ମିଟର ତଳେ ତିଆରି ହେଉଛି । ସେଠାରେ ପୃଥିବୀ ତୁଳନାରେ ଚାପ ଅଧିକ ଥାଏ ଓ ତାପମାନ ଶୂନ୍ୟ ଡିଗ୍ରୀ ସେଲସିୟସ ପାଖାପାଖି ରହେ । ସାମାନ୍ୟ ପରିସ୍ଥିତିରେ ବାହାରକୁ ଆଣିବା ପରେ ବରଫ ଭାଙ୍ଗିଯାଉଛି ଓ ବ୍ୟବହାର ପୂର୍ବରୁ ମିଥେନ ବାହାରକୁ ଆସିଯାଉଛି ।

# ଉପକାରୀ ଅଖରୋଟ

ସପ୍ତାହରେ ଥରେ ଦୁଇଥର ଅଖରୋଟ୍ ଖାଇବା ଫଳରେ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ଜର୍ଣ୍ଣାଲ୍ ଅଫ୍ ନ୍ୟୁଟ୍ରିସନ ପକ୍ଷରୁ ହୋଇଥିବା ସ୍ୱାସ୍ଥ୍ୟ ସମୀକ୍ଷାରୁ ଜଣାପଡ଼ିଛି । ବୟସ ବଢ଼ିବା କାରଣରୁ ଶରୀରରେ ହେଉଥିବା ଶକ୍ତି ହ୍ରାସ ପ୍ରକ୍ରିୟାକୁ ଏହା କମ କରିବାରେ ସକ୍ଷମ ହୋଇଥାଏ । ସମୀକ୍ଷାରୁ ଜଣାପଡ଼ିଛି ଯେ ଆବଶ୍ୟକ ମୁତାବକ ସାଧାରଣ ଖାଦ୍ୟ ପରିବର୍ତ୍ତେ ସ୍ୱାସ୍ଥ୍ୟ ପକ୍ଷରେ ଉପକାରୀ ଖାଦ୍ୟ ଶରୀରକୁ ଦୁର୍ବଳ ତଥା ଶକ୍ତିହୀନ କରିବାକରୁ ରୋକିଥାଏ । ସେହି ଖାଦ୍ୟର ଗୁଣବତ୍ତା ଉତ୍ତମ ରହିଲେ ଆକସ୍ମିକ ଶାରୀରିକ ଅସୁବିଧାରୁ ଏହା ରକ୍ଷା କରିଥାଏ ।  ଏଥିରେ ଆହୁରି ମଧ  କୁହାଯାଇଛି ଯେ ଖାଦ୍ୟରେ କମଳା, କମଳା ଜୁସ, ସେଓ, ସହିତ ଅଖରୋଟ୍ ଭଳି ସମାଗ୍ରୀ ବ୍ୟବହାର ଦ୍ୱାରା ଏହା ଶରୀର ପାଇଁ ଲାଭ କାରୀ ହୋଇଥାଏ ।



# ଦୁଇମୁଣ୍ଡ , ଚାରି ଆଖିଥିବା ସାପ



ଆମେରିକାର ନ୍ୟୁଜର୍ସି ସ୍ଥିତ ପରିବେଶବିତ ମାନେ ଏକ ଦୁଇମୁଣ୍ଡ ଥିବା ସାପକୁ ଖୋଜି କାଢ଼ିଛନ୍ତି । ଦୁଇଜଣ ବ୍ୟକ୍ତି ଏହି ସାପକୁ ଜଙ୍ଗଲରୁ ଧରିଥିଲାବେଳେ ତାହାର ଚାରୋଟି ଆଖି ଥିଲା । ଡେବ ନାମକ ବ୍ୟକ୍ତି ଏହି ସାପକୁ ଧରିଥିଲା ବେଳେ ସାପର ନାଁ ରଖାଯାଇଛି ଡବଲ ଡେବ । ସାପର ଚେହେରା ଅନ୍ୟ ସାପ ଭଳି ରହିଥିଲେ ମଧ ଦୁଇମୁଣ୍ଡ ଏବଂ ଚାରି ଆଖି ସହ ତାହାର ଦୁଇଟି ପାଟି ରହିଛି । ପରିବେଶ ବିତଙ୍କ କହିବା ଅନୁସାରେ ଏହି ବିରଳ ସାପନ ଜଙ୍ଗଲରେ ରହିବା ସମ୍ଭବ ନୁହେଁ, ତେଣୁ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଦରକାର । ଦୁଇଟି ମୁଣ୍ଡ କାରଣରୁ ଏମାନେ ଅତି ଧିରେ ଚାଲିବାକୁ ବାଧ ହୋଇଥିବାରୁ ସହଜରେ ଅନ୍ୟମାନଙ୍କର ଶିକାର ହୋଇଥାନ୍ତି । ତେଣୁ ଏହି ସାପ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

# ସୁପରଫାଷ୍ଟ କ୍ୱାଣ୍ଟମ୍ କମ୍ପ୍ୟୁଟର

କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ କ୍ଷେତ୍ରରେ ଅଷ୍ଟ୍ରେଲିଆର ବୈଜ୍ଞାନିକମାନଙ୍କ ଏକ ଟିମକୁ ବଡ଼ ଉପଲବ୍ଧି ହାସଲ ହୋଇଛି । ଏହି ବୈଜ୍ଞାନିକମାନେ କ୍ୱାଣ୍ଟମ୍ କମ୍ପ୍ୟୁଟରର ସେଣ୍ଟ୍ରାଲ ବିଲଡିଙ୍ଗର ସୁପରଫାଷ୍ଟ ଭର୍ସନର ନିର୍ମାଣ କରିଛନ୍ତି । ଏହି କମ୍ପ୍ୟୁଟର କୌଣସି ପ୍ରକାରର ସମସ୍ୟାର ସମାଧାନ ୩୦୦ ଗୁଣ ଶୀଘ୍ର କରିପାରିବ । ଏହି କମ୍ପ୍ୟୁଟର କୌଣସି ପ୍ରକାରର ସମସ୍ୟାର ସମାଧାନ ୩୦୦ ଗୁଣ ଶୀଘ୍ର କରିପାରିବ । ଏହି କମ୍ପ୍ୟୁଟରର ବ୍ୟବହାର ଭୌତିକ ରୂପରେ ଲାଗୁ କରାଯାଇ ପାରିବ ।



ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଅଧିକରୁ ଅଧିକ କ୍ୱାଣ୍ଟମ୍ କମ୍ପ୍ୟୁଟର କସମୋ ଦ୍ୱାରା ସମ୍ବନ୍ଧିତ ରହସ୍ୟକୁ ସମାଧାନ କରିବାରେ ବୈଜ୍ଞାନିକମାନଙ୍କୁ ସାହାଯ୍ୟ କରିବାରେ । ଏହି ଗଣନାର ସାହାଯ୍ୟରେ ଦୁନିଆର ଉତ୍ପତ୍ତିର ରହସ୍ୟକୁ ନେଇ ଅନ୍ୟ ଗ୍ରହରେ ଜୀବନ ସଞ୍ଚାର ହୋଇପାରିବ । ଏହି ଅନୁସନ୍ଧାନ ରିପୋର୍ଟ 'ନେଚର କର୍ଣ୍ଣାଲ'ରେ ପ୍ରକାଶିତ ହୋଇଛି ।

# ସକାଳୁ ଉଠି ନିଜ ହାତ ଦର୍ଶନ କରନ୍ତୁ

ସବୁଦିନ ସକାଳୁ ଉଠି ପ୍ରଥମେ ନିଜର ଦୁଇ ହାତ ପାପୁଲିକୁ ଏକାଠି ଯୋଡ଼ି ଦର୍ଶନ କରନ୍ତୁ । ଏହା ଦ୍ୱାରା ଆମକୁ ତିନି ଦୈବୀ ଶକ୍ତି ଦର୍ଶନର ପୂଣ୍ୟ ମିଳିଥାଏ । ହାତର ଆଙ୍ଗୁଳିରେ ମା' ଲକ୍ଷ୍ମୀ, ମଧ ଭାଗରେ ସରସ୍ୱତୀ, ଏବଂ ନିମ୍ନ ଭାଗରେ ନାରାୟଣ ଅର୍ଥାତ୍ ବିଷ୍ଣୁ ନିବାସ କରିଥାନ୍ତି ବୋଲି ମୁନି ଋଷିମାନେ କହିଛନ୍ତି। ସକାଳେ ନିଜ ହାତ ଦର୍ଶନ କରିବା ଦ୍ୱାରା ପରମାତ୍ମାଙ୍କଠାରୁ ନିଜ କର୍ମର ପବିତ୍ରତା ଏବଂ ଶକ୍ତିର କାମନା କରିଥାଉ । ସଂସାରର ସମସ୍ତ ବୈଭବ, ଶିକ୍ଷା, ପରାକ୍ରମ ଆମ ହାତ ଜରିଆରେ ମିଳିଥାଏ । କୁହାଯାଏ ଦିନର ପ୍ରାରମ୍ଭ ଭଲ ହେଲେ ଦିନ ଯାକ ଭଲରେ କଟିଥାଏ । ଶାସ୍ତ୍ରାନୁସାରେ ବିଛଣା ଛାଡ଼ିବା ପରେ ପ୍ରଥମେ ନିଜ ହାତ ଦେଖନ୍ତୁ ତେବେ ସମସ୍ତେ ଭାବୁଥିବେ ହାତ ଦେଖିଲେ କଣ ହେବ ମନେ ରଖିବା ଉଚିତ ହାତ ହିଁ ସମସ୍ତ କର୍ମ କରିବା ସହିତ ଆମ ଭାଗ୍ୟକୁ ବଦଳାଇବାର କ୍ଷମତା ରଖିଛି । ପାପୁଲି ହାତରେ ଥିବା ତିନି ପ୍ରକାର ଦୈବୀ ଶକ୍ତି ସକାଳୁ ଦର୍ଶନ କରିବା ଦ୍ୱାରା ଆମ ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ । ତେବେ ନିମ୍ନକ୍ତେ ନିୟମ ଅବଲମ୍ବନ କଲେ ଅଧିକ ସୁଫଳ ମିଳିଥାଏ । ତାହା ହେଉଛି- ବିଛଣାରୁ ଉଠିବା ପରେ ନିଜ ପାଦ ଭୂମିରେ ନରଖି ହାତ ସାହାଯ୍ୟରେ ଭୂମିକୁ ସ୍ୱର୍ଶ କରି ନିଜ ମଥାରେ ଲଗାନ୍ତୁ । କାରଣ ଧରଣୀକୁ ମା' ସମାନ ତୁଳନା କରାଯାଏ । ଏଭଳି କରିବା ଦ୍ୱାରା ଆମ ମନରେ ଉର୍ଜ୍ଜାର ସଞ୍ଚାର ହେବା ସହ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ।



# ଭୋକ ଲାଗୁଥିଲେ ଖାଆନ୍ତୁ

ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଭୋକ ନଲାଗି ମଧ୍ୟ କିଛି ନା କିଛି ଖାଇବାର ଅଭ୍ୟାସ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ। ଶିକାଗୋର ଇଲିନୋଇଟସ ୟୁନପିଭରସିଟିର ରିପୋର୍ଟ ଅନୁସାରେ, ଭୋକ ହେଉନଥିବା ବେଳେ ଖାଦ୍ୟ ଗ୍ରହଣ କରିବା ଠିକ୍ ନୁହେଁ। ବୈଜ୍ଞାନିକଙ୍କ କହିବାନୁସାରେ, ଯେତେବେଳେ ଭୋକ ଲାଗିବ ସେତିକି ବେଳେ ଖାଦ୍ୟ ପାଖକୁ ଯିବା ଦରକାର। ଏଭଳି କଲେ ଶରୀରର ରକ୍ତ ଶର୍କରା ସ୍ତର ସାମାନ୍ୟ ରହିବ ଓ ସ୍ୱାସ୍ଥ୍ୟ ବି ଭଲ ରହିବ।

# ଚନ୍ଦ୍ରରେ ମୂଲ୍ୟବାନ ଧାତୁର ସନ୍ଧାନ

ପୃଥିବୀ ଓ ଚନ୍ଦ୍ରରେ ମୂଲ୍ୟବାନ ଧାତୁର ସନ୍ଧାନକୁ ନେଇ ହୋଇଥିବା ଏକ ଅଧ୍ୟନ ଅନୁସାରେ ପୃଥିବୀର ଏକମାତ୍ର ଉପଗ୍ରହ ଗର୍ଭରେ ମୂଲ୍ୟବାନ ଧାତୁର ବଡ଼ ଭଣ୍ଡାର ଥିବାର ଅନୁମାନ କରାଯାଉଛି । ଏକ ଅଧ୍ୟନରେ ଚନ୍ଦ୍ରରେ ଥିବା ଜ୍ୱାଳାମୁଖୀ ପଥରରେ ମିଳିଥିବା ସଲଫରର ସମ୍ବନ୍ଧ ଚନ୍ଦ୍ରର ଗର୍ଭରେ ଲୁଚିଥିବା ଆଇରନ ସଲଫେଟ୍ ସହିତ ସଂଯୋଗ କରିବାରେ ସଫଳ ହୋଇଛନ୍ତି । ପୃଥିବୀ ପୃଷ୍ଠରେ ଥିବା ଧାତୁ ଭଣ୍ଡାରର ଯାଞ୍ଚରୁ ଜଣାପଡ଼ିଛି ପ୍ଲାଟିନପମ ଓ ପଲଡିୟମ ପରି ମୂଲ୍ୟବାନ ଧାତୁର ଉପସ୍ଥିତି ପାଇଁ ଆଇରନ ସଲଫାଇଡର ବହୁତ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଚନ୍ଦ୍ରର ନିର୍ମାଣ ପୃଥିବୀରୁ ବାହାରିଥିବା ଏକ ବଡ଼ ଗ୍ରହର ଆକାରର ଗୋଲାର ୪.୫ ଅରବ ବର୍ଷ ପୂର୍ବରୁ ହୋଇଥିଲା । ପୃଥିବୀ ଓ ଚନ୍ଦ୍ରର ଇତିହାସ ସମାନତା ପାଇଁ ଏମାନଙ୍କର ଗଠନରେ ମଧ ସମାନତା ରହିଛି । ଚନ୍ଦ୍ରକୁ ନେଇ ହୋଇଥିବା ଏକ ଅଧ୍ୟୟନ ଅନୁସାରେ ଚନ୍ଦ୍ରମାରେ ସଲଫର ରହିଛି, ତ । ର ଗଭୀରତାରେ ଆଇରନ ସଲଫାଏଡ଼ର ଉପସ୍ଥିତିର ସଙ୍କେତ ଦେଉଛି । ତେଣୁ ଯେତେବେଳେ ଲାଭା ତିଆରି ହୋଇଛି ସେ ସମୟରେ ଅନେକ ବହୁମୂଲ୍ୟ ଧାତୁ ଦବି ଯାଇଥିବାର ଅନୁମାନ କରାଯାଉଛି ।




# ପୂଜା କରିବାର୍ ନିୟମ

◆ ନିର୍ଦ୍ଦିଷ୍ଟ ପୂଜା ସ୍ଥାନରେ ଦେବଦେବୀଙ୍କୁ ସ୍ଥାପନ କରନ୍ତୁ । ଐଶାନ୍ୟ କୋଣରେ ମନ୍ଦିର ପ୍ରତିଷ୍ଠା କରିବା ସର୍ବଶ୍ରେଷ୍ଠ।

◆ ପୂଜା କାର୍ଯ୍ୟ ବ୍ରାହ୍ମ ମୂହର୍ତ୍ତରୁ ଦ୍ୱିପ୍ରହର ୧୨ଟା ଭିତରେ ସୀମିତ ରଖନ୍ତୁ ।

◆ ପୂଜା ସମୟରେ ଆମର ମୁହଁ ଐଶାନ୍ୟ କୋଣ କିମ୍ୱା ପୂର୍ବ ଉତ୍ତର ଦିଗକୁ ରହିବା ଉଚିତ । ଯାହା ଦ୍ୱାରା ସୂର୍ଯ୍ୟଙ୍କ କିରଣ ସହଜରେ ମିଳିବା ସଦହ ଦିନ ଯାକ ଶୁଭରେ କଟେ ।

◆ ପୂଜା ସମୟରେ ମନକୁ ପବିତ୍ର ରଖିବା ସହ ଅନ୍ୟପ୍ରତି ସଦଭାବନା ରଖନ୍ତୁ । ତାହାଦ୍ୱାରା ପୂଜା ସାର୍ଥକ ହେବା ସହ ଈଶ୍ୱର ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତି । ଦୀପରୁ ଦୀପ ଲଗାନ୍ତୁ ନାହିଁ ।



◆ ଶାସ୍ତ୍ରନୁସାରେ ଏଭଳି କରିବା ଦ୍ୱାରା ବ୍ୟକ୍ତି ରୋଗ ଗ୍ରସ୍ତ ହୋଇଥାଏ । ମନ୍ଦିର ଏବଂ କୌଣସି ଦେବଦେବୀଙ୍କ ସାମ୍ନାକୁ ପିଠିକରି ବସିବା ଉଚିତ ନୁହେଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅନ୍ଧକାର ଭବିଷ୍ୟତ...

ଗତବର୍ଷ ତାଲିବାନମାନେ ଆଫଗାନିସ୍ତାନର ଶାସନକୁ କବ୍‌ଜା କରିବା ପରଠାରୁ ସେଠାରେ ମାନବୀୟ ସଙ୍କଟ ସୃଷ୍ଟି ହୋଇଥିବା ବିଶ୍ୱବାସୀଙ୍କୁ ଜଣା । ଏବେ ପୁଣି ବେଡି ଉପରେ କୋରଡ଼ା ସଦୃଶ ପ୍ରକୃତି ଏହି ଦେଶର ଏକ ଭାଗରେ ଦାଉ ସାଧିଛି । ରିକ୍ଟର ସ୍କେଲ୍‌ରେ ୬.୧ ତୀବ୍ରତାବିଶିଷ୍ଟ ଏକ ଭୂମିକମ୍ପ ଆଫଗାନିସ୍ତାନର ରାଜଧାନୀ କାବୁଲଠାରୁ ଦକ୍ଷିଣପୂର୍ବକୁ ୧୬୦ କିଲୋମିଟର ଦୂରରେ ପାକିସ୍ତାନ ସୀମାରେ ଅବସ୍ଥିତ ଶୁଷ୍କ ପାହାଡ଼ିଅ ଅଞ୍ଚଳକୁ ଧ୍ୱସ୍ତ ବିଧ୍ୱସ୍ତ କରି ଦେଇଛି । ଏହି ଅଞ୍ଚଳରେ ବିକ୍ଷିପ୍ତ ଭାବରେ ଅବସ୍ଥିତ ଛୋଟ ଛୋଟ ଗ୍ରାମରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ସଂଘଟିତ ଭୂମିକମ୍ପ ପ୍ରାରମ୍ଭିକ ଅଟକଳ ଅନୁସାରେ ୧,୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନିର କାରଣ ହୋଇଛି ଏବଂ ୧,୫୦୦ରୁ ଅଧିକ ସଂଖ୍ୟକ ଲୋକ ଏଥି ଯୋଗୁଁ ଆହତ ହୋଇଛନ୍ତି । ଦୁର୍ବଳ ଯୋଗାଯୋଗ ନେଟ୍‌ୱାର୍କ କାରଣରୁ ସଠିକ୍ ସଂଖ୍ୟା ଏବେ ସୁଦ୍ଧା ଜଣାପଡ଼ି ନଥିବା ବେଳେ ଦୁର୍ବଳ ଉଦ୍ଧାର କାର୍ଯ୍ୟକ୍ରମ ଉପରୋକ୍ତ ସଂଖ୍ୟାଗୁଡ଼ିକରେ ବୃଦ୍ଧି ଘଟାଇବାର ସମ୍ଭାବନା ବହନ କରୁଛି । କହିବା ବାହୁଲ୍ୟ, ଆଗରୁ ବିପର୍ଯ୍ୟୟର ଶିକାର ହୋଇ ସାରିଥିବା ଆଫଗାନିସ୍ତାନକୁ ଏହି ପ୍ରାକୃତିକ ଦୁର୍ବିପାକ ଆହୁରି ଏକ ବଡ଼ ଧରଣର ବିପର୍ଯ୍ୟୟର ଦ୍ୱାରଦେଶରେ ଛିଡ଼ା କରାଇଛି । ଭୂଭାଗର ସଂରଚନା ଦୃଷ୍ଟିରୁ ଆଫଗାନିସ୍ତାନ ଅନେକଗୁଡ଼ିଏ ଫଲ୍ଟ ଲାଇନ୍ ବା ଭୂକମ୍ପ ପ୍ରବଣ ଅଞ୍ଚଳ ଉପରେ ଅବସ୍ଥିତ । କେବଳ ଏହି ଦେଶ ନୁହେଁ, ଦକ୍ଷିଣ ଏସିଆର ଏକ ବୃହତ୍ ଅଂଶ ଭୂକମ୍ପପ୍ରବଣ । କାରଣ ଏଠାରେ ଇଣ୍ଡିଆନ୍ ପ୍ଲେଟ୍ ନାମରେ ଏକ ଟେକ୍‌ଟୋନିକ୍ ପ୍ଲେଟ୍ ୟୁରେସିଆନ୍ ପ୍ଲେଟ୍‌କୁ ଉତ୍ତର ଆଡ଼କୁ ଠେଲୁଛି । ୨୦୧୫ରେ ଆଫଗାନିସ୍ତାନର ଉତ୍ତରପୂର୍ବରେ ଅବସ୍ଥିତ ଦୁର୍ଗମ ଅଞ୍ଚଳରେ ଏକ ସଂଘଟିତ ଭୂମିକମ୍ପ କେବଳ ଆଫଗାନିସ୍ତାନର ନୁହେଁ, ଉତ୍ତର ପାକିସ୍ତାନର ମଧ୍ୟ ହଜାର ହଜାର ଲୋକଙ୍କ ପ୍ରାଣହାନିର କାରଣ ହୋଇଥିଲା । ତେବେ ବାର୍ଷିକ ହାରାହାରି ୫୬୦ ଲୋକଙ୍କ ପ୍ରାଣ ନେଉଥିବା ପ୍ରାକୃତିକ ବିପର୍ଯ୍ୟୟ ତୁଳନାରେ ଗତ ବୁଧବାର ପାକ୍ତିକା ଅନ୍ତର୍ଗତ ଗାୟାନ୍ ଏବଂ ବାର୍ମାଲ୍ ଜିଲ୍ଲାରେ ଘଟି ଯାଇଥିବା ଭୂମିକମ୍ପ ବେଶ୍ ଭୟାବହ ହୋଇଛି, ବିଶେଷକରି ସାମ୍ପ୍ରତିକ ସମୟର ଆଫଗାନିସ୍ତାନ ପାଇଁ । କାରଣ ତାଲିବାନମାନେ ହୁଏତ ଗତବର୍ଷ ଅଗଷ୍ଟ ମାସରେ ଏଠାରେ କ୍ଷମତାକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିଥିବାରୁ ଆନନ୍ଦିତ ଥାଇ ପାରନ୍ତି । ପରନ୍ତୁ ସେମାନଙ୍କ ନିକଟରେ ନା ଅଛି ପ୍ରଶାସନିକ ଅଭିଜ୍ଞତା, ନା ଅଛି ବିପନ୍ନଙ୍କୁ ସହାୟତା ପ୍ରଦାନ କରିବା ନିମନ୍ତେ ପର୍ଯ୍ୟାପ୍ତ ସାଧନ । ଏମିତିରେ ବି ତାଲିବାନମାନେ କ୍ଷମତାକୁ ଫେରିବା ପୂର୍ବରୁ ଆଫଗାନିସ୍ତାନର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଦୁର୍ବଳ ଥିଲା । ଉଦ୍ଧବକାରୀମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ସଂଖ୍ୟକ ବିମାନ କି ହେଲିକପ୍ଟର ନଥିଲା; କେତେକ ରିପୋର୍ଟ ଅନୁସାରେ ତ ଯେତିକି ବିମାନ ବା ହେଲିକପ୍ଟର ଥିଲା, ତାକୁ ଚଳାଇବାକୁ ଯୋଗ୍ୟ ପାଇଲଟ୍ ବି ନଥିଲା । ଏଥିପାଇଁ ଅବଶ୍ୟ ପୂର୍ବରୁ ସରକାର ଦାୟୀ, କାରଣ ଆମେରିକା ସେ ସମୟରେ ଯେଉଁ ଆର୍ଥିକ ସହାୟତା ଯୋଗାଇ ଦେଉଥିଲା, ସେଥିରୁ ଶାସନ କାଳରେ ଥିବା ନେତାମାନେ ଦୁର୍ନୀତି କରି ବିଲିଅନ୍ ଡଲାର ହଡ଼ପ କରିଥିଲେ । ଆଫଗାନିସ୍ତାନର ପୁନଃନିର୍ମାଣ ନିମନ୍ତେ ନିଯୁକ୍ତ ଯୁକ୍ତରାଷ୍ଟ୍ର ଆମେରିକାର ସ୍ପେଶିଆଲ ଇନ୍‌ସ୍ପେକ୍ଟର ଜେନେରାଲଙ୍କ ହିସାବ ମୁତାବକ ହାରାହାରି ୧୯ ବିଲିଅନ୍ ଡଲାର ଆମେରିକୀୟ ସହାୟତା ରାଶି 'ଜାଲିଆତି' ଅପଚୟ ଏବଂ ଅପବ୍ୟବହାର' ଦ୍ୱାରା ଚଳୁ ହୋଇଥିଲା । ଏହାପରେ ତାଲିବାନମାନେ ଫେରିଲେ ଶାସନ କ୍ଷମତାକୁ, ଯେଉଁଠି ଜାତିସଂଘର କହିବା ଅନୁସାରେ ହାରାହାରି ୨୦ ମିଲିଅନ୍ ଲୋକଙ୍କ ମଧ୍ୟରେ ଅନାହାରର ବ୍ୟାପ୍ତି ରହିଥିବା ବେଳେ ନିହାତି କମ୍‌ରେ ୩୦ ମିଲିଅନ୍ ଲୋକ ବର୍ତ୍ତମାନ ଉତ୍କଟ ଦାରିଦ୍ର୍ୟ ଭିତରେ କାଳାତିପାତ କରୁଛନ୍ତି । ଭୂମିକମ୍ପ କ୍ଷତିଗ୍ରସ୍ତ ଅଞ୍ଚଳ ପାକିସ୍ତାନ ସୀମାରେ ଅବସ୍ଥିତ, ଯେଉଁଥିପାଇଁ ଉଦ୍ଧାର ଓ ସହାୟତା ପ୍ରଦାନକାରୀ ଦଳଙ୍କ ଉପରେ ପାକ୍-ସମର୍ଥିତ ଆତଙ୍କବାଦୀମାନଙ୍କ ଆକ୍ରମଣର ବିପଦ ପ୍ରତି ମୁହୂର୍ତ୍ତରେ ମଣ୍ଡି ହୋଇ ରହିବ । ଏଥିରେ ଦ୍ୱିମତ ନାହିଁ ଯେ ଆଫଗାନମାନଙ୍କ ପାଇଁ ଭାରତୀୟ ହୃଦୟରେ ସମବେଦନା ସହିତ ସାହାଯ୍ୟର ହସ୍ତ ପ୍ରସାରଣ ନିମନ୍ତେ ସଦିଚ୍ଛା ରହିବା ଆବଶ୍ୟକ । ତେବେ ଏଠାରେ ଭାରତ ସରକାର ଯାହା କିଛି ବି କରିବେ, ତାହା ଜାତିସଂଘ ଜରିଆରେ କରିବା ଉଚିତ ହେବ ।

# ସତ୍ୟବାଦୀ ଯୁଗର ବରେଣ୍ୟ ସ୍ରଷ୍ଟା ପଣ୍ଡିତ କୃପାସିନ୍ଧୁ ମିଶ୍ର



**ବିଶ୍ୱବିଜୟୀ ଦାଶ**

୧୮୮୭ ମସିହା ଜୁନ ୨୭ ତାରିଖ ଦିନ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ସ୍ଥିତ ବୀରହରେକୃଷ୍ଣପୁର ଗ୍ରାମର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲ କୃପାସିନ୍ଧୁ ।ବାଲ୍ୟକାଳରୁ ତାଙ୍କର ପିତାଙ୍କର ଦେହାନ୍ତ ଘଟିଥିଲା ଓ ସେ ନିଜ ମାଉସୀ ଘରକୁ ପୋଷ୍ୟ ପୁତ୍ର ହୋଇଯାଇଥିଲେ ।ତୁଳସୀ ଦୁଇପତ୍ରରୁ ବାସିଲା ଭଳି ପିଲାବେଳୁ ତାଙ୍କ ଜ୍ଞାନ ଓ ବିଚକ୍ଷଣ ବୁଦ୍ଧିର ପରିଚୟ ମିଳିଥିଲା ।କୃପାସିନ୍ଧୁ ମିଶ୍ର ଗାଁ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲେ,ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲରୁ ନାମ କଟେଇ କଟକର ରେଭେନ୍ ?ସା କଲିଜିଏଟ ସ୍କୁଲରେ ନାମ ଲେଖାଇଲେ ।

ଏହା ତାଙ୍କ ଜୀବନର ଗତିପଥକରେ କିଛି ପରିବର୍ତ୍ତନ ଆଣିଦେଲା । ଆତ୍ମନିର୍ଭରଶୀଳ ହେବା ପାଇଁ, ସେ ଟିଉସନ କରୁଥିଲେ ।ଏଣ୍ଟ୍ରାନ୍ସ ପରୀକ୍ଷାରେ ପାସ କରି, ସେ ୧୫ଟଙ୍କା ବୃତ୍ତି ପାଉଥିଲେ । ପରବର୍ତ୍ତୀ ସମୟରେ ସେ ରେଭେନ୍ସା ମହାବିଦ୍ୟାଳୟରୁ ଏଫ.ଏ ଓ ବି.ଏ ପାସ କରିଥିଲେ ।୧୯୧୪ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, କୃପାସିନ୍ଧୁ ୧୯୧୪ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ ।ତାଙ୍କ ଯୋଗଦେବା ବେଳକୁ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସେଠାରେ ଯୋଗ ଦେଇ ସାରିଥାନ୍ତି । ଏମାନଙ୍କଦ୍ୱାରା କୃପାସିନ୍ଧୁ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ପଢ଼ିବା ଓ ପଢ଼େଇବାରେ କୃପାସିନ୍ଧୁଙ୍କର ଆନନ୍ଦ ଥିଲା । ତାଙ୍କର ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା ଓ ସେ ଅନର୍ଗଳ ବକ୍ତୃତା ମଧ ଦେଇ ପାରୁଥିଲେ ।ସର୍ବଦା ଧୋତି କୁର୍ତ୍ତା ପରିଧାନ କରିଥିବା କୃପାସିନ୍ଧୁଙ୍କର ନିରାଡ଼ମ୍ବର ଜୀବନଶୈଳୀ ଓ ସରଳ ବ୍ୟକ୍ତିତ୍ୱ ଛାତ୍ରମାନଙ୍କୁ ପ୍ରଭାବିତ କରୁଥିଲା ।ଛାତ୍ରମାନଙ୍କ ମନରେ ଦେଶପ୍ରେମ ଓ ସେବାମୂଳକ ମନୋଭାବ ଜାଗ୍ରତ କରାଇବା ପାଇଁ ସେ ଥିଲେ ଯତ୍ନଶୀଳ । ୧୯୨୦ମସିହାରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥି ମୃତ୍ୟୁପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ । ବ୍ୟାସକବି ଫକୀର ମୋହନ ସେନାପତି, ସତ୍ୟବାଦୀ ବନ ବିଦ୍ୟାଳୟ ପରିଭ୍ରମଣରେ ଆସି 'ଉତ୍କଳ ଭ୍ରମଣ'ରେ ଲେଖିଥିଲେ :

'କୃପାମୟ କୃପାସିନ୍ଧୁ ଜନହିତକର,
କାର୍ଯ୍ୟସାଧନରେ
ଅବତୀର୍ଣ୍ଣ ଧରାଧାମେ,
ସମବେତ ସେମାନେ
ତ ସତ୍ୟବାଦୀ ଗ୍ରାମେ,
ଜ୍ଞାନରାଶି, ପବିତ୍ରତା,
ଉଭୟ ତ ଠୁଳ
ଉଦ୍ଧରିବେ ଭଗୀରଥ
ସମାନରେ କୂଳ ।'

ଉତ୍କଳ ଇତିହାସ, କୋଣାର୍କ, ବାରବାଟୀ ଦୁର୍ଗର ଇତିହାସ ଲେଖି ନିଜର ଐତିହାସିକ ଓ ଗବେଷକ ଜୀବନ ଓ ଉତ୍କଳ ପ୍ରାଣତାର ସୁସ୍ପଷ୍ଟ ପରିଚୟ ଦେଇଥିଲେ କୃପାସିନ୍ଧୁ ମିଶ୍ର ।ତାଙ୍କ ଦ୍ୱାରା ଲିଖିତ ସାହିତ୍ୟ କୃତି ଗୁଡ଼ିକ ହେଲା ନବ ଯୌବନର ବିପଦ, କା, ଅଦୃଷ୍ଟ ବାଦ, ଲୀଳା,

କବିତା, ରାଜଭକ୍ତି,
ପ୍ରାଚ୍ୟ ଭୂଖଣ୍ଡର ଅଭ୍ୟୁତଥାନ,
ଭାରତରେ ଇଂରେଜ ସାମ୍ରାଜ୍ୟ

ବିସ୍ତାର,ଭାରତ ଇତିହାସରେ ବୈଦେଶିକ ଆକ୍ରମଣ,ହିନ୍ଦୁର ସମାଜ ବିଧାନ ।

ତାଙ୍କ ଲେଖା ଗୁଡ଼ିକରେ ଜାତୀୟତାବାଦ ର ଛୁଙ୍କ ବାରି ହୋଇପଡ଼େ ।ଓଡ଼ିଆ ସାହିତ୍ୟ, ସଂସ୍କୃତି ଇତିହାସ କ୍ଷେତ୍ରରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ଅବଦାନ ଥିଲା ଅତୁଳନୀୟ ଓ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ଯେଉଁ ପଞ୍ଚସଖାଙ୍କର ଆର୍ବିଭାବ ହୋଇଥିଲା ଓ ଯେଉଁମାନେ ଏକ ନୂତନ ଯୁଗର ଆବିଷ୍କାର କରିଥିଲେ ସେମାନଙ୍କ ଭିତରେ ଜଣେ ଥିଲେ କୃପାସିନ୍ଧୁ ମିଶ୍ର । ସେ ଓଡ଼ିଶା ଇତିହାସରେ ଚିର ଅମ୍ଳାନ ହୋଇ ରହିଛନ୍ତି ।

କୃପାସିନ୍ଧୁଙ୍କ ପ୍ରବନ୍ଧରେ ତାଙ୍କର ନିଜସ୍ୱ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ । ସେ ତାଙ୍କ ଲେଖାରେ ଶବ୍ଦର କୌଳିନ୍ୟ ଦେଖାଇଛନ୍ତି । ସାଧୁ ଭାଷାରେ ଗଦ୍ୟ କିପରି ଲେଖା ହୁଏ ତାହା ସେ ଶିଖାଇଛନ୍ତି । ଗଦ୍ୟ ସାହିତ୍ୟ ଯଦି ଅନ୍ୟର ଅନ୍ତରକୁ ନ ଛୁଏଁ ତାହାଲେ ତା'ର ମୂଲ୍ୟ କିଛି ନାହଁ ବୋଲି କହୁଥିଲେ କପୃାସିନ୍ଧୁ ମିଶ୍ର । ତାଙ୍କ ଲେଖାରେ ଥାଏ ଦେଶଭକ୍ତିର ଭାବ । କାରଣ ସେ ଜାଣିଥିଲେ ଦେଶ ଭକ୍ତି ନଥିଲେ କେହି ଭଲ ନାଗରିକ ହୋଇପାରିବ ନାହିଁ ।ସ୍ୱାଭିମାନୀ କୃପାସିନ୍ଧୁ ମିଶ୍ର ଓଡ଼ିଶାର ଲୁପ୍ତ ଇତିହାସ ଓ ସଂସ୍କୃତିକୁ ଆଧାର କରି ବହୁ କାଳଜୟୀ ରଚନା କରିଛନ୍ତି ।

୧୯୨୦ ସେପଟ୍ମ୍ବର ୪ ତାରିଖରେ କୋଲକାତାଠାରେ ଲାଲ ଲଜପତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ କୃପାସିନ୍ଧୁ । ୧୯୨୪ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପୁରୀ ଜିଲ୍ଲା ବୋର୍ଡର ସଭ୍ୟ ଭାବେ କାର୍ଯ୍ୟ କରିବା ସହିତ ଜିଲ୍ଲା ଶିକ୍ଷା କମିଟିରେ ସଭ୍ୟ ଥିଲେ । ସେହି ସାରସ୍ୱତ ସାଧକଙ୍କର ୧୯୨୬ ମସିହା ଫେବୃଆରି ୧୨ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା ।ତାଙ୍କ ମୃତ୍ୟୁରେ ମର୍ମାହତ ହୋଇ ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିଲେ : ଉତ୍କଳର ଶିକ୍ଷକ ସମାଜରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଖସି ପଡିଲା ।

ସେ ଏକାଧାରାରେ ଜଣେ ଓଡ଼ିଆ ସାହିତ୍ୟିକ,ଐତିହାସିକ,ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ।

ଆଜି ତାଙ୍କର ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ ।


ବି.ଏସସି,ବି.ଇଡ଼ି
(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮


# ପ୍ରକୃତିର ଅପରୂପ ଉପହାର- ସାଧବ ବୋହୂ

**ବୈଷ୍ଣବ ମେହେର**


ପ୍ରକୃତି ଏତେ ମନମୁଗ୍ଧକର ହେବାରେ ଛୋଟଛୋଟ ଗୁଳ୍ମ ଠାରୁ ଆରମ୍ଭ କରି ବିରାଟକାୟ ବଟବୃକ୍ଷ ଏବଂ ପିମ୍ପୁଡ଼ି ଠାରୁ ଆରମ୍ଭ କରି ବିଶାଳ ଜୀବ ହାତୀ ଯାଏଁ ସମସ୍ତଙ୍କର ଅବଦାନ ଅତୁଳନୀୟ । ସମୁଦ୍ରର ଉତ୍ତାଳ ତରଙ୍ଗ ଯେମିତି ହୃଦୟକୁ କିଣି ନିଏ ସାରୁପତ୍ରରେ ଢଳଢଳ ଜଳବିନ୍ଦୁ ର ଆକର୍ଷଣ ମଧ୍ୟ ସେତିକି ବିମୋହିତ କରେ । ଗଛଲତା, ନଦନଦୀ, ପାହାଡ଼ ଝରଣା, ପଶୁପକ୍ଷୀ, କୀଟପତଙ୍ଗ ଏସବୁ ତ ପ୍ରକୃତିର ଅମୂଲ୍ୟ ଉପହାର । ପ୍ରକୃତିର ନୈସର୍ଗିକ ଶୋଭାରାଜି ମଧ୍ୟରୁ ମୌସୁମୀର ପହିଲି ସ୍ପର୍ଶରେ, ଓଦା ମାଟିର ମହମହ ବାସନାରେ ଜନ୍ମ ନେଉଥିବା ଲାଲ ଟୁକୁଟୁକୁ ସାଧବ ବୋହୂର ଆକର୍ଷଣ ଖୁବ୍ ସତନ୍ତ୍ର । କେଡ଼େ ମନ୍ତ୍ର ମୁଗଧକର ସାଧବ ବୋହୂର ଅପରୂପ ଆଭା, କେଡ଼େ ସ୍ୱର୍ଣ୍ଣକାତର ତାର ସୂକ୍ଷ୍ମ ଶରୀର, କେଡ଼େ ସରଳ, ନିଷ୍କପଟ ତାର ଆବିର୍ଭାବ ।

ପହିଲି ବର୍ଷା ଧରାପୃଷ୍ଠକୁ ଭିଜାଇ ଦେଲା ପରେ ପରେ ଏହି ସାଧବ ବୋହୂ ମାନେ କେଉଁଠି ଥାନ୍ତି କେଜାଣି ହଠାତ ସବୁଜିମା ଭରା ଘାସ ଗାଲିଚା ଉପରେ ଆବିର୍ଭାବ ହୁଅନ୍ତି । ସାଧବ ବୋହୂ ଆତ୍ମପ୍ରକାଶ କଲେ ସାଧାରଣତଃ ମୌସୁମୀ ଆସିଗଲା ବୋଲି ସମସ୍ତେ ନିର୍ଶ୍ଚିତ ହୋଇଯାନ୍ତି । ବିଶେଷ କରି ବର୍ଷାକୁ ଅନେଇ ରହିଥିବା ଚାଷୀଭାଇଙ୍କ ମନରେ ସାଧବ ବୋହୂକୁ ଦେଖିଲା ପରେ ଏକ ଆଶାର ପୁଲକ ଖେଳି ଯାଇଥାଏ । ସାଧବ ବୋହୂର ରଙ୍ଗ ଗାଢ଼ ନାଲି ରଙ୍ଗ ହୋଇଥିବା ବେଳେ ନୂଆ ବୋହୂ ଟିଏ ନାଲିପାଟ ଶାଢ଼ି ପିନ୍ଧି ଧିରେ ଧିରେ ଦାଣ୍ଡରେ ଚାଲୁଥିବା ଭଳି ପ୍ରତିୟମାନ ହୁଏ । ଏହି ଛୋଟ ପୋକଟି ଯେତିକି ଆକର୍ଷଣୀୟ ଲୋକଙ୍କ ମଧ୍ୟରେ ସେତିକି ଆଦରଣୀୟ ମଧ୍ୟ । ପ୍ରକୃତିର କେଉଁ କୋଣରୁ ଲାଲ ଟୁକୁଟୁକୁ ସାଧବ ବୋହୂ ମାନେ ମାଟି ଉପରକୁ ବାହାରି ଆସି ସବୁଜ ପ୍ରକୃତିକୁ ବହୁଗୁଣରେ ସଜାଇ ଦିଅନ୍ତି । ଏହି ଦୃଶ୍ୟ ପ୍ରକୃତି ପ୍ରେମୀଙ୍କୁ ଆନନ୍ଦିତ କରିବା ସହ କବି ଲେଖକ ମାନଙ୍କୁ ମଧ୍ୟ କରେ ଆକର୍ଷିତ ଓ ମନ୍ତ୍ରମୁଗ୍ଧ । ସାଧବ ବୋହୂକୁ ନେଇ କବି ସୁନ୍ଦର ଶବ୍ଦ ସର୍ଜନା କରୁଥିବା ବେଳେ ଚିତ୍ରଶିଳ୍ପୀର କାନଭାସରେ ଜୀବନ୍ତ ହୁଏ ସାଧବ ବୋହୂ ପରିବେଷ୍ଟିତ ଚିତ୍ରକଳ୍ପ ।

ଅପରପକ୍ଷେ ବର୍ତ୍ତମାନର ଅସ୍ୱାଭାବିକ ପରିବେଶ ପ୍ରଦୁଷଣ ସାଧବ ବୋହୂର ଜୀବନ ପ୍ରତି ଆଣିଛି ଘୋର ବିପତ୍ତି । କାଁଭାଁ କେଉଁଠି ଛାଡ଼ିଦେଲେ ଏହି ସୁନ୍ଦର ଜୀବ ଗତ କିଛି ବର୍ଷ ହେଲା ଆଗ ଭଳି ଆଉ ଦେଖିବାକୁ ମିଳୁ ନାହିଁ । ପ୍ରକୃତିର ପ୍ରତିକୂଳ ସ୍ଥିତି ଯୋଗୁଁ ଅତିତରେ ଡାଇନୋସର ଭଳି ବଡ଼ ଜୀବର ବିଲୁପ୍ତ ଘଟିଥିବା ବେଳେ ସଂପ୍ରତି ଶାଗୁଣା, ଶଙ୍ଖଚିଲ, କାଠଚମ୍ପା, ବାଇଚଢ଼େଇ, ଘରଚଟିଆ ଭଳି ଅନେକ ଆକର୍ଷଣୀୟ ଉପକାରୀ ପକ୍ଷୀ ସହ ସମସ୍ତଙ୍କ ପ୍ରିୟ ସାଧବ ବୋହୂର ବଂଶ ଲୋପ ପାଉଥିବା ଆଦୌ ମଙ୍ଗଳକାରୀ ନୁହେଁ । ଅଧିକ ଉତ୍ପାଦନ ନିମନ୍ତେ ବୈଜ୍ଞାନିକ ପ୍ରଣାଳିରେ ଚାଷ କରିବାକୁ ଯାଇ ରାସାୟନିକ ସାର ଓ କୀଟନାଶକ ବିଷର ବହୁଳ ପ୍ରୟୋଗ ଦ୍ୱାରା ଏହାର ସିଧାସଳଖ କୁପ୍ରଭାବ ଏସବୁ ଜୀବଜଗତ ଉପରେ ପଡୁଥିବା ବିଶେଷଜ୍ଞ କହୁଛନ୍ତି । ଜଗତିକରଣ ନାଁରେ ମଣିଷ ନିଜର ସ୍ୱାର୍ଥସାଧନ ନିମିତ୍ତ ପରିବେଶର ବହୁବିଧ ଉପକାର କରୁଥିବା ନିରୀହ ପଶୁପକ୍ଷୀଙ୍କୁ ଅକାଳରେ ଧ୍ୱଂସ ମୁଖକୁ ଠେଲି ଦଉଛି । ଅପରପକ୍ଷେ ଏହା ହିଁ ମଣିଷ ସମାଜ ପାଇଁ କାଳ ହେଉଛି, ଏକଥା ସମସ୍ତେ ସମ୍ବେଦନଶୀଳତା ର ସହ ବିଚାର କରିବାର ସମୟ ବର୍ତ୍ତମାନ ଆସିଯାଇଛି । ନ ହେଲେ ଆମକୁ ହିଁ ଅନେକ ବିପର୍ଯ୍ୟୟକୁ ସାମନା କରିବାକୁ ପଡୁଥିବ । କେତେକ ଅଂଚଳର ଲୋକେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଅନ୍ୟାନ୍ୟ ଗୁଳ୍ମ ସହ ସାଧବ ବୋହୂର ଶରୀରରୁ ବାହୁରୁଥିବା ଏକ ପ୍ରକାର ତୈଳକୁ ମିଶାଇ ଔଷଧ ପ୍ରସ୍ତୁତ କରିଥାନ୍ତି । ଏହି ଔଷଧ ତିଆରିରେ ସାଧବ ବୋହୂର ବ୍ୟାପକ ବ୍ୟବହାର ମଧ୍ୟ ଏହି ଜୀବ ଲୋପ ପାଇବାର ଅନ୍ୟ ଏକ କାରଣ ବୋଲି କୁହାଯାଇପାରେ । ଅନ୍ୟପକ୍ଷରେ ପାଣିପାଗରେ ବିଷମତା କାରଣରୁ ଗତ କିଛି ବର୍ଷ ହେଲା ମୌସୁମୀରେ ଅନିୟମିତତା ଦେଖାଦେଇଛି । ଫଳରେ ମୌସୁମିଜନିତ ଲଗାଣ ବର୍ଷା ହେଉନଥିବାରୁ ମଧ୍ୟ ସାଧବ ବୋହୂ ମାନେ ଅନୁକୂଳ ପରିବେଶ ପାଇ ପାରୁ ନାହାନ୍ତି । ତେଣୁ ସେମାନଙ୍କ ବଂଶ ବିସ୍ତାରରେ ବାଧକ ଦେଖା ଦେଉଛି । ସବୁଜ ପରିବେଶକୁ ଯଦି ଏହି ମାତ୍ରାରେ ପ୍ରଦୁଷିତ କରି ଚାଲିଥିବା ତେବେ ଆଗାମୀ ପିଢ଼ିଙ୍କ ପାଇଁ ସାଧବ ବୋହୂ ଗୋଟିଏ ଇତିହାସ ପାଲଟିଯିବାର ସମ୍ଭାବନା ଦେଖା ଦେଉଛି । ସମୟ ପୂର୍ବରୁ ସମସ୍ତ ପ୍ରକୃତି ପ୍ରେମୀ ମଣିଷମାନଙ୍କୁ ସଚେତନ ହେବାକୁ ପଡ଼ିବ । ସାଧବ ବୋହୂ ପରି ନିରୀହ ଜୀବର ସୁରକ୍ଷା ନିମନ୍ତେ ପରିବେଶର ସ୍ୱାଭାବିକତାକୁ ଫେରାଇ ଆଣିବା ବର୍ତ୍ତମାନର ସବୁଠାରୁ ବଡ଼ ଆହ୍ୱାନ । ନଚେତ ଏହି ଲାଲ ଟୁକୁଟୁକୁ ସାଧବ ବୋହୂ ଥିରି ଥିରି ଚାଲୁଥିବାର ଆଉ ଦେଖିବାକୁ ମିଳିବ ନାହିଁ । ଡାଇନୋସର ଭଳି ଘରର କାନ୍ଥ ଟଙ୍ଗା ଚିତ୍ର ହୋଇଯିବା ପୂର୍ବରୁ ଆସନ୍ତୁ ଥରେ ସମସ୍ତେ ସାଧବ ବୋହୂର ସୁରକ୍ଷାର ଚିନ୍ତା କରିବା ।


ସିନାପାଲି, ନୂଆପଡ଼ା


# ଗଣଶିକ୍ଷା ମନ୍ତ୍ରୀ ସମିର ବାବୁ ବାଲେଶ୍ୱର ମାଟିରେ ଏକ ବିରଳ ଦୃଷ୍ଟାନ୍ତ ରଖିଲେ



**ସୁବ୍ରତ କର**

ଆଜି ସକାଳେ ପ୍ରାୟ ୮ଟାରେ ସ୍ୱରୂପ ବାବୁଙ୍କ ପାଖରୁ ଏକ ଟେଲିଫୋନ୍ କଲ୍ ଆସିଲା ଏବଂ ଜଣାଇଲେ ସେ ଗଣଶିକ୍ଷାମନ୍ତ୍ରୀ ମହୋଦୟଙ୍କୁ ଧରି ଟାଉନ ହାଇସ୍କୁଲକୁ ଆସିବେ ଘଣ୍ଟାଏ ମଧ୍ୟରେ । ଟାଉନ ହାଇସ୍କୁଲ ସରକାରୀ ଏବଂ ୫ଟି ଅକ୍ତିଆରରେ ଆସୁଛି ଏବଂ ସରକାରୀ ସ୍ତରରେ ଏହାର ଉନ୍ନତୀକରଣ ପାଇଁ ୪୫ ଲକ୍ଷ ଟଙ୍କା ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଦିଆ ହୋଇଛି । କାର୍ଯ୍ୟକ୍ରମ କେମିତି ହୋଇଛି ଏବଂ ଆଉ କଣ ଦରକାର ତଦାରଖ କରିବା ପାଇଁ ଆସିଥିଲେ । ୫ଟି ପ୍ରୋଗ୍ରାମ୍‌ରେ ପୁରାତନ ଛାତ୍ର ସଂସଦକୁ ବହୁତ ପ୍ରାଧାନ୍ୟ ଦିଆହେଉଛି । ମୁଁ ଟାଉନ୍ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ସଭାପତି ଭାବରେ ମନ୍ତ୍ରୀ ଏବଂ ସଦର ଏମ.ଏଲ.ଏ. ଙ୍କୁ ସ୍ୱାଗତ କରି ସ୍କୁଲର ଦ୍ୱିତୀୟ କ୍ଷେପରେ ଦରକାର ବିଷୟରେ ଆଲୋଚନା କରିବାର ଥିଲା । ୩୦ ମିନିଟ ଅପେକ୍ଷା କରିବା ପରେ ହଠାତ୍ କରି ୫-୬ଟା ମୋଟର ସାଇକେଲ ସ୍କୁଲର ହତା ଭିତରକୁ ପଶି ଆସିଲା । ଏବଂ ମୋଟର ସାଇକେଲ ମଧ୍ୟରୁ ଗୋଟାଏରେ ମନ୍ତ୍ରୀ ମହୋଦୟ ସମିର ବାବୁ ସ୍ୱରୂପ ବାବୁଙ୍କ ପଛରେ ବସିଥିଲେ । ଆମେ ଅନେଇ ବସିଥିଲୁ ପୁଲିସ ଗାଡ଼ିର ସାଇରେନ ବାଜିବ, ସାଙ୍ଗରେ ଦୁଇ ଚାରିଟା ସରକାରୀ ଏବଂ ବେସରକାରୀ ଗାଡ଼ି ମୋଟର କୋଡ଼ରେ ଥିବ । ସେ ସବୁ କିଛି ନଥିଲା । ସିଧା ସଳଖ ମନ୍ତ୍ରୀ ସମିର ବାବୁ ଏବଂ ସ୍ୱରୂପ ବାବୁ ମୋଟର ସାଇକେଲରୁ ଓହ୍ଲାଇ ସମସ୍ତଙ୍କୁ ହାତଯୋଡ଼ି ନମସ୍କାର ଜଣାଇଥିଲେ । ଏହି ଦୃଶ୍ୟଟି ମୋର ପ୍ରଥମ ଅଭିଜ୍ଞତା । ମୋର ଜୀବନରେ ଏବଂ ଚାକିରୀ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ମିଶାଇ ପ୍ରାୟ ୧୦୦ ଜଣଙ୍କ ସଂସ୍ପର୍ଶରେ ଆସି ଥିବି କିନ୍ତୁ ଏମିତି ଦୃଶ୍ୟ କେବେ ଘଟି ନଥିଲା ।

ସାବାସ୍ ମନ୍ତ୍ରୀ ସମିର ବାବୁ, ସାବାସ୍ ଆମର ସଦର ଏମ.ଏଲ.ଏ ସ୍ୱରୂପ ବାବୁ । ଏହା ସତରେ ଏକ ମୋ ପାଇଁ ବିରଳ ଦୃଷ୍ଟାନ୍ତ ହୋଇ ରହିବ । ଏବେ ପ୍ରଶ୍ନ ଉଠୁଛି ଜଣେ କେବିନେଟ ପାହ୍ୟାର ମନ୍ତ୍ରୀ ଯଦି ସରକାରୀ ଗସ୍ତରେ ମୋଟର ସାଇକେଲରେ ବୁଲି ପାରିଲେ ଏବଂ ଭଲ ଭାବରେ ଗୋଡ଼ାଏ ସ୍କୁଲର କାର୍ଯ୍ୟ ତଦାରଖ କରି ପାରୁଛନ୍ତି ତେବେ ଜିଲ୍ଲା ପ୍ରଶାସନର କର୍ତ୍ତାମାନେ ଏହାକୁ ଦୃଷ୍ଟାନ୍ତ ଆକାରରେ ନେଲେ ଭଲ ହୁଅନ୍ତା । ତେବେ ମୋଟର ସାଇକେଲର ପ୍ରୋଟକଲ ଠିକ୍ ରଖି କରିବା ଉଚିତ ଥିଲା (ହେଲମେଟ ପିନ୍ଧିବା ଉଚିତ ଥିଲା) । ଖାଲି ଜିଲ୍ଲାର ଅଧିକାରୀ କାହିଁକି, ମନ୍ତ୍ରୀମାନେ ଏବଂ ଦରକାର ପଡ଼ିଲେ ରାଜ୍ୟ ସ୍ତରୀୟ ପ୍ରଶାସକମାନେ କରି ପାରିବେ ଏବଂ କରିବା ଉଚିତ ମଧ । ଏହାକୁ ଜନ ସାଧାରଣ ସହଜ ଭାବରେ ଗ୍ରହଣ କରି ନିଜର ଅଭାବ, ଅସୁବିଧା କଥା ସରକାରଙ୍କ ପାଖରେ ଉପସ୍ଥାପିତ କରି ପାରିବେ ଏବଂ ସରକାର ମଧ ସିଧାସଳକ ଜନ ସାଧାରଣଙ୍କ ସମସ୍ୟା ସମାଧାନ କରିବାରେ ସୁବିଧା ହେବ । ମାନିବାକୁ ପଡ଼ିବ ସମୀର ବାବୁଙ୍କୁ, ମାନିବାକୁ ପଡ଼ିବ ସ୍ୱରୂପ ବାବୁଙ୍କୁ । ଭବିଷ୍ୟତରେ ଏହାକୁ ବାରମ୍ବାର କରିବାକୁ ଚେଷ୍ଟା କରନ୍ତୁ ।




## ସେ

**ଦିନେଶ ମେହେର**

ସେ ମୋ ଅନ୍ତରର କୋହ !
ସାମାନ୍ୟ ଆଞ୍ଚୁଟାଏ ଆଘାତେ
ଚିହିଁକି ଉଠେ
ମୋ ଅବକ୍ଷିପ୍ତ ହୃଦୟ ମଧ୍ୟରୁ ।

ସେ ମୋ ହୃଦୟ ସାଗରର
ଅବପାତ ରୂପୀ ସୁନାମି
ଗଭୀର ହୋଇ ଧିରେ ଧିରେ
ବର୍ଷେଇ ଦିଏ ଅଗଣିତ ବର୍ଷା ।

ସେ ମୋ ମସ୍ତିଷ୍କର ଭାବନା
ଅନାବନା ଭାବୁ ଭାବୁ
ଭାବି ଦିଏ ତାକୁ,
ବେଳେ ବେଳେ ପ୍ରତିଫଳିତ ହୋଇଯାଏ
ସମ୍ଭାବନା ମଧ୍ୟରୁ ଅନେକ ସମ୍ଭାବନା ।

ସେ ମୋ ଶିରା ପ୍ରଶିରା ମଧ୍ୟର
ପ୍ରତିଟି ରକ୍ତ କଣା,
ମେଞ୍ଚାଏ କ୍ଷତରେ ମୋ ଅଙ୍ଗରୁ
ଗଦ୍ ଗଦ୍ ହୋଇ ବାହାରି ପଡ଼େ ।

ସେ ଏମିତି ନିର୍ବିକାର
ଚୁପ୍ ଚାପ୍ ଅନ୍ତର ଭିତରେ ପ୍ରବେଶି
ବେଳେ ବେଳେ କୋଷି ଦିଏ
ମୋ ଭାଗ୍ୟର ବିଡମ୍ବନାକୁ ।

ସେ ଯେ ଏମିତି କୁହୁକ କମଣ୍ଡଳ ମଧ୍ୟରୁ
କି ଲଗ୍ନେ ସିଞ୍ଚି ଦେଇ ଗଲା
ମନ୍ତ୍ର ସିଞ୍ଚିତ ମୋହିନୀ ପାଣି,
ମୁଁ ସେମିତି ଜଡ ସାଜି ଅପେକ୍ଷା କରିଛି
ଡିମିରି ଫୁଲ ଫୁଟିବା ମୁହୂର୍ତ୍ତକୁ ।


♥ ପଳାସ, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬


## ଜନମ ଭୂଇଁ

**ସୁନୀଲ କୁମାର ପ୍ରଧାନ**

ସେଇତ ମୋହର ଜନମ ଭୂଇଁରେ
ତାହାରି ପାଣି ପବନେ
ମୋହରି ଶରୀରେ ରହିଛି ଭରି
ତାହାରି ବାସ ଚନ୍ଦନେ ।

ଜନମ ହୋଇଣ ଭୂମିରେ ଲୋଟିଲି
ମାତୃଭୂମି କୋଳେ ପଡ଼ି
ତାହାର ଶୀତଳ ସରସୀ ଜଳେ
ଆସଇ ବରଷା ଝଡି ।

ଜନମ ଭୂମିର ବିନ୍ଦୁ ବିନ୍ଦୁ ତେଜ
ଶରୀରେ ଯାଇଛି ବହି
ମଧୁର ସ୍ୱରରେ କୋଇଲି ରାବଇ
ଗୁଣୁ ଗୁଣୁ ଗୀତ ଗାଇ ।

ସେହି ଭୂମିରେ ଘରଟି ମୋହର
ରହିଛି ସତେ ପଲ୍ଲୀ ପୁର
ଏକତ୍ର ହୋଇ ରହନ୍ତି ସତେ
ମନେ ଆନନ୍ଦ ଭରେ ।

ସେହି ମାଟି ରେ ଫସଲ ହୁଅଇ
ଚାଷୀ କରେ ତାର କର୍ମ
ଚାଷୀଭାଇ ତାର ମନ ଆନନ୍ଦ
କି କହିବା ତାର ମର୍ମ ।

ଜନମ ଭୂଇଁ ଅଟଇ ସେହି
ସରଗପୁର ମୋର
ଝାଟିପଦର ତାହାରି ନାମ
ଆହା କି କେଡେ ସୁନ୍ଦର ।

ଆସ ଭାଇ ଆମେ ଏକାଠି ହୋଇ
କରିବା ଉନ୍ନତି କାମ
ଆମର ପରିଚୟ ଆମକୁ ଯୋଗାଏ
ସଦା କରୁଥିବା କର୍ମ ।

ଆସ କୁନା କୁନି ଜନମ ଭୂଇଁକୁ
ନ ଭୁଲିବା କେବେ କେହି
ସେ ପରା ଅଟଇ ଆମରି ଗୌରବ
ମନରେ ସାହସ ବହୀ ।


♥ ଝାଟିପଦର, ପାଲୁର,
ଗଞ୍ଜାମ,
ମୋ - ୭୬୦୯୯୩୪୩୬୬


## ପ୍ରେମ

**ଦୀପକ କୁମାର ନାଏକ**

ସମସ୍ତେ ଭାବନ୍ତି ଏ ଦୁନିଆରେ କେବଳ
ପ୍ରେମ ହିଁ ମହତ୍ୱପୂର୍ଣ୍ଣ
ସେଇଥିପାଇଁ କି ପ୍ରେମରେ ପଡି ଭୁଲନ୍ତି
ନିଜ ହିତାହିତ ଜ୍ଞାନ !!

ଯେ ଭଲ ପାଇଛି ସେ ଏକା ଜାଣିଛି
ଏଇ ପ୍ରେମର ମହତ୍ତ୍ୱ କ'ଣ
ଯିଏ ଯାହା ଯେତେ ନିନ୍ଦା କରିଲେ ବି
ପ୍ରେମୀ କରନ୍ତି ଯେ ହେୟଜ୍ଞାନ !!

ନେତା ଠାରୁ ମନ୍ତ୍ରୀ ସଭିଏଁ ଭୁଲନ୍ତି
ପ୍ରେମରେ ପଡିଲେ ସବୁ
ମୁନି ଋଷି ଆଉ ଭଗବାନ ଆଦିଙ୍କୁ
ଏ ପ୍ରେମବି କରିଥିଲା କାବୁ !!

ମାନ ସମ୍ମାନ ଇଜତ ମହତ ଆଦି
ସବୁ ଏ ପ୍ରେମରେ ଯାଏ
ପରିସ୍ଥିତି ଯାହା ହେଉନା କାହିଁକି
ପ୍ରେମୀ କେବେ ଭୂଲି ନଯାଏ !!

ଏ ପ୍ରେମ ଏମିତିକା ଗୋଟେ ରୋଗ
ନିଏ ସବୁ କିଛି ଛଡ଼ାଇ
ହେଲେ ତଥାପି କାହିଁକି
ଏ ପାଗଳ ମନ
ଛଟପଟ ତାହା ପାଇଁ !!

ବାଃ ବାଃ ବାଃ ରେ ପ୍ରେମରେ
ତୋହର
ଏତେ ବଡ଼ ତୋର ଶକ୍ତି
ତୋ ଶକ୍ତି ରେ ସଭିଙ୍କୁ ବାନ୍ଧି ରଖିଥାଉ
ପ୍ରେମୀ ପାଏନା ଯମାରୁ ମୁକ୍ତି !!


♥ ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮


## ଢାବା

**ଦୀନବନ୍ଧୁ ପୋଇ**

ନିଛାଟିଆ ଜାଗା ଦେଖି ହୋଇଥାଏ ଗଢା
ଖରା ବର୍ଷା ଦିବା ନିଶି ସର୍ବଦା ସେ ଛିଡା ।
ନାନା ସ୍ୱାଦିଷ୍ଟ ବ୍ୟଞ୍ଜନ ହୁଏ ଏଠି ରନ୍ଧା
ମାଂସାଶୀ ଜନଙ୍କ ପାଇଁ ଅଜା ଥାଏ ବନ୍ଧା ।
ତଡ଼କା ମିକଷ୍ଚର ଘାଣ୍ଟ ମାଂସ ମାଛ ରୁଟି
ଗ୍ରାହକ ଖାଉଥାଆନ୍ତି ହାତକୁ ଯେ ଚାଟି ।
ଗ୍ରାହକ ଆସିଲେ ଏଠି ଖାଦ୍ୟ ହୁଏ ବଢା
ଚଉକିରେ ବସି ଖାଉ ଲୋଡା ନାହିଁ ପିଢା ।
ଖାଇବା ପିଇବା ଦ୍ରବ୍ୟ ମୂଲ୍ୟ ଥାଏ ଚଢା
ଖଟିଆଟେ ମିଳେ ଯଦି ଗ୍ରାହକ ଟି ବୁଢା ।
ଯିଏ ଖାଇ ପିଇ ଏଠି ମାରୁ ଥାଏ ଆଡ଼ା
ତାଙ୍କୁ ହିଁ ମାଲିକ ସେଠି କହିଥାଏ ଡେଢା ।
ପରିବାର ପାଇଁ ଥାଏ ସ୍ୱତନ୍ତ୍ର କୋଠରି
ବାଛି ବାଛି ଖାଉଥାନ୍ତି ସ୍ୱାଦିଷ୍ଟ ତରକାରି ।
ଢାବା ନାମ ରୂପେ ଏହା ରାସ୍ତାକଡେ ଥାଏ
ଯିଏ ଯେତେବେଳେ ଚାହେଁ ଏଠି ଆସି ଖାଏ ।
ଖାଅପିଅ ହେ ଗ୍ରାହକ ଆନନ୍ଦରେ ବସି
ଯୋଗାଅ ହେ ଖାଦ୍ୟଶସ୍ୟ ବିଲବାଡି ଚଷି ।
ଶସ୍ୟର ଅଭାବେ ଢାବା ଦିନେ ବୁଡିଯିବ
ଚାଷକୁ ଗୁରୁତ୍ୱ ଦେଲେ ଜୀବନ ରହିବ ।


ଗୋରଡ଼ା ପାଳ
ଢେଙ୍କାନାଳ


## ଆ...ରେ ବରଷା ଆ...

**ପ୍ରଦୀପ୍ତ କୁମାର ଦାସ**

ଆ...ରେ ବରଷା ଆ...
ସବୁରି ମନରେ ଭରସା ଭରି ତୁ
ଧରାରେ ବରଷି ଯା... ।

ନିଦାଘ କଷଣ ଯାଉ ଅପସରି
ଖେଳୁ ସବୁଆଡେ ଖୁସିର ଲହରୀ
ସବୁଜ ରଙ୍ଗର ଓଢଣୀ ଉଡ଼ାଇ
ହସୁ ଆମ ମାଟି ମା... ।

ଚାତକ ପରାଏ ଚାଷୀଭାଇ ତତେ
ଆକୁଳ ପରାଣେ ଡ଼ାକିଲାଣି କେତେ
ତା ଆଶା ନଈକୁ ଉଛୁଳାଇ ଦେଇ
ନାଚି ନାଚି ଚାଲିଯା... ।

ବିଜୁଳି ଗହଣା ତନୁରେ ସଜାଇ
ଘଡ଼ଘଡ଼ି ତାନେ ଛାତି ଦୁଲୁକାଇ
ନବ ସୃଜନର ପ୍ରତିଶ୍ରୁତି ଦେଇ
ମିଳନ ଗୀତିକା ଗା... ।


♥ କଣ୍ଠାବଣିଆ, ଛତ୍ରପଡ଼ା,
ପ୍ରୀତିପୁର,
ଯାଜପୁର- ୭୫୫୦୧୩
ମୋ-୮୫୯୪୮୮୫୮୯୮

ଗଳ୍ପମାଳା ୫

ସାପ୍ତାହିକ ଗଳ୍ପ ଫର୍ଦ୍ଦ


ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ସୋମବାର, ୨୭ ଜୁନ୍ ୨୦୨୨

# ଏ ମନ ମାନେନା



ଶୁଭଦର୍ଶିନୀ ଦାଶ
ରେଣ୍ଟାଲ କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର



ମନ..........

ମନ କ'ଣ ତାହା ଆଜିବି ମନସ୍ତତ୍ତ୍ୱବିତ୍ମାନେ ସଠିକ ଉତ୍ତର ଖୋଜି ପାଇନାହାନ୍ତି । ପ୍ରତ୍ୟେକ ପରୀକ୍ଷଣ ଦିଏ ନୂଆ ତଥ୍ୟ । ହଁ ଗ୍ରୀକ ଦାର୍ଶନୀକମାନେ ପ୍ରଥମତଃ ମନକୁ ନେଇ ତଥ୍ୟ ଉପସ୍ଥାପନା କରିଥିଲେ ଯାହା ପରବର୍ତ୍ତୀ ସମୟରେ ପୂର୍ଣ୍ଣ ପ୍ରମାଣିତ ହୋଇପାରିନଥିଲେ ବି ଆମେ ତାହାରି ଆଧାରରେ ମନର ସଂଜ୍ଞାକୁ ମାନି ନେଇଛେ । ମନ ହେଉଛି ଆତ୍ମା ବା ପ୍ରାଣର ଅନୁଭବ । ଟିକେ ଆମ କଥାକୁହା ଢଙ୍ଗରେ ବୁଝାଇବାକୁ ଗଲେ ଆତ୍ମାର ପରିପ୍ରକାଶ ।

ସେ ଯାହାବି ହେଉ ଏ ମନ ଏକ ଡେଣାଲଗା ପକ୍ଷୀ ଯାହା ସୀମାହୀନ ଓ ପରିବର୍ତ୍ତନଶୀଳ । ଆଉ ତାହାକେତେବେଳ କେଉଁ ରଙ୍ଗରେ ପରିବର୍ତ୍ତନ ହୋଇଯିବ ତାହାର କଳନା ଓ କଳ୍ପନା କରି ହେବ ନାହିଁ । ମଣିଷ ତା'ର ବୟସ, ଶିକ୍ଷା , ଅନୁଭୂତି, ସମ୍ପର୍କ, ସ୍ଥାନ, ଘଟଣା, ଦୁର୍ଘଟଣା ଇତ୍ୟାଦି ଆଧାରରେ ଏପରି ଅନେକ କ୍ଷେତ୍ରରେ ମନ ପରିବର୍ତ୍ତନ ହୋଇଥାଏ । କିନ୍ତୁ ସମ୍ପର୍କ, ବୟସ, ଓ ସମୟକୁ ନେଇ 'ମନ' ର ପରିବର୍ତ୍ତନ କେତେବେଳେ ମନକୁ ଛୁଇଁଯାଇ ହୃଦୟକୁ ଶୀତଳ ସ୍ପର୍ଶଟେ ଦେଇଯାଏ ତ' କେତେବେଳେ ହୃଦୟକୁ ବିଦାରି ଯନ୍ତ୍ରଣା ଦେଇଯାଏ ।

ସତରେ ସ୍ନେହ, ସମ୍ପର୍କ, ଭଲପାଇବା ପାଖରେ ଯେତେ କଷ୍ଟ ହେଉ, ଅବା ଦୁଃଖ ହେଉ ସବୁସହି ଏ ମନ ଭୁଲିଯାଏ ସବୁ କାହିଁକିନା 'ଏ ମନ ମାନେନା' । ଏଇ ଯେପରି ଛୋଟ ଛୋଟ କିଛି ଘଟଣା ଛୁଇଁଗଲା ମୋ ମନକୁ ଆଉ ମୋ ମନ କହିଲା ତାକୁ ଶବ୍ଦର ସାହାରରେ କାଗଜ କଲମରେ ସଜାଇ ଦେବାକୁ । ଏଥିପାଇଁ ସମୟ ଦେବାକୁ ପଡିଲା ମୋ ମନକୁ, କାହିଁକି ନା 'ଏ ମନ ମାନେନା' ।

ଠିକ ସେହିପରି ଗରିବ, ନିରୁପାୟ ବାପାକୁ ବାରବାର ମନ ପରିବର୍ତ୍ତନ କରିବାକୁ ପଡିଛି ତା ପିଲାମାନଙ୍କ ସମ୍ମୁଖରେ, ନିର୍ବୋଧ ଶିଶୁ ତା ମନକୁ ପରିବର୍ତନ କରିଦେଇଛି ସେ ଭଲ ପାଉଥିବା ଗୋଟେ କୁକୁର ଓ ଆଉଗୋଟେ ରୁଗ୍ଣ କୁକୁରକୁ ଖାଇବାକୁ ଦେବା ସମୟରେ । ତା'ର ମନ ମାନିନି ଆଉ ସେ ଚପଳ ମନ ପରିବର୍ତ୍ତନ ହୋଇଯାଇଛି କ୍ଷଣିକରେ ।

ଏଇ ଯେମିତି ଗୋପାଳ । ଜଣେ ନିରୁପାୟ ବାପା, ଭାଗ୍ୟ ଓ କର୍ମକୁ ଆଦରି ପରିବାର ପ୍ରତିପୋଷଣ ପାଇଁ ଆସି ଅଟୋ ଚଳାନ୍ତି ଗାଁ ଛାଡି ସୁଦୂର ରାଜଧାନୀରେ । ପରିବାରକୁ ବି ନେଇ ଆସିଛନ୍ତି ସାଙ୍ଗରେ । ରାଜଧାନୀରେ ଗଡୁଥିବା ମାଳ ମାଳ ଅଟୋ, ଟାଉନ ବସ ଭିତରେ ଯାହା ବେପାର ହୁଏ ଚଳିଯାଆନ୍ତି ଦୁଃଖେ ସୁଖେ ତାଙ୍କ ପରିବାର । ତାଙ୍କ ସ୍ତ୍ରୀ ଆଉ ପୁଅ ଦୁଇଙ୍କୁ ନେଇ ଏକ ବସ୍ତିରେ ନୁଆଁଣିଆ ଟିଣ ଆଜବେଷ୍ଟରେ ତିଆରି ହୋଇଥିବା ଏକ ଭଡା ଘରେ ରହନ୍ତି । ଛୁଆ ଦୁଇଟିଙ୍କୁ ପାଠ ପଢାନ୍ତି ପାଖ ଏକ ସରକାରୀ ସ୍କୁଲରେ । ସବୁ ଯେନତେନ ଚାଲିଥାଏ । ଛୁଆମାନଙ୍କୁ ବି ବୁଝେଇ ଦେଇଥାନ୍ତି ପାଖରେ ଥିବା ଅଫିସର କ୍ୱାଟରକୁ ଦେଖାଇ ଯେ ଦେଖ ପାଠପଢିଲେ ଏଭଳି ବଡ ଘରେ ରହିବ, ବଡ ଗାଡି ଚଢିବ ଇତ୍ୟାଦି ଇତ୍ୟାଦି । ଅନେକ କିଛି ବଡ଼ ଆଶା, ସ୍ୱପ୍ନ, ବାପା ମନ ତ' । ଛୋଟ ପିଲା ସ୍କୁଲ, ଟ୍ୟୁସନ, ଖେଳ କୁଦରେ ଦିନ ସରିଯାଏ । ଘରକୁ ଫେରିବା ବାଟରେ ଥାଏ ଗୋଟେ ଚକଲେଟ୍ ଦୋକାନ, ଠିକ ଘରକୁ ଲାଗି । ବାପା ବି ଅଟୋ ଭଡାନଥିଲେ ସେଇଠି ବସି ଗପୁଥାନ୍ତି । ଛୁଆ ମନ, ଗଲା ଆସିଲା ସମୟରେ ଦୋକାନର ଚକଲେଟ୍ ଡବାଗୁଡିକୁ ଅନାଇ ଚାଲି ଯାଆନ୍ତି । ଏପଟେ ବାପା ଆଡେ ବି ଅନାନ୍ତି । ଦେଖିଲେ ମନେହୁଏ ବାପ ଛୁଆ ପରସ୍ପର ଅକୁହା ଭାଷା ଯେମିତି ବୁଝି ପାରନ୍ତି । ସେମାନେ ବି ଜାଣି ଯାଇଛନ୍ତି ବୋଧେ ବାପାଙ୍କର ଆଜି କିଛି ରୋଜଗାର ହୋଇନି । ବାପା ବି ଦୋକାନରେ ବସିଥିବା ବେଳେ ଅନେକ ଛୁଆଙ୍କୁ ସେଠି ଦେଖନ୍ତି ଚକଲେଟ୍ କିଣିବାର କିନ୍ତୁ ମନକରି ବି ଅର୍ଥର ଅଭାବ ପାଇଁ ଦେଇପାରନ୍ତିନି ଛୁଆମାନଙ୍କୁ ତେଣୁ ଛୁଆମାନଙ୍କୁ ବୁଝାଇ ଦେଇଛନ୍ତି ବୋଧେ ।

ସେ ଯାହାବି ହେଉ, ସେଦିନ ବୋଧେ ଦୁଇ ତିନୋଟି ଭଲ ଭଡା ମିଳିଯାଇଛି, ପାଖରେ କିଛି ପଇସା ବି ଅଛି ଆଉ ବାପା ବସିଛନ୍ତି ସେ ଦୋକାନରେ । ଛୁଆମାନେ ବାପା ମା' ଙ୍କ ସହ ଆସି ଚକଲେଟ୍ ନେଇ ଯାଉଛନ୍ତି, ଠିକ ସେଇ ସମୟରେ ଦୁଇପୁଅ ଘରୁ ବାହାରି ଆସିଲେ ସାଇକଲ ଧରି, ସେମାନେ ସବୁ ଦିନପରି ଯାଉଥାନ୍ତି ନିଜ କାମରେ । ବାପା ପାଖକୁ ଡାକି ପଚାରିଲେ କୁଆଡେ ଯାଉଛ କି' ରେ..... । ଚକଲେଟ୍ ନେଇ ଯାଅ ହେଲେ ପୂର୍ବବତ୍ ପିଲାମାନଙ୍କର ସେଥିପ୍ରତି ଆଗହ ନଥିଲା । ସେମାନେ ମନାକରିଦେଇଥିଲେ । ବାପା ବାରମ୍ବାର ପଚାରୁଥାନ୍ତି ଆଉ ସେମାନେ ମନାକରୁଥାନ୍ତି । ବାପା ଭାବିଲେ ଗରମ ହେଉଛି କାଳେ ଆଇସକ୍ରିମ ଖାଇବାକୁ ମନଥିବ ତେଣୁ ଦୁଇଜଣଙ୍କ ହାତରେ ଦଶ ଦଶ ଟଙ୍କା ଧରାଇ ଦେଲେ । ବାପା ନିଜ ଅଭାବୀ ମନକୁ ଯାହା ବୁଝାଇ ଥିଲେବି, ଆଜି ପାଖରେ ପଇସା ଅଛି ନା, ବାପାଙ୍କ ମନ ବୁଝିବ କିପରି ଛୁଆଙ୍କୁ ଚକଲେଟ୍‌ଟେ ନ ଖୁଆଇଲେ । ସତରେ ଏ ମନ ମାନେନା..... ।

ଏଇ ଯେମିତି ନିର୍ବୋଧ ଛୁଆଟିର ମନ ତତକ୍ଷଣକ୍ଷତ ପରିବର୍ତ୍ତନ ହୋଇଯାଇଛି ଛୋଟ ବେଳରୁ ଭଲପାଉଥିବା ଦୁଇ କୁକୁର ପାଖରେ ।

ଛୋଟ ପିଲାଟି ସାଇ । ସେ ଯେଉଁଠି ରହୁଥିଲା ସେ ପାଖ ଆଖରେ ଅନେକ ବୁଲା କୁକୁର ରହନ୍ତି । ଯିବା ଆସିବା ଲୋକଙ୍କୁ ହଇରାଣ କରନ୍ତି ତେଣୁ ଲୋକମାନେ ବି.ଏମ.ସି ଅଫିସରେ ଜଣାଇଥିଲେ ଆଉ ତାଙ୍କର କୁକୁର ଧରା ଗାଡି ଆସି ନେଇଯାଇଥିଲା ସବୁ କୁକୁରଙ୍କୁ । ମାତ୍ର ତା'ର ଘର ପଛପଟେ ଅଜଣା ବଶତଃ ରହିଯାଇଥିଲା କୁକୁର ଛୁଆଟିଏ । ସାଇ ବି ଛୋଟ ପିଲାଟିଏ, ଯେବେ ଘର ବାହାରକୁ ଯାଏ ଛୁଆ କୁକୁରଟି ପଳେଇ ଆସେ ତା' ପାଖକୁ, ତା ସହ ଟିକେ ଖେଳେ ଆଉ ପଳେଇ ଆସେ । ସାଇ ନିର୍ବୋଧ ମନରେ କହେ ଇଏ ମୋ ଛୁଆଟା ମୁଁ ତାକୁ ଜନ୍ମ କରିଛି (ତା କହିବା କଥା ଏଇଟା ମୋର, ମୁଁ ତାକୁ ପାଳିଛି) । ତାକୁ ବି ସେ ସାଇରାମ ବୋଲି ଡାକେ । ସମୟକ୍ରମେ ସେ ବି ବଡ ହୋଇଯାଥିଲା ଆଉ ସାଇବି ଏବେ ବଡ ଛୁଆ । କିନ୍ତୁ ତା' ଘର ପାଖରେ ଆସି ରହିଯାଇଥାଏ ଆଉ ଏକ ଖାଇବା ଅଭାବରୁ ଦୁର୍ବଳ ହୋଇଯାଇଥିବା କୁକୁରଟିଏ । ତେଣୁ ତାକୁ ସାଇଶୁକୁଲୁ ବୋଲି ଡାକେ । ଏବେ ସାଇ ବିସ୍କୁଟ ନେଇ ଗଲେ ଦୁଇଜଣକ ପାଇଁ ନେଇ ଯାଏ । ସାଇରକ୍ଷମ ଚଟାପଟ ଖାଇଦିଏ ଆଉ ଶୁକୁଲୁ ବଳ ପାଉନଥିବାରୁ ଧୀରେଧୀରେ ଖାଏ । ସାଇରକ୍ଷମ ଆସି ତା'ର ବି ଖାଇବା ଖାଇଦିଏ । ଛୋଟ ପିଲା ମନରେ ଦୟାଭାବ ଅସିଯାଇଥାଏ ବିଚରାଶୁକୁଲୁ ପ୍ରତି ତେଣୁ ସେ ସାଇରାମକୁ ରାଗିଯାଇ "ବିଶ୍ୱାସଘାତ" ବୋଲି କହିବା ସହ ଆଉ ତତେ ଦେବିନି କହି ଘୋଉଡାଇ ଦେଲା । ସେ କିଛି ଦୂର ଯାଇ ଅନାଇ ବସିରହିଲା । ହାତରେ ଦୁଇଟି ବିସ୍କୁଟ ଭାଙ୍ଗି ତଳେ ପକାଇଲା ବେଳକୁ ତା' ନଜର ପଡିଗଲା ସାଇରାମ ଉପରେ, ତା ମୁହଁକୁ ଦେଖି ସାଇର ମନ ଆଉ ମାନିନଥିଲା । ଦୁଇଟିରୁ ଗୋଟିଏ ବଢ଼ାଇଦେଲା ତା ଆଡକୁ ।

'ପଶୁ ହେଲେବି ତା ପ୍ରେମରେ ବନ୍ଧା ସାଇର ମନ ମାନିନଥିଲା । ବଢ଼ାଇଦେଇଥିଲା ତା ଆଡକୁ ବିସ୍କୁଟ ଖଣ୍ଡେ' । ଛୋଟ ଛୁଆଟିର ମନ ମାନି ନଥିଲା ନିରୀହ ପଶୁପ୍ରତି ଥିବା ଅହେତୁକ ବନ୍ଧୁତା ଆଗରେ ।

ସତରେ ଏ ମନ ମାନେନା..... ।

# ବିଶ୍ୱାସ

ଆଦ୍ୟାଶା ମହାପାତ୍ର




ଦୁଇ ଦିନ ପରେ ବାହାଘର । ଶୁଭା ମନରେ ଖୁସି ନାହିଁ । ସତ୍ୟର ଭଲ ପାଇବାକୁ ଅଗ୍ରାହ୍ୟ କରି ସେ ଅନ୍ୟ କେଉଁଠି ବାହା ହେବାକୁ ଚାହେଁନା ବୋଲି କହି ସାରିଥିଲେ ବି ଘରେ ତା' କଥା ଶୁଣିବାକୁ କେହି ବି ପ୍ରସ୍ତୁତ ନୁହଁନ୍ତି । ସତ୍ୟ ପାଖରେ ବହୁତ ପଇସା ନଥିଲେ ବି ଖୁବ୍ ଉତ୍ତମ ସ୍ୱଭାବର । ଏପର୍ଯ୍ୟନ୍ତ ଚାକିରୀ ନପାଇଥିଲେ ବି ଦିନେ ନା ଦିନେ ସେତକ ଯୋଗାଡ କରିଦେବ ବୋଲି ଶୁଭାର ଅଖଣ୍ଡ ବିଶ୍ୱାସ ।

ସତ୍ୟ ସହିତ ପ୍ରଥମେ ଦେଖା ହୋଇଥିଲା ମନ୍ଦିର ପାଖରେ । ଦୀପଟିଏ କିଣିବାକୁ ଖୁଚୁରା ଟଙ୍କା ନେଇ ଦୋକାନୀ ସହିତ ଶୁଭାର ବାର୍ତ୍ତାଳାପରୁ ସବୁକଥା ବୁଝିପାରି, ଦୋକାନୀକୁ ନିଜ ଆଡୁ ଦୁଇଟି ଦୀପର ପଇସା ଦେଇ ସେଥିରୁ ଗୋଟିଏ ହସି ହସି ଶୁଭା ହାତକୁ ବଢାଇ ଦେଲା । ଏମିତି ଏକ ପରିସ୍ଥିତିରେ କ'ଣ କରିବ ବୋଲି ଥତମତ ହେଲା ଶୁଭା ।-'ମୁଁ ଜାଣେ ଅନ୍ୟ କାହା ପଇସାରେ ଦୀପ କିମ୍ବା ଭୋଗ ଲଗା ଯାଏନା । ପର ସୋମବାର ଦିନ ମୋର ପାଉଣା ଫେରେଇ ଦେବ, ହେଲା ?' । ଶୁଭା କିଛି କହିବା ପୂର୍ବରୁ ସମସ୍ୟାର ସମାଧାନ କରିଦେଲା ସତ୍ୟ । ମନ୍ଦିରରୁ ବାହାରିଲା ବେଳକୁ ସ୍ତ୍ରୀ ଲୋକଟିଏ ସତ୍ୟ ବାଇକ୍ ପଛରେ ବସି ଯାଉଥିବାର ଶୁଭା ନଜରରେ ପଡିଲା ।

ସତକୁ ସତ ପର ସୋମବାର ଦିନ ମନ୍ଦିର ପାଖ କନିଅର ଗଛ ମୂଳେ ସତ୍ୟକୁ ଆବିଷ୍କାର କଲା ଶୁଭା । ପଇସା ଫେରେଇବାକୁ ହାତ ବଢାଇବା ବେଳକୁ ' ଆରେ, ମୁଁ ଦୀପ ଦେଇଥିଲି, ମୋତେ ଦୀପ ଫେରେଇବ । ହଁ, ମୋ ନାଁ ସତ୍ୟ । ସତ୍ୟ ସ୍ୱରୂପ ମିଶ୍ର' ହସି ହସି କହିଥିଲା ଖୁବ୍ ସାବଲୀଳ ଭାବରେ । -'ଆଚ୍ଛା ସତ୍ୟ ବାବୁ, ସେଦିନ ଆପଣଙ୍କ ଗାଡ଼ିରେ କ'ଣ ଭାଉଜ ବସିଥିଲେ ? ଆଜି ଆସି ନାହାନ୍ତି କି !'

-' ହଁ, ଠିକ୍ କହିଛ । ସେ ମୋ ଭାଉଜ । ଆଜି ଆସି ନାହାନ୍ତି । ' ଶୁଭାକୁ ଉତ୍ତର ଫେରେଇଲା ସତ୍ୟ । ସେଇଠୁ ସେମାନେ ପରସ୍ପର ବିଷୟରେ କିଛି ଆଳାପ ଆଲୋଚନା କଲେ । କ୍ରମେ ସେମାନଙ୍କ ମଧ୍ୟରେ ଆହୁରି ଅନ୍ତରଙ୍ଗତା ବଢ଼ି ଯାଇଥିଲା । କେତେଥର ଶୁଭାକୁ ବାଇକ୍‌ରେ ବସେଇ ଘରଠାରୁ ଅଳ୍ପ ଦୂରରେ ଛାଡି ଆସିଛି ସତ୍ୟ । ହେଲେ କେବେ ବି ଶୁଭା ଦେହକୁ ଅଯଥା ଛୁଇଁବାକୁ ଚେଷ୍ଟା କରିନି । ଖୁବ୍ ସୁଧାର ଏବଂ ସଞ୍ଜତ ସେ । ଶୁଭା ମନକୁ ଦିନକୁ ଦିନ ଆବିଷ୍ଟ କରି ରଖିଲା ସତ୍ୟର କଥାବାର୍ତ୍ତା ଏବଂ ବ୍ୟବହାର କହିଲେ ଅତ୍ୟୁକ୍ତି ହେବ ନାହିଁ । ତା ପ୍ରତି ଖୁବ୍ ବିଶ୍ୱାସ ଏବଂ ଭରସା ଆସି ଯାଇଥିଲା ଶୁଭା ମନରେ ।

ପ୍ରଭା ଦିଦିର ଡାକରେ ଶୁଭା ଭାବନା ରାଜ୍ୟରୁ ଫେରି ଆସିଲା । 'ଆ, ଗହଣା ସବୁ ଦେଖିବୁ ଶୁଭା' । ଦିଦିର ସ୍ୱର ଶୁଭୁଥିଲା ଆର ଘରୁ । କେତେ ଦିନ ଆଗରୁ ଶାଶୁଘରୁ ଆସି ମା ସହିତ ମିଶି ଶୁଭା ବାହାଘର ପାଇଁ ଲାଗି ପଡିଛି ଏଇ ଦିଦି । ଶୋଭା ଶୋଇଥିବାର ଛଳନା କରି ବିଛଣାରେ ସେମିତି ପଡି ରହିଲା । ଗହଣା ଦେଖିବାକୁ ତା ମନରେ ସରାଗ ନାହିଁ । ହଠାତ୍ ମୁଣ୍ଡରେ ବୁଦ୍ଧିଟିଏ ଉଙ୍କି ମାରିଲା । ସତ୍ୟକୁ ଫୋନ୍ ଲଗାଇଲା ।-' ଶୁଣ, ତୁମ ବିନା ମୁଁ ବଞ୍ଚି ପାରିବି ନାହିଁ । ତୁମେ କହୁଥିଲ ନା ପଇସା କିଛି ଯୋଗାଡ କଲେ ହାତଛଡ଼ା ହୋଇ ଯାଉଥିବା ଚାକିରି ତୁମର ହୋଇଯିବ ବୋଲି । ତୁମ ପ୍ରତି ମୋର ଅଗାଧ ବିଶ୍ୱାସ ଅଛି । ବାହାଘର ପାଇଁ କିଣା ହୋଇଥିବା ଗହଣା ସବୁ ଆଉ ପଇସା କିଛି ଧରି କାଲି ସକାଳୁ ମନ୍ଦିର ପାଖରେ ପହଞ୍ଚିବି । ଆମେ କେଉଁଆଡେ ପଳେଇବା । ନହେଲେ ସେମାନେ ମୋ ବାହାଘର କରାଇ ଦେବେ । ପ୍ଲିଜ, ନିଶ୍ଚୟ ଆସିବ !'



' ହେଉ ତୁମର ଯାହା ଇଚ୍ଛା !' ଶୁଭିଥିଲା ସତ୍ୟର ଭିଜିଲା ସ୍ୱର ।

ପରଦିନ ସକାଳକୁ ସତ୍ୟ ଆଗତୁରା ଆସି ମନ୍ଦିର ପାଖରେ ଠିଆ ହୋଇଥିଲା । ଶୁଭା ହାତରୁ ବ୍ୟାଗଟିକୁ ନେଇ ଗାଡ଼ି ପାଖକୁ ଆସିଲା । 'ଶୁଭା ! ତୁମର ସୁଭବିଷ୍ୟତ ପାଇଁ ଠାକୁରଙ୍କୁ କିଛି ଯାଚନା କରିବନି ! ଆଶିର୍ବାଦ ନେବନି ?' ଏଇ ଘଡିସନ୍ଧି ମୂହୁର୍ତ୍ତରେ ବି ସତ୍ୟ କଥାରେ ଶୁଭା ଟିକେ ହସିଲା । ମନ୍ଦିର ଆଡକୁ ପାଦ ବଢେଇ ଶୁଭା ମନେ ମନେ ଭାବୁଥିଲା ସତରେ ଏବେ ସେଇ ଠାକୁର ହିଁ ଏକମାତ୍ର ଭରସା । ମନ୍ଦିରରୁ ବାହାରି ଶୁଭା ଦେଖିଲା ସତ୍ୟ ସେ ଜାଗାରେ ନାହିଁ ହେଲେ ଗୋଟିଏ କଡକୁ ତା'ର ଖୋଲା ବ୍ୟାଗଟା ପଡିଛି । ଗହଣା ଆଉ ଟଙ୍କା ଛଡା ବ୍ୟାଗରେ ସବୁ ଜିନିଷ ସେମିତି ରହିଛି । ମୁଣ୍ଡରେ ହାତ ଦେଇ ଲଥ କରି ବସି ପଡିଲା ସେଇଠି । ଏମିତି ଅଧଘଣ୍ଟାଏ ବିତିଗଲା । ଏବେ କ'ଣ କରିବ ସେ !

ଭାଗ୍ୟକୁ ତା ଭେନିଟ ବ୍ୟାଗରେ ମୋବାଇଲ ଆଉ ଟଙ୍କା କିଛି ରହି ଯାଇଥିଲା । ଫୋନ୍ କରିବାକୁ ଚେଷ୍ଟା କଲା । ଆଶାନୁଯାୟୀ ସତ୍ୟର ଫୋନ୍ ସୁଇଚ ଅଫ୍ ଅଛି । ରିକ୍ସାଟିଏ ନେଇ ଥରେ ଦୂରରୁ ସତ୍ୟ ଦେଖାଇ ଥିବା ତାଙ୍କ ଘରକୁ ଖୋଜିବାକୁ ଗଲା । ସେଇଠି ପହଞ୍ଚି ସତ୍ୟ ସହ ସେଲଫି ନେଇଥିବା ଫଟୋରୁ ସତ୍ୟକୁ ଏବଂ ତାଙ୍କ ଘରକୁ ଆବିଷ୍କାର କରିବାକୁ ଚେଷ୍ଟା କଲା । ଶେଷରେ ସେ ସଫଳ ବି ହେଲା । ହେଲେ ସତ୍ୟ ନିଜ ଘର ନୁହେଁ , ଭଡାଘରେ ରହୁଥିଲା ବୋଲି ଲୋକ ମାନଙ୍କଠାରୁ ଜାଣିଲା । ତଥାପି ତା ମନରେ ଆଶାର କିରଣଟିଏ ଯେମିତି ଉଙ୍କି ମାରିଲା । ସେତେବେଳକୁ ସୂର୍ଯ୍ୟ ବି ଚାରିଆଡେ ତୋଫା ଆଲୁଅ ବିଛେଇ ଦେଲେଣି ।

ଠିକ୍ ଜାଗାରେ ପହଞ୍ଚି ଦେଖିଲା ସେ ଘରେ ତାଲା ଝୁଲୁଛି । ଘର ମାଲିକଙ୍କୁ ଭେଟି ସତ୍ୟ ବିଷୟରେ ପଚାରିଲା । ଏଇ ଟିକିଏ ଆଗରୁ ବାକି ଥିବା ଦୁଇ ମାସର ଘରଭଡା ଟଙ୍କା ଦେଇ ଘର ଛାଡି ସସ୍ତ୍ରୀକ କେଉଁଆଡେ ଚାଲି ଯାଇଛନ୍ତି ବୋଲି ଜାଣିବାକୁ ପାଇଲା । ଶୁଭା ଭଙ୍ଗାମନ ନେଇ ରିକ୍ସାରେ ବସିଲା ।- 'ଭାଗ୍ୟ ଭଲ ତୋ ଜୀବନ ସମ୍ପୁର୍ଣ୍ଣ ନଷ୍ଟ କରିନି ସେ ବଦମାସ୍ । ଝିଅ ସାବଧାନ ଥିବୁ । ଆଗରୁ ଜଣେ ଦୁଇ ଜଣ ଝିଅ ଏଇଠୁ କାନ୍ଦି କାନ୍ଦି ଫେରିଛନ୍ତି ।' ପଛରୁ ଶୁଭିଲା ଘର ମାଲିକଙ୍କ ସ୍ୱର । ତା ସାମ୍ନାରେ ଏବେ ସେଇ ବିଧବା ମା'ର ପଣତ ହିଁ ପତିତପାବନ ବାନା ହୋଇ ଅଭିପ୍ରେତ ହେଲା । କାଲି ସକାଳୁ ବାହାଘର । ମାଆର ହୃଦୟ ତାକୁ କ୍ଷମା କରିଦେବ ବୋଲି ଶୁଭାର ଆଶା ଓ ବିଶ୍ୱାସ ଥିଲା... !!!

+ନୂଆପଡା, କଟକ

# ଭାଇରାଲ୍

ସୁଦର୍ଶନ ମହାପାତ୍ର





ଶ୍ରବଣ ବସିଥିଲା ତା ଘର ସାମ୍ନାରେ ଥିବା ମୁଣ୍ଡିଆ ଉପରେ । ଆଖି ଆଗରେ ନାଚି ଯାଉଥିଲା ସେଇ ଦୃଶ୍ୟ । ସେଦିନ ତା' ବାପା ଏଇ ଜାଗାରେ ବସିଥିଲା । କାହାରି କଥାରେ କୌଣସି ଜବାବ ଦେଉ ନଥିଲା । ପରଦିନ ବଡି ସକାଳୁ ସୁରଟ ଯାଉଥିବା ଟ୍ରେନରେ କୌଣସି ମତେ ପାଦ ରଖିଥିଲା । କରୋନା ସମୟରେ ଫେରି ଗାଁ ମାଟି ଆଉ ଛାଡିବିନି ବୋଲି କରିଥିବା ଶପଥ ଭାଙ୍ଗି ଆଉଥରେ ଦାଦନ ଖଟିବାକୁ ବାହାରି ଯାଇଥିଲା ପରିବାର ପୋଷଣ ଦାୟରେ ।

ଖଣ୍ଡିଆ ଖାବରା କାଦୁଅ ଲେସା ଘରର ଅବସ୍ଥା ସେମିତି ରହିଗଲା । ଆବାସ ଟଙ୍କା ମିଳିଲେ ଇଟା ସିମେଣ୍ଟର ଘରଟିଏ କରି ପାରିବାର ସ୍ୱପ୍ନ ସେମାନଙ୍କର ଭାଙ୍ଗି ଯାଇଥିଲା । ଆଜକୁ ଦୁଇ ବର୍ଷ ହେଲା ସେ ତା' ବାପାକୁ ଦେଖିନି । ଅବଶ୍ୟ କିଛି କିଛି ଟଙ୍କା ତା ଠାରୁ ପାଇ କୌଣସି ମତେ ଚଳି ଯାଇଛନ୍ତି ସେମାନେ । ଏଇ ଦୁଇ ବର୍ଷ ଭିତରେ ସେ ତା'ର ଚିର ଇପ୍ସିତ ଭୋଟ ଦେବା ଅଧିକାର ବୟସରେ ମଧ ପହଞ୍ଚି ଯାଇଛି ।

ଏଥିର ନିର୍ବାଚନରେ ସେ ଭୋଟ ଦେଇ ପାରିବ । ଦାଦା ହିସାବରେ ଜଣେ ଚିହ୍ନେଇ ଦେଇଥିଲେ ଏଥରର ସରପଞ୍ଚ ପ୍ରାର୍ଥୀ ଆଉ ତାଙ୍କ ଚିହ୍ନକୁ । ଆଗଥର ବି ସେ ସରପଞ୍ଚ ଥିଲେ । ତାଙ୍କରି ଦଳର ଶାସନ ଚାଲିଛି ଏବେ । ତାଙ୍କ ହସହସ ମୁହଁ ଦେଖି ଶ୍ରବଣ ଭରସା କରି ନିଜ ଦୁଃଖ ଜଣେଇଲା । ଏଇଥର ଜିତିଗଲେ ତାଙ୍କ ଭଙ୍ଗା ଘର ନୂଆ ରୂପ ନେବ ବୋଲି ସେ ପ୍ରତିଶ୍ରୁତି ଦେଲେ । ଭୋଟ ପୂର୍ବଦିନ ରାତିରେ ସେଇ ଦାଦା ଆଣି ଶ୍ରବଣ ହାତରେ ହଜାର ଟଙ୍କା ଗୁଞ୍ଜି ଦେଲେ ଆଉ ବୁଝେଇ ଦେଇଥିଲେ ଯେ ସରପଞ୍ଚ ବାବୁ ଭାରି ଦୟାଳୁ । ତାଙ୍କ ଘରର ଅବସ୍ଥା ଜାଣି ଏ ଟଙ୍କା ପଠେଇଛନ୍ତି । କାହାକୁ ଏକଥା ନକହିବାକୁ ତାଗିଦ୍ କରି କହି ନିର୍ବାଚନ ପରେ ତୁମର ସବୁକଥା ବୁଝିବେ ବୋଲି ଆଶ୍ୱାସନା ମଧ ଦେଲେ । ଶ୍ରବଣ ମାଆକୁ ବୁଝେଇ କହିଲା ସବୁ କଥା । ହେଲେ ମାଆ କିଛି ଉତ୍ତର ଫେରାଇଲା ନାହିଁ ।

ଭୋଟ ଫଳାଫଳକୁ ଆତୁର ହୋଇ ଚାହିଁ ରହିଥିଲା ଶ୍ରବଣ । ସେଇ ସରପଞ୍ଚ ଆଉଥରେ ଜିତିଛନ୍ତି ଜାଣି ଖୁସିରେ ଯେମିତି ସେ ନାଚି ଉଠିଲା । ଦୁଇ ଦିନ ପରେ ଦାଦାଙ୍କୁ ମନେ ପକେଇ ଦେଲା ତାଙ୍କ ଆବାସ ଟଙ୍କା କଥା । ପ୍ରାୟ ମାସକ ପର୍ଯ୍ୟନ୍ତ ଶ୍ରବଣ ଗୁହାରିରେ ଅତିଷ୍ଠ ହୋଇ ଦାଦା ସରପଞ୍ଚଙ୍କ ସହିତ ଭେଟ କରାଇଦେଲେ । ସରପଞ୍ଚଙ୍କ ମୁହଁରେ ହସ ଟିକେ ଦୂରେ ଥାଉ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ଶ୍ରବଣ ମୁହଁକୁ । ଦାଦା ଫୁସଫୁସ ଶବ୍ଦରେ କ'ଣ ସବୁ ତାଙ୍କ କାନ ପାଖରେ କହିଲେ କେଜାଣି ସେ -'ହଉ ଦେଖିବା' କହି ଦାଦାଙ୍କ ଆଡକୁ ଚାହିଁ ମୁରୁକି ହସିଲେ । ବାହାରକୁ ଆସି ,ପାଞ୍ଚ ହଜାର ଟଙ୍କା ଯୋଗାଡ କରି ସରପଞ୍ଚ ଆଜ୍ଞାଙ୍କୁ ଦେଲେ ସେ ପୁରା ଆବାସ ଟଙ୍କାର ବନ୍ଦୋବସ୍ତ କରିବେ ବୋଲି କହିଲେ ଦାଦା ।

ଶ୍ରବଣ ଥ କରି ବସି ପଡିଲା ସରପଞ୍ଚ ଙ୍କ ଘର ଆଗ ଝଙ୍କା ବରଗଛ ମୂଳେ । ତାକୁ ଆଉ କିଛି ବୁଦ୍ଧି ବାଟ ଦିଶୁନଥିଲା । ଆଖିରେ ଆଖିଏ ଲୁହ ନେଇ ଦାଦାଙ୍କ ହାତକୁ ଧରି ପକେଇଲା । ପାଟି ଖୋଲି ଆଉ କିଛି କହିବା ଅବସ୍ଥାରେ ସେ ନଥିଲା । -'ମୁଁ ଜାଣେ ତୁମ ଘର ଅବସ୍ଥା । କିଛି ନହେଲେ ତୋ ମାଆ ପାଳିଥିବା ଖାସିରୁ ଦୁଇଟା ନେଇ ଆ । ପାର୍ଟି ଲୋକେ ଭୋଜି ଖାଇବେ । ତୁ ବି ଭୋଜିକୁ ଆସିବୁ । ଦେଖିବୁ ତୋ କାମ ଆପେ ହୋଇଯିବ' ! ତା ପିଠି ଥାପୁଡେଇ କହିଲେ ଦାଦା । ଶ୍ରବଣ ଆଖିରେ ଅବିଶ୍ୱାସର ଧୂଆଁ ବିସ୍ତରି ଯାଉଥିଲା ।

ଦାଦାଙ୍କୁ ନକହି, ଦିନେ ସେ ପହଞ୍ଚିଗଲା ସରପଞ୍ଚ ଙ୍କ ଘରେ । ମର୍ଣ୍ଣି ଓ୍ୱାକରୁ ଫେରି ସରପଞ୍ଚଙ୍କ ନଜର ପଡିଲା ଶ୍ରବଣ ଉପରେ । ଏଥର ତାକୁ ଚିହ୍ନି ପାରିଲେ ସେ । ଶ୍ରବଣ ହାତଯୋଡି ନମସ୍କାର କଲା ଏବଂ ସେଇ ମୁଦ୍ରାରେ ମୁହଁ ତଳକୁ ପୋତି ଠିଆ ହୋଇ ରହିଲା । -'ଆରେ ବାବୁ ! ମୋ ଠି କିଛି କଥା ନାହିଁ । ତୋ ପାଇଁ ତୋ ଦାଦା ଏତେ ଦଉଡା ଦଉଡି କରୁଛି । ତା କଥା ହେଲେ ବୁଝ୍ ' - ଅଳ୍ପ ହସି କହିଲେ ସରପଞ୍ଚ ବାବୁ । ଏଥର ପକେଟରୁ ହଜାର ଟଙ୍କା ବାହାର କରି ସରପଞ୍ଚ ଙ୍କ ଆଡକୁ ବଢେଇ ଦେଇ କହିଲା -' ଏଇ ନିଅନ୍ତୁ ସେଇ ଟଙ୍କା ଯେଉଁଟା ନିର୍ବାଚନ ପୂର୍ବ ରାତିରେ ଦାଦାଙ୍କ ହାତରେ ପଠଇଥିଲେ ଆପଣ । ଏଇଟାକୁ ତାଙ୍କୁ ଦେଇଦେବେ' । ହଠାତ୍ ସରପଞ୍ଚଙ୍କ ହାତର ଚାପୁଡା ବସିଥିଲା ଶ୍ରବଣ ଗାଲରେ । ସରପଞ୍ଚଙ୍କୁ ଦେଖା କରିବାକୁ ଆସିଥିବା ଲୋକମାନେ ତଟସ୍ଥ ହୋଇ ଚାହିଁଥିଲେ ତାକୁ । ସେ ସେଇଠୁ ଫେରି ଆସିଲା ସବୁ ଦୁଃଖ ଅପମାନକୁ ସହି ।

ଶ୍ରବଣର ପୁଣି ମନେ ପଡିଲା ତା ବାପା କଥା । ଖାସି ଚରେଇଲା ବେଳେ ଗୋଟିଏ କେଉଁଠି ହଜିଗଲା ବୋଲି ନିଜ ତରଫରୁ ସଫେଇ ଦେଇ ଗୁମ୍ ହୋଇ ବସି ରହିଲା ଦିନେ । ତା'ପରଠୁ ତିନି ଦିନ ପର୍ଯ୍ୟନ୍ତ କାମକୁ ନଯାଇ ସରପଞ୍ଚଙ୍କ ପାଖକୁ ଦୌଡିଥିଲା ତା ବାପା । ଏକଥା ମା ଜାଣି ବି କିଛି ପଚାରି ନଥିଲା । ସବୁକଥା ଯେମିତି ହୃଦୟଙ୍ଗମ କରିପାରୁଥିଲା ଶ୍ରବଣ । ଏତିକି ବେଳକୁ ମନେ ପଡିଲା ଆଜି ତାଙ୍କ ଗାଁ ମନ୍ଦିର ପ୍ରତିଷ୍ଠା ଦିବସ ।

ଆଜି ମନ୍ଦିର ପ୍ରତିଷ୍ଠାକୁ ଏମ୍ ଏଲ୍ ଏ ଆସିବେ ବୋଲି ଖବର ପାଇଲା ଶ୍ରବଣ । ସରପଞ୍ଚ ବାବୁ ତ ନିଶ୍ଚୟ ଆସିବେ । ମୁଣ୍ଡିଆ ଉପରୁ ଉଠି ସେ ଗଲା ମନ୍ଦିର ପାଖକୁ । ଏମ୍‌ଏଲ୍‌ଏଙ୍କ ପାଖରେ ବସିଥିବା ସରପଞ୍ଚ ବାବୁଙ୍କ ହସହସ ମୁହଁ ଦିଶୁଥିଲା ଦୂରରୁ । ଶ୍ରବଣର ବାମ ହାତରେ ଥିଲା ଦୁଇଟି ଖାସିଙ୍କ ବେକର ପଘା ଆଉ ଡାହାଣ ହାତରେ ସେଇ ଦୁଇଟି ପାଞ୍ଚଶହ ଟଙ୍କା । କେହି କିଛି ବୁଝିବା ପୂର୍ବରୁ ସରପଞ୍ଚଙ୍କ ପକେଟରେ ସେ ରଖିଲା ଟଙ୍କା ଆଉ ସରପଞ୍ଚ ବସିଥିବା ଚେୟାର ଗୋଡରେ ବାନ୍ଧିଦେଲା ଦୁଇଟି ଖାସିଙ୍କୁ ।- 'ଆଜ୍ଞା, ହଜାର ଟଙ୍କା ଦେଲି ଆପଣଙ୍କ ଚେଲାଙ୍କ ପାଇଁ ଆଉ ଖାସି ଦୁଇଟି ଆପଣଙ୍କ ପାଇଁ । ଏଥିର ଆମ ଆବାସ ଟଙ୍କା ମିଳିବ ତ ! ଆଉ ଏଇ ନିଅନ୍ତୁ ଅବଶିଷ୍ଟ ପାଉଣା' । କଥା ନସରୁଣୁ ସରପଞ୍ଚ ଙ୍କ ଗାଲରେ ବସିଥିଲା ଶ୍ରବଣର ବ୍ରହ୍ମ ଚାପୁଡା । ସମସ୍ତେ ତଟସ୍ଥ ହୋଇ ଚାହିଁଥିଲେ ସେଇ ଆଡକୁ ।

ସେଦିନ ୟୁ ଟ୍ୟୁବ୍ ଆପରେ ଘଟଣାଟିକୁ ଉପଭୋଗ କରିଥିଲେ ଲକ୍ଷାଧିକ ଲୋକ । ସେଦିନର ସରପଞ୍ଚଙ୍କ ଚାପୁଡା ଆଉ ଆଜି ଶ୍ରବଣ ହାତର ଚାପୁଡାର ଦୃଶ୍ୟକୁ ଖୁବ୍ କମେଣ୍ଟ ମିଳିଥିଲା । ଏଇ ଭାଇରାଲ ଦୃଶ୍ୟ ପାଇଁ ୟୁ ଟ୍ୟୁବ୍ ଜରିଆରେ କେଇ ଲକ୍ଷ ଟଙ୍କାର ମାଲିକ ହୋଇ ଯାଇଥିଲା ଶ୍ରବଣ । କହିବା ବାହୁଲ୍ୟ ଶ୍ରବଣ ଏବେ ପୁରା ପରିବାର ସହ ଖୁସିରେ ଅଛି ଏବଂ ଆଗାମୀ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହେବ ବୋଲି ନିଜକୁ ପ୍ରସ୍ତୁତ କରୁଛି ।

+କୁଞ୍ଜବିହାରୀ ଲେନ, କଟକ

# ପୋଲିସ - ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

ପୁରୀ,୨୬/୦୬ (ନି.ପ୍ର): ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା ଚଳିତ ରଥଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ । ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକ ମାନଙ୍କୁ ସୁବିଧା ଓ ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ । ଏସପି ଡଃ. କନ୍‌ୱର ବିଶାଲ ସିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନେ ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନ ମାନଙ୍କରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅତିଥି ମାନଙ୍କ ସୁରକ୍ଷା ଓ ଯାତ୍ରୀ ମାନଙ୍କ ସୁରକ୍ଷା ସହ ଯାତ୍ରୀ ମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ଯାତାୟାତ ପାଇଁ ରଥଯାତ୍ରା ଦିନ ପ୍ରତ୍ୟୁଷରୁ ବଡଦାଣ୍ଡରେ କୌଣସି ଗାଡି ନ ରଖାଇଦେବା, ସେବାରେ ନିୟୋଜିତ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କୁ ନିର୍ଦ୍ଧାରିତ ସ୍ଥାନରେ ସେବା ଯୋଗାଇବାରେ ସହଯୋଗ କରିବା, ଅଯଥା ଗହଳି କରାଇ ନ ଦେବା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଆଶୁ ଚିକିତ୍ସା ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା ଇତ୍ୟାଦିର ସୁପରିଚାଳନା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରାର ସୁପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦୀଲିପ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସପି ମିହିର ପ୍ରସାଦ ପଣ୍ଡା, କମାଣ୍ଡାଂଟ ଲିଙ୍ଗରାଜ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସପି ଗୁଇନ୍ଦା ଜ୍ଞାନ ମହାପାତ୍ର, ଆସିଷ୍ଟାଣ୍ଟ କମାଣ୍ଡର ଜିତେନ୍ଦ୍ର କୁମାର ଦେହୁରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥିରେ ଜିଲ୍ଲାର ସମସ୍ତ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀ ମାନେ ଯୋଗ ଦେଇଥିଲେ । ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ରଞ୍ଜନ କୁମାର ବେହେରା, ସହକାରୀ ଜିଲ୍ଲାପାଳ ପର୍ଶୁରାମ ମଲ୍ଲିକ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

# ୮ ବର୍ଷ ଧରି ନିର୍ମାଣ ଚାଲିଛି ତନ୍ତିଆପାଳ ସେତୁ

ପଟ୍ଟାମୁଣ୍ଡାଇ,୨୬/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ହଂସୁଆ ନଦୀର ତନ୍ତିଆପାଳ ଠାରେ ଥିବା ପୋଲ ୨୦୧୪ ମସିହା ମାର୍ଚ୍ଚ ୩ ତାରିଖରେ ଭୁଷୁଡି ପଡିଥିଲା । ସେହିବର୍ଷ ଜୁଲାଇ ମାସରେ ଟେଣ୍ଡର ହୋଇ ସେତୁ ନିର୍ମାଣ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ଏହି ନିର୍ମାଣ ଆରମ୍ଭକୁ ୮ ବର୍ଷ ବିତିଛି । ତେବେ ସେତୁ ନିର୍ମାଣ ଅଦ୍ୟାବଧି ସରିନାହିଁ । ଫଳରେ ଭିତରକନିକା ପର୍ଯ୍ୟଟକ ଗହୀରମଥା ଅଂଚଳକୁ ଯାଇପାରୁ ନଥିବା ବେଳେ ଆଖପାଖର ୨୫ ଗ୍ରାମବାସୀ ଏହି ସେତୁ ପାଇଁ ପ୍ରାୟ ୧୫ କିଲୋମିଟର ରାସ୍ତା ବୁଲି ଯାଉଛନ୍ତି । ତୁରନ୍ତ ଏହି ସେତୁ ନିର୍ମାଣ ସାରିବାକୁ ଗହୀରମଥା କଇଁଛ ସଂରକ୍ଷଣ ସମିତି ପକ୍ଷରୁ ଦାବି ହୋଇଛି । ଏନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୁରୁବାର ପ୍ରଦାନ କରାଯାଇଛି । ସାମାଜିକ କର୍ମୀ ତଥା ଆଇନଜୀବୀ ଲକ୍ଷ୍ମଣ ରାଉତ କହିଛନ୍ତି ଯେ, କୁମ୍ଭୀର ଆତଯାତ କରୁଥିବା ହଂସୁଆ ନଦୀ ଉପରେ ୧୦୦ ଫୁଟର ଲୁହା ପୋଲ ଗତ ୪୨ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା । ପୋଲ ନିର୍ମାଣ ଫଳରେ ରାଜନଗର, ମହାକାଳପଡା ଓ ପଟ୍ଟାମୁଣ୍ଡାଇ ବ୍ଲକ ମଧ୍ୟରେ ଯୋଗାଯୋଗ ସମ୍ଭବ ହେଉଥିଲା । ଗତ ୮ ବର୍ଷ ପୂର୍ବେ ଏକ ପଥର ବୋଝେଇ ଟ୍ରକ ଯାଉଥିବା ବେଳେ ପୋଲଟି ଭୁଷୁଡି ପଡିଥିଲା । ଏହି ପୋଲଟି ଲୁହାରେ ତିଆରି ହୋଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ କଳଙ୍କି ଲାଗି ଭାଙ୍ଗି ପଡିଥିବା ଜଣାପଡିଥିଲା । ଏହି ଘଟଣାରେ କୌଣସି ଲୋକ ମୃତାହତ ହୋଇ ନଥିବା ବେଳେ ଲୋକଙ୍କ ଯାତାୟତ ପଥ ବନ୍ଦ ହୋଇଛି । ସମିତି ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି ଯେ, ଏହି ପୋଲ ଭିତରକନିକା ଓ ଗହୀରମଥାର ସଂଯୋଗୀ ରାସ୍ତା ଥିଲା । ଭିତରକନିକାକୁ ଆସୁଥିବା ପର୍ଯ୍ୟଟକ ଗହୀରମଥା ଅଂଚଳର ବରୁଣେଇ ଦ୍ୱୀପ, ହେନ୍ତାଳ ବଣ, ଅଗରନାଶୀ, ଗହୀରମଥାର ଅନ୍ୟ କଇଁଛ ପ୍ରଜନନ ସ୍ଥଳ ବୁଲି ଦେଖୁଥିଲେ । ପୋଲ ଭାଙ୍ଗିବା ପରେ ପର୍ଯ୍ୟଟକ ଗହୀରମଥା ଅଂଚଳକୁ ଆସିବା ବନ୍ଦ କରି ଦେଇଛନ୍ତି । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଦେଖିବାରୁ ପର୍ଯ୍ୟଟକ ବଂଚିତ ହେଉଥିବା ବେଳେ ସ୍ଥାନୀୟ ଅଂଚଳର ଅର୍ଥନୀତି ବିଗିଡି ଯାଇଛି । ପୂର୍ବତନ ସରପଂଚ ଦିଲିପ ରାଉତ କହିଛନ୍ତି ଯେ, ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ସ୍ଥାନୀୟ ଅଂଚଳବାସୀଙ୍କୁ ପ୍ରଭାବିତ କରିଛି । ସୁନିତି, ଜମ୍ବୁ, କୋଇଲିପୁର, ବଅର୍ଦ୍ଦିହ, କୋରିଆଲ୍ଲା ଆଦି ପଂଚାୟତର ୨୫ରୁ ଊର୍ଦ୍ଧ୍ୱ ଗ୍ରାମର ଲକ୍ଷାଧିକ ଅଧିବାସୀଙ୍କୁ କଟକ ରାଜନଗର ରାସ୍ତା ଛୁଇଁବାକୁ ଅନ୍ୟୁନ ୧୫ କିଲୋମିଟର ବୁଲିବାକୁ ପଡୁଛି । ପୁରୁଣା ପୋଲରେ ଲୁହା କଳଙ୍କି ଲାଗି ନଷ୍ଟ ହେଉଥିବା ଘଟଣା ବିଭାଗୀୟ ଅଧିକାରୀଙ୍କୁ ତତ୍କାଳୀନ ସମୟରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାସତ୍ତ୍ୱେ ବିଭାଗୀୟ ଅବହେଳା ପାଇଁ ପୋଲଟି ଭୁଷୁଡି ପଡିଲା । ସେହିପରି ନୂତନ ନିର୍ମାଣାଧୀନ ସେତୁ ଦୀର୍ଘ ୮ ବର୍ଷ ଧରି ଚାଲିଛି । ଏବେ ଏହି ନଦୀ ପାର ପାଇଁ ସରୁ ପାଦଚଲା କାଠ ପୋଲ ନିର୍ମାଣ ହୋଇଛି । ଏଥିରେ ଏକ ମୋଟର ସାଇକେଲ ନେବା ମଧ୍ୟ ବିପଦପୂର୍ଣ୍ଣ ହୋଇଛି । ତୁରନ୍ତ ପୋଲ ନିର୍ମାଣ ସାରିବାକୁ ସେ ଦାବି କରିଛନ୍ତି । ଏସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଅଧିକାରୀ ରାଜେଶ କୁମାର ପ୍ରଧାନ କହିଛନ୍ତି ଯେ, ଏଠାରେ ନୂତନ କଂକ୍ରିଟ ପୋଲ ନିର୍ମାଣାଧୀନ ଅଛି । ଖୁବଶିଘ୍ର ଏହି ସେତୁ ନିର୍ମାଣ ଶେଷ ହେବ ।

# ଜିଲ୍ଲାସ୍ତରୀୟ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା

ମାଲକାନଗିରି,୨୬/୦୬ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତର୍ଜାତିୟ ନିଷିଦ୍ଧ ନିଶ୍ଚେତକ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ବିରୁଦ୍ଧ ଦିବସ ଅବସରରେ ଆନ୍ତଃଜିଲ୍ଲା ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ମାଲକାନଗିରି ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମାଲକାନଗିରି ମହାବିଦ୍ୟାଳୟ, ଘଡେଇ ଆବାସିକ ମହାବିଦ୍ୟାଳୟ, ସତ୍ୟନାରାୟଣ ଆବାସିକ ମହାବିଦ୍ୟାଳୟ, ବାଲିମେଳା ମହାବିଦ୍ୟାଳୟ, ଶ୍ୟାମ ପ୍ରସାଦ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାଶ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ କନିଷ୍ଠ ସହାୟକ, ସାମାଜିକ ସୁରକ୍ଷା ବିଭାଗ ଅନିନ୍ଦିତା ରାୟ, ରବିକୁମାର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀମାନେ ଏବଂ ମାଲକାନଗିରି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରମୀୟ କୁମାର ମହାନ୍ତି, ତପନ କୁମାର ବେହେରା, ପ୍ରଦୀପ ରୋମ ଓ ଗୋକୁଳାନନ୍ଦ ପାତ୍ର ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟରୁ ୫୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରବନ୍ଧ ପ୍ରତିଯୋଗିତାରେ ଘଡେଇ ଆବାସିକ ମହାବିଦ୍ୟାଳୟର ଜୋସ୍ନାରାଣୀ ଗୌଡ଼ ପ୍ରଥମ, ରେବା ହାଲଦାର ଦ୍ୱିତୀୟ, ମଡେଲ କଲେଜର କ୍ରିଷ୍ଣା ମଜୁମଦାର ଓ ମାଲକାନଗିରି ମହାବିଦ୍ୟାଳୟର ଶୁଭ ବିଶ୍ୱାସ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ତର୍କ ପ୍ରତିଯୋଗିତାରେ ଶୁଭ ବିଶ୍ୱାସ ପ୍ରଥମ, ହେମା ମଜୁମଦାର ଦ୍ୱିତୀୟ ଓ ସ୍ନେହୀତା ବୈଦ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡଙ୍ଗୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏହାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# କୃଷକ ଓ ଶ୍ରମିକଙ୍କ ସମସ୍ୟା ନେଇ ନୂତନ ଜିଲ୍ଲାପାଳଙ୍କ ସହିତ ଆଲୋଚନା ଓ ଦାବିପତ୍ର ପ୍ରଦାନ

ନୂଆପଡା,୨୬/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଶ୍ରମିକ ମହାସଙ୍ଘ ତଥା ଜୟ କିଷାନ ମଜଦୂର ସଂଗ୍ରାମ ପରିଷଦ ର ଆବାହକ ଶ୍ରୀ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ନୂତନ ଜିଲ୍ଲାପାଳଙ୍କୁ ଭେଟି ଫୁଲତୋଡା ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଚାଷୀଙ୍କ ବିଭିନ୍ନ ସମସ୍ୟା ବିଶେଷ କରି ରବି ଧାନ ମଣ୍ଡି ,ଗତବର୍ଷର ମରୁଡି,ଓ ଜିଲ୍ଲା ର ଅଣ ସଂଗଠିତ ଶ୍ରମିକ,ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଚର୍ଚ୍ଚା ଆଲୋଚନା କରିଥିଲେ,ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇଟି ଓ ଗୋଟିଏ ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ର ରେ ଗତ ଖରିଫ ୨୦୨୧ ମରୁଡି ରେ ଜିଲ୍ଲାର ଅତିକମରେ ପଚିଶ ଗ୍ରାମପଞ୍ଚାୟତ ର ଶତକଡା ପଚାଶ ଭାଗ ତଥା ଦଶ ହଜାର ହେକ୍ଟର ରୁ ଉର୍ଦ୍ଧ୍ୱ ଫସଲ ହାନୀ ହୋଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ମରୁଡ଼ି ଘୋଷଣା ହୋଇପାରିଲା ନାହିଁ ।ଏଣୁ ଫସଲ ହାନୀ ହୋଇଥିବା ଅଞ୍ଚଳ କୁ ତୁରନ୍ତ ମରୁଡି ଘୋଷଣା କରି ଆର୍ଥିକ ସହାୟତା ଯୋଗେଇଦେବା ପାଇଁ ଦାବି କରାଯାଇଛି ।ବର୍ତ୍ତମାନ ବିଭିନ୍ନ ରବି ଧାନ ମଣ୍ଡି ବିଶେଷକରି ନୂଆପଡ଼ା ବ୍ଲକ ର ବିଭିନ୍ନ ମଣ୍ଡିରେ ପଚାଶ ହଜାର ରୁ ଉର୍ଦ୍ଧ୍ୱ ଧାନ ବସ୍ତା ପଡିଛି ଓ ବର୍ଷା ରେ ଭିଜି ନଷ୍ଟ ହେଉଛି,ରାଜ୍ୟ ସରକାରଙ୍କ ଠାରୁ ଆବଶ୍ୟକ ଟାର୍ଗେଟ ମଗେଇ ତୁରନ୍ତ ତିନି ଦିନ ଭିତରେ ମଣ୍ଡି ଖାଲି କରିବା ପାଇଁ ଦାବୀ କରାଯାଇଛି ।୨୦୧୭-୧୮-୧୯ ର ଚାଷୀ ମାନଙ୍କ ବକେୟା ଫସଲ ବୀମା ତୁରନ୍ତ ପ୍ରଦାନ, ୨୦୨୦ ମସିହାରୁ ଉଠା ଜଳସେଚନ ବିଭାଗରେ ଅର୍ଥ ପୈଠ କରି ଜିଲ୍ଲାର ଅପେକ୍ଷାରତ ହଜାର ହଜାର ଚାଷୀ ଙ୍କ କୂପ ଖୋଳିବା ପାଇଁ ତୁରନ୍ତ ପଦକ୍ଷେପ, ୨୦୨୧ ର ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ପିଆଜ ଓ ପନିପରିବା ଚାଷୀଙ୍କୁ ଓଡିଶା ରିଲିଫ କୋର୍ଡ଼ ମୁତାବକ କ୍ଷତି ପୂରଣ, ଚଳିତ ଖରିଫ ଋତୁ ପାଇଁ ଆବଶ୍ୟକ ବିହନ ଓ ସାର ଯୋଗାଣ ବିଶେଷକରି ଅଭାବୀ ସାର ବିକ୍ରୀ ଓ କଳା ବଜାରୀ ରୋକିବା ଇତ୍ୟାଦି ସମସ୍ୟା ଉପରେ ବିସ୍ତୃତ ଚର୍ଚ୍ଚା କରି ଦାବୀପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବୀ ପତ୍ର ରେ ଗତ ୧୩ ଜୁନରେ ସାରାବଙ୍ଗ, ମୋହରାଡ଼ିହି,ଖୁଟବନ ଭେରା ଅଞ୍ଚଳର ଶହ ଶହ ଚାଷୀ ପ୍ରଚଣ୍ଡ ରୌଦ୍ରତାପ ରେ ଭୋର ପ୍ରାୟ ତିନି ଟା ରୁ ରାତି ପର୍ଯ୍ୟନ୍ତ ଭୋକ ଶୋଷରେ ମଣ୍ଡିରୁ ନିଜ ଖର୍ଚ୍ଚରେ ଟ୍ରାକ୍ଟର ଭଡା କରି ମଣ୍ଡିରୁ ଖରିଆର ରୋଡ ର ବିଭିନ୍ନ ମିଲ ଗୁଡିକୁ ନିଜ ଧାନ ଆଣି କିଲୋମିଟର ବ୍ୟାପି ଲମ୍ବା ଲାଇନ ଲାଗେଇଥିଲେ ।ଉକ୍ତ ଚାଷୀ ନିର୍ମଳ ରାଇସ ମିଲ କୁ ତଥା ରାଷ୍ଟ୍ରୀୟ ରାଜପଥ ୩୫୩ କୁ ଦୀର୍ଘ ସମୟ ଅବରୋଧ କରିଥିଲେ, ଯହିଁରେ ଏ.ସି.ଏସ.ଓ. ଆନ୍ଦୋଳନସ୍ଥଳୀ କୁ ପହଞ୍ଚି ଚାଷୀଙ୍କୁ ଲିଖିତ ପ୍ରତିଶୃତି ଦେଲାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଉଚ୍ଚ ସ୍ତରୀୟ କମିଟି ଗଠନ କରି ଅସାଧୁ ପେକ୍ସ କର୍ମଚାରୀ,ମିଲ ମାଲିକ,ଯୋଗାଣ ବିଭାଗ କର୍ମଚାରୀ ଙ୍କ ବିରୁଦ୍ଧରେ ଯିଏ ବି ଦୋଷୀ ପାଇବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ର ପ୍ରତିଶୃତି କୁ ତୁରନ୍ତ କାର୍ଯ୍ୟକାରୀ କରିବା,ମଣ୍ଡିରୁ ମିଲକୁ ଧାନ ପରିବହନ କରିଥିବା ଚାଷୀଙ୍କୁ ଭଡା ଖର୍ଚ୍ଚ ତୁରନ୍ତ ପ୍ରଦାନ କରିବା,ଜିଲ୍ଲା କୁ ଆବଶ୍ୟକ ଥିବା ଟାର୍ଗେଟ ଆଣି ତୁରନ୍ତ ତିନି ଦିନ ଭିତରେ ସମସ୍ତ ରବି ଧାନ ମଣ୍ଡିରେ ପଡିଥିବା ହଜାର ହଜାର ଧାନ କୁ ଖାଲି କରିବା ପାଇଁ ଆଲୋଚନା ଓ ଦାବୀ କରାଯାଇଥିଲା ।

## ମଦ ଚାଲାଣ ବେଳେ ଚଢାଉ : ଜଣେ ଗିରଫ

ଜୟପୁର,୨୬/୦୬ (ନି.ପ୍ର): ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ନିଳାଗୁଡାର ଛବି ହରିଜନ (୨୬) । ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡାରୁ ଏକ ବାଇକ ଯୋଗେ ଦେଶୀ ମଦ ଚଲାଣ ହେଉଥିବା ସୂଚନା ପାଇଥିଲା ଅବକାରୀ ବିଭାଗ । ଜୟନଗର ଛକ ଠାରେ ଅବକାରୀ ବିଭାଗ ଚଢାଉ କରି ୧୫ ଲିଟର ଦେଶୀ ମଦ ଓ ବାଇକକୁ ଜବତ କରିଛି । ଅଭିଯୁକ୍ତ ଛବି ହରିଜନ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଚଢାଉ ରେ ଅବକାରୀ ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମ ରାଓ, ମାଧବେଶ ମାରାଣ୍ଡି ଚଢାଉ କରିଥିବା ଜଣାଯାଇଛି ।

## ଆଇନ ସଚେତନତା ଶିବିର ଅନୁଷ୍ଠିତ

ଜୟପୁର ,୨୬/୦୬ (ନି.ପ୍ର): ଜୟପୁର ସିଟି ହାଇସ୍କୁଲ ଠାରେ ଆଇନ ସଚେତନତା ଶିବିର ପୋକ୍ସୋ ଆକ୍ଟ ଉପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ତରଫରୁ ଅନୁଷ୍ଠିତ ହୋଇଛି । ଜିଲ୍ଲା ଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ, ଏଡିଜେ କମ ଏସପିଏଲ ଜଜ୍ ପ୍ରଦିପ କୁମାର ସାସମଲ, ଏଡିଜେ ରାଜେଶ କୁମାର ନାୟର, ସିଭିଲ ଜଜ୍ ସରତ କୁମାର ଜେନା, ଜିଲା ଆଇନ ସେବା ପ୍ରାଧିକଣ ସମ୍ପାଦକ ଶୁଭ ଗୌତମ ମିଶ୍ର କୋର୍ଟ ମ୍ୟାନେଜର ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହ ପୋକ୍ସୋ ନିୟମ ଉପରେ ସଚେତନ କରିଥିଲେ । ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ବି ସୁଜାତା, ବ୍ଲକ ଇନଚାର୍ଜ ପ୍ରତାପ ପଟ୍ଟନାୟକ, ସଭାପତି ବିରେଶ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଅଧିକାରୀଙ୍କ ମନମାନୀ : ହନ୍ତସନ୍ତ ହେଉଛନ୍ତି ଡାକ୍ତର

ଘସିପୁରା,୨୬/୦୬ (ନି.ପ୍ର): ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଅଧିକାରୀଙ୍କ ମନମାନୀ ଯୋଗୁ ଜଣେ ଡାକ୍ତର ନ୍ୟାର୍ଯ୍ୟ ଅଧିକାର ପାଇବାରୁ ବଂଚିତ ହୋଇ ହନ୍ତସନ୍ତ ହେଉଥିବା ଜଣାପଡ଼ିଛି । ସୂଚନାରୁ ଜଣାଯାଏ, ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ସଞ୍ଜିବ କୁମାର ମହାପାତ୍ର ନାମକ ଜଣେ ଡାକ୍ତର ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବାବେଳେ ଶାରିରୀକ ଅସୁସ୍ଥତା କାରଣରୁ ଗତ ୨୬।୫ ରୁ ଛୁଟି ଦରଖାସ୍ତ ଦେଇ ୨୮।୫ ତାରିଖଠାରୁ ଛୁଟିରେ ରହିଥିଲେ । ଗତ ୨୨।୬ ରିଖ ଦିନ ଡାକ୍ତର ସଞ୍ଜିବ କୁମାର ମହାପାତ୍ର କାର୍ଯ୍ୟରେ ଯୋଗଦେବା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ନିକଟରେ ଦରଖାସ୍ତ ଦେଇଥିବା ବେଳେ ଉକ୍ତ ଦରଖାସ୍ତକୁ ଗ୍ରହଣ ନକରି ଫେରାଇ ଦେଇଥିଲେ । ଏଥିରେ ଡାକ୍ତର ସଞ୍ଜିବ କୁମାର ମହାପାତ୍ର ମାନସିକ ଅଶାନ୍ତି ହେବା ସହିତ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ନିକଟକୁ ଏହାକୁ ଡାକ ଯୋଗୁ ପ୍ରେରଣ କରିବା ସହିତ ଏ ସଂପର୍କରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଛନ୍ତି । ଏ ସଂପର୍କରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଆପଣ ଏ ସଂପର୍କରେ କିଛି ଜାଣିନାହାନ୍ତି ବୋଲି ସେ କହିଛନ୍ତି । ଏପରି ସ୍ଥିତିରେ ଘଟଣା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ ଦରକାର ବୋଲି ବୁଦ୍ଧିଜିବୀ ଦାବୀ କରିଛନ୍ତି ।

# ଜୟପୁର ଫାଷ୍ଟଟ୍ରାକ୍ କୋର୍ଟର ଗୁରୁତ୍ୱପୂର୍ଣ୍ଣ ରାୟ : ପୀଡିତା ଫେରାଇବେ ୩ ଲକ୍ଷ ଟଙ୍କା

ଜୟପୁର,୨୬/୦୬ (ନି.ପ୍ର): ଜୟପୁର ଫାଷ୍ଟାଟ୍ରାକ୍ ସ୍ୱତନ୍ତ୍ର କୋର୍ଟର ଗୁରୁତ୍ୱପୁର୍ଣ୍ଣ ରାୟରେ ଶୁଣାଣି କରି ପୀଡିତା ପାଇଥିବା ୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୮ ମସିହାର ଜୟପୁର ଟାଉନ ଥାନାରେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣି କରି ନାବାଳିକା ଓ ତାଙ୍କ ପରିବାର ବର୍ଗ ବିଚାରଣାରେ ଅସହଯୋଗ ଯୋଗୁଁ ସମ୍ପୃକ୍ତ ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଏହାସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରଧିକରଣ ମାଧ୍ୟମରେ ପୀଡିତାଙ୍କୁ ୨୧।୯।୨୦୨୦ ରେ ଦିଆଯାଇଥିବା ୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶିକୁ ଅସୁଲ କରିବା ପାଇ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ଜିଲା ଓ ଦୌରା ଜଜ୍ ପ୍ରଦିପ କୁମାର ସାସମଲ ଶୁଣାଣି କରିଛନ୍ତି । ଗତ ୩।୧।୧୦।୨୦୧୮ ମସିହାରେ ନାବାଳିକା କୁ ଅପହରଣ ଓ ଦୁଷ୍କର୍ମ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତ ନାମରେ ଚାର୍ଜସିଟ ଦାଖଲ କରିଥିଲେ । ଏହି ମାମଲାର ବିଚରଣା ବେଳେ ପୀଡିତା ଓ ତାଙ୍କ ପରିବାର ଅପରାଧ ବିଷୟରେ ରୋକ ଠୋକ ମନା କରିଥିଲେ । ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରୀ ଦେବୀ ପୀଡିତା ପାଇ ଥିବା ଅନୁକମ୍ପା ରାଶି ଫେରାଇବା ପାଇ କୋର୍ଟକୁ ଅନୁରୋଧ କରିଥିଲେ ।

# ୫୦ ରୁ ଅଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଲେ

ବଲାଙ୍ଗିର, ୨୫ ଜୁନ (ହି.ସ.)- ପାଟଣାଗଡ଼ ଉପଖଣ୍ଡ ପାଟଣାଗଡ଼ ବ୍ଲକ ଲରମ୍ଭା ଗ୍ରାମ ବାଘପଡାଠାରେ ବ୍ଲକ ଅଧକ୍ଷ ନୀଳକାନ୍ତ ବାଗଙ୍କ ଅଧକ୍ଷତାରେ ଗତକାଲି ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ୧୪ ନମ୍ବର ଜୋନ ଜିଲ୍ଲା ପରିଷଦ ବିସେଶ୍ୱରୀ ବରିହା, ପ୍ରଭୁଲାଲ ବରିହା, ନିଳାମ୍ବର ସାହୁ ଉପସ୍ଥିତ ଥିବା ବେଳେ ଦଳୀୟ ଜିଲ୍ଲା ସମ୍ପାଦକ ତଥା ତମିଆଁ ସମିତି ସଭ୍ୟ ଗୋବିନ୍ଦ ମେହେର ସଭା ପରିଚାଳନା କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳର ୧୪ ନମ୍ବର ଜୋନ ସଭାପତି ତଥା ପୂର୍ବତନ ସରପଂଚ ଦୁର୍ଯ୍ୟୋଧନ ଭୁଏ ଓରଫ କାଲୁଙ୍କ ନେତୃତ୍ୱରେ ୫୦ରୁ ଅଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି । ଶ୍ରୀ ଭୁଏ ୧୪ ନମ୍ବର ଜୋନର ଜଣେ ଟାଣୁଆ ନେତା ସହ କଂଗ୍ରେସ ଦଳର ସଂଗଠକ ଏବଂ ୨୦୧୭ରେ ଉକ୍ତ ଜୋନରେ କଂଗ୍ରେସ ଦଳ ତରଫରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ ।

AFFIDAVIT

By virtue of an affidavit before Notary Public Balasore vide no 7440 dtd. 27 August 2020 I Mr Himadri Rout S/o- R.N. Rout of Kiagohiri, Ranipatna, PO- Balasore, PS- Town , dist- Balasore have changed my name from Himadri Rout to Herrscher Einzigartig henceforth I shall be known as Herrscher Einzigartig for all purposes.

-Herrscher Einzigartig

# ଚାଷୀ ଏବେ ଚାଷ ପ୍ରତି ବିମୁଖ

ପଟ୍ଟାମୁଣ୍ଡାଇ,୨୬/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଂଚଳର ବହୁ ଚାଷୀ ଏବେ ଚାଷ ପ୍ରତି ବିମୁଖ ହେଉଛନ୍ତି । ଏହି ଅଂଚଳରେ ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି । ମାତ୍ର ଚାଷରୁ ପୂର୍ବଭଳି ଲାଭ ହେଉ ନ ଥିବାରୁ ଚାଷୀ ଚାଷ କରିବାକୁ ମନ ବଳାଉ ନାହାନ୍ତି । ଏଥିପାଇଁ କୃଷି, ସମବାୟ ବିଭାଗ, ସାର ଓ କୀଟନାଶକ ବ୍ୟବସାୟୀ ଏକ ପ୍ରକାର ଦାୟୀ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ବାତ୍ୟା ଓ ମରୁଡିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ବିଭାଗ କିମ୍ବା ବୀମା କମ୍ପାନୀ ପକ୍ଷରୁ ଆର୍ଥିକ ସହାୟତା ଠିକ୍ ଭାବେ ମିଳିପାରି ନାହିଁ । ମୁଲିଆ ମଜୁରୀ ମଧ୍ୟ ବଢିବାରେ ଲାଗଥିବାରୁ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଚାଷୀ ପାଉ ନାହାନ୍ତି । ଏହା ମଧ୍ୟ ଚାଷରୁ ବିମୁଖ ହେବାର ଅନ୍ୟଏକ କାରଣ କୁହାଯାଉଛି । ଉଦାହରଣ ସ୍ୱରୂପ ପଟ୍ଟାମୁଣ୍ଡାଇ ବ୍ଲକରେ ବିଗତ ବର୍ଷଗୁଡିକରେ ୧୫ ହଜାର ୭୪ ହେକ୍ଟର ଜମିରେ ଧାନଚାଷ କରାଯାଉଥିଲା । କିନ୍ତୁ, ଚଳିତ ବର୍ଷ ୧୦ ହଜାର ୪ ଶହ ହେକ୍ଟର ଜମିରେ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବ୍ଲକରେ ଏବେ ୧୩ଟି ସମବାୟ ସମିତି ସହ ୨୪ଟି ଲାଇସେନ୍ସପ୍ରାପ୍ତ ଦୋକାନ ମାଧ୍ୟମରେ ସାର ଓ କୀଟନାଶକ ବିକ୍ରି କରିବା ପାଇଁ ସ୍ଥିର କରାଯାଇଥିବା କୃଷି ଅଧିକାରୀ କହିଛନ୍ତି । ବିଲରେ ଧାନ ବୁଣିବା ପରେ ଗ୍ରୋମୋର ସାର ବ୍ୟବହାର କରାଯାଇଥାଏ । ଏହି ସାର ଏବେ ଲାଇସେନ୍ସପ୍ରାପ୍ତ ଦୋକାନରେ ମିଳୁ ନ ଥିବା କୃଷକ ମାନେ ଅଭିଯୋଗ କରିଥିବା ଜଣାପଡିଛି । ଏ ନେଇ ଅତିରିକ୍ତ କୃଷି ଅଧିକାରୀ ଭଦ୍ର ନାରାୟଣ ଦାସଙ୍କୁ ପଚାରିବାରୁ, ବର୍ତ୍ତମାନ ସୁଦ୍ଧା ୨ଶହ ହେକ୍ଟର ଶାରଦ ବିଲରେ ଧାନ ବୁଣା ସରିଛି । ଏବେ ମୌସୁମୀ ବାୟୁ ସକ୍ରିୟ ହେବାରୁ ଚାଷୀ ଧାନ ବୁଣିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ମୂଳିଆ ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀ ଅନେକ ସମୟରେ କ୍ଷତିର ସମ୍ମୁଖୀନ ହେଉଛନ୍ତି । ତେଣୁ ଚାଷର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା ସହ ଅଧିକ ଅମଳକ୍ଷମ ନୂତନ ବିହନ ବ୍ୟବହାର କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି ।

# ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ଗେଟ ଲଗାଇବା ଦାବିରେ ଆନ୍ଦୋଳନ ପାଇଁ ବୈଠକ

ମୁଖୀଗୁଡା,୨୬/୦୬ (ନି.ପ୍ର): ଆଜି ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ମାଲଗୁଣ୍ଡି ସିଆର ଗେଟ ଠାରେ ଏକ ଗେଟ ବସାଇବା ସହ ଅଞ୍ଚଳରେ ଜଳ ଯୋଗାଣ ଦାବିରେ ଖାଲିଆଭଟା ଧାନମଣ୍ଡିରେ ସ୍ଥାନୀୟ ଚାଷୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବାମ ମୁଖ୍ୟ କେନାଲ ମାଲଗୁଣ୍ଡି ସିଆର ଗେଟ ରେ ଗେଟ ନଥିବାରୁ କର୍ମେଲି, ବାଟିଗୁଡା, ଚାହାରଭାଟି, ସାଗୁନଭାଡ଼ି, ଧୁଟିଗୁଡା, ପାଇକବାହାଲ, ପିପଳଗୁଡା,ସର୍ଗିଗୁଡା, ନାଗଫେଣି, ବାଞ୍ଜିବାହାଲ ଓ ରଏନପଡା ଗ୍ରାମର ଚାଷୀ ପ୍ରଭାବିତ ହେଉଛନ୍ତି ।ବଳଭଦ୍ର ନାୟକ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ବୈଠକରେ ମା ଡୋକରୀ ପାଣିପଞ୍ଚାୟତର ସଭାପତି ସୁମନ୍ତ ଠାକୁର,ଶିଶିର ଠାକୁର, ପାଇକ ବାହାଲ ମା ଧାରେନ ପାଣିପାଞ୍ଚାୟତ ର ସମ୍ପାଦକ ରାଜକୁମାର ନାଏକ,ଅନୁର ସିଂ ଝଙ୍କାର ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ଥିଲେ । ଏହି ବୈଠକରେ ଜୟପାଟଣା ୧ ନମ୍ବର ଯୋନ ଜିଲ୍ଲାପରିଷଦ ସଦସ୍ୟ ଅଙ୍ଗଦ ମାଝି ଯୋଗଦେଇ ଯଥାସମ୍ଭବ ଏହି ସମସ୍ୟା ଦୂର କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ ।ଏହି ବୈଠକରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ ରହି ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ । ପୂର୍ବରୁ ଏ ବିଷୟରେ ବିଭାଗୀୟ ଏସଡ଼ିଓ ,ବିରୋଧୀ ଦଳ ନେତା ପ୍ରଦୀପ ନାୟକ ଏବଂ ରାଜସ୍ୱ ମନ୍ତ୍ରୀ ଙ୍କୁ ଚାଷୀ କମିଟି ତରଫରୁ ଦାବିପତ୍ର ପ୍ରଦାନ କରାଯାଇ ଥିଲେ ହେଁ କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ଆଗକୁ ଯଦି ଦାବି ପୂରଣ ନ ହୁଅ ତେବେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନିଆଯାଇଛି ।

# ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା କିମିଟିର ପୁର୍ନଗଠନ ଘୋଷଣା

କେନ୍ଦ୍ରାପଡ଼ା,୨୬/୦୬ (ନି.ପ୍ର): ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡ଼ା ଶାଖା ମହିଳା ମୋର୍ଚ୍ଚାର ପୁନଗଠିତ ଜିଲ୍ଲା ଟିମ୍ ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦଙ୍କ ଦ୍ୱାରା ଘୋଷଣା କରାଯାଇଛି । ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଓ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅନୁମୋଦନ କ୍ରମେ ନୂତନ କମିଟିରେ ଉପ ସଭାନେତ୍ରୀ ଭାବେ ମଞ୍ଜୁଲତା ମଲିକ, ନମିତା ବଳ, ସୁମିତ୍ରା ସାମଲ, ଅହଲ୍ୟା ରାଉତ, ସାଧାରଣ ସଂପାଦକ ଲିଜାରାଣୀ ଦାସ ଓ ବନ୍ଦନାରାଣୀ ରାଉତରାୟ, ସଂପାଦିକା ଭାବେ ସରସ୍ୱତୀ ବେହେରା, ମିନତୀ ମହାନ୍ତି, ଝିଲି ଦାସ, କବିତା ମଲିକ, ଲକ୍ଷ୍ମୀପ୍ରିୟା ଜେନା ଓ ବନିତା ମଲିକ, କୋଷାଧକ୍ଷ ଭାବେ ସସ୍ମିତା ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି । କାର୍ଯ୍ୟକାରିଣୀ ସଦସ୍ୟା ଭାବେ ସବୁଜିମା ମହାନ୍ତି, ତିଳୋତମା ବେହେରା, ମମତା ନାୟକ, ପ୍ରଭାସିନୀ ପାତ୍ର ପ୍ରମୁଖଙ୍କୁ ନୂତନ ଟିମରେ ସ୍ଥାନ ଦିଆଯାଇଛି । ମୋଦି ସରକାରଙ୍କ ମହିଳା ହିତାଧିକାରୀଙ୍କ ପାଇଁ ବିଭିନ୍ନ ଯୋଜନାକୁ ତଳସ୍ତର ପର୍ଯ୍ୟନ୍ତ ପହଂଚାଇବା ପାଇଁ ସଂଯୋଜିକାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବ ମନୋନିତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ସରୋଜକାନ୍ତ ନାୟକ, ଶଶାଙ୍କ ଶେଖର ସେଠୀ ମହିଳା ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ଜୟଲକ୍ଷ୍ମୀ ମହାନ୍ତି, ଜିଲ୍ଲା ପ୍ରଭାରୀ ପ୍ରତିମା ନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ବାଣିଦା ସ୍କୁଲରେ ରକ୍ତଦାନ ଶିବିର : ୩୨ ୟୁନିଟ୍ ସଂଗୃହୀତ

ଜଳେଶ୍ୱର, ୨୬/୬(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଣିଦା ଗାଁ ଦୁର୍ଗାପୂଜା କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ରକ୍ତଦାତା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପୂଜାକମିଟି ସଭାପତି ବରେନ୍ଦ୍ର କୁମାର ମହାନ୍ତି, ରକ୍ତକେନ୍ଦ୍ରର ବାଲେଶ୍ୱର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସାଗଠନିକ ସଂପାଦକ ମନୋରଂଜନ ଦାସ, ଆଶିଷ ମହାପାତ୍ର, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ମୋଟ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

## ଗୁଡସ୍ ବଗି ଛାଡି ଇଞ୍ଜିନ ଛୁ : ଜଳେଶ୍ୱର-ଦୀଘା ସଡକ ସଂଯୋଗ ଠପ୍

ଜଳେଶ୍ୱର, ୨୬/୬(ନି.ପ୍ର): ଗତ ରବିବାର ସଂଧ୍ୟାରେ ଖଡଗପୁରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଗୁଡ୍‌ସ୍ ଟ୍ରେନ୍‌ର କେତେକ ବଗି ରେଳ ଧାରଣାରେ ଗଡୁଥିବା ବେଳେ ଅନ୍ୟ କେତେକ ବଗି ଓ ଇଞ୍ଜିନ ଗନ୍ତବ୍ୟପଥରେ ଗଡୁଥିଲା । ଜଳେଶ୍ୱର ନୂଆବଜାର ଲେଭେଲକ୍ରସିଂ ନିକଟରେ ଏହା ଘଟିଥିବାରୁ ଅପ୍ ଲାଇନ୍‌ରେ ସମସ୍ତ ରେଳ ଚଳାଚଳ ବନ୍ଦ ରଖାଯାଇଥିଲା । ଆସନ୍ତ ବିପଦରୁ ରକ୍ଷାଲାଗି ରେଳବାଇ ସମସ୍ତ ପ୍ରତିରକ୍ଷା ମୂଳକ ପଦକ୍ଷେପ ଗ୍ରହଣ କରିଥିଲା । ଜଳେଶ୍ୱର ରେଳ କର୍ମଚାରୀ, ରେବାଇର ବୈଷୟିକ ବିଭାଗ, ସୁରକ୍ଷା କର୍ମଚାରୀ, ଷ୍ଟେସନ କର୍ମଚାରୀ ସମସ୍ତଙ୍କ ସମ୍ମିଳିତ ଉଦ୍ୟମରେ ପୁଣି ଇଞ୍ଜିନ ସହିତ ବଗି ଯୋଡା ଯାଇପାରିଥିଲା । ଏ ସମ୍ପର୍କରେ ରେଳ କର୍ତ୍ତୃପକ୍ଷ ଟ୍ରେନ୍‌ର ଗାର୍ଡ ସହିତ ଆଲୋଚନା କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଜଣାଯାଇଛି ।

## ଧର୍ମେନ୍ଦ୍ରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରି ଧର୍ମେନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ବସ୍‌ଷ୍ଟାଣ୍ଡର ବିକାଶ ଲାଗି ଘରୋଇ ବସ୍ ମାଲିକ ସଂଘର ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୨୬/୬(ନି.ପ୍ର): ରାଜ୍ୟର ଉତ୍ତର ଉପାନ୍ତ ବାଲେଶ୍ୱର ଜିଲାର ଜଳେଶ୍ୱରର ବିକାଶ ଲାଗି ଉଦ୍ୟମ ଜାରି ରହିଥିବା ବେଳେ ଜଳେଶ୍ୱରରୁ ରାଜ୍ୟ ଓ ରାଜ୍ୟ ବାହାରକୁ ବହୁ ବସ୍ ଚଳାଚଳ କରୁଥିଲେ ମଧ୍ୟ ସ୍ଥାୟୀ ବସ୍‌ଷ୍ଟାଣ୍ଡ ଓ ଯାତ୍ରୀ ବିଶ୍ରାମାଳାୟ ନ ଥିବାରୁ ଯାତ୍ରୀମାନେ ହିନସ୍ତା ହେଉଛନ୍ତି । ଆଜି ନବନିର୍ବାଚିତ ଘରୋଇ ବାସ୍ ମାଲିକ ସଂଘ ଏକ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱର ବସ୍‌ଷ୍ଟାଣ୍ଡ ଓ ଲକ୍ଷ୍ମଣନାଥଠାରେ ଆନ୍ତରାଜ୍ୟ ବସ୍ ଟର୍ମିନାଲର ପ୍ରତିଶୃତି କାର୍ଯ୍ୟକାରୀ କରିବାକୁ ଦାବି କରିଛି । ଜଳେଶ୍ୱର, ଭୋଗରାଇର ବିଧାୟକ ଓ ମନ୍ତ୍ରୀଙ୍କର ହସ୍ତକ୍ଷେପ ମଧ୍ୟ ଲୋଡିଛନ୍ତି । ଜଳେଶ୍ୱର ସହର ଦେଇ ବାଲେଶ୍ୱର, ଭଦ୍ରକ, ପାରାଦୀପ, କଟକ, ପୁରୀ, ଭୁବନେଶ୍ୱର, ବାରିପଦ, ରାଉରକେଲା, ବଡବିଲ, କେଉଁଝର, ଦୀଘା, କାନ୍ଥି, ହଳଦିଆ, ଏଗ୍ରା, ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର, ଭୋଗରାଇ, ଉଲୁଡା, ପଶ୍ଚିମବାର୍ଡ, ଦାନ୍ତୁନ, ମେଦିନୀପୁର, ଖଡଗପୁର, କୋଲକତା, ଦୁର୍ଗାପୁର ଇତ୍ୟାଦି ଅଂଚଳକୁ ବସ୍ ଚଳାଚଳ କରୁଥିବା ବେଳେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ଖରା, ବର୍ଷା, ଶୀତରେ ହୀନସ୍ତା ହେଉଛନ୍ତି । ପ୍ରେକ୍ଷାଳୟ ନ ଥିବାରୁ ଯାତ୍ରୀମାନଙ୍କ ଲାଗି ସର୍ବନିମ୍ନ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି । ତେଣୁ ଷ୍ଟେସନବଜାରରେ ପ୍ରସ୍ତାବିତ ସ୍ଥାୟୀ ବସ୍‌ଷ୍ଟାଣ୍ଡ ଲାଗି ଥିବା ସରକାରୀ ସ୍ଥାନରେ ଜବରଦଖଲ ଉଚ୍ଛେଦ କରି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ଲାଗି ହୋଇଥିବା ଦାବିକୁ ଦୋହରାଇଛନ୍ତି । ଆୟୋଜିତ ସଭାରେ ମାଲିକ ସଂଘର ସଭାପତି ସୁଧିର କୁମାର ମହାନ୍ତି ସଭାପତିତ୍ୱ କରି ସ୍ଥାୟୀ ବଷ୍ଟଷ୍ଟାଣ୍ଡ ଲାଗି ୬୦ନଂ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଠାରେ ଆନ୍ତରାଜ୍ୟ ବସ୍‌ଟର୍ମିନାଲ ଲାଗି ଜିଲାପାଳ, ଆର୍‌ଟିଓ, ଏମ୍‌ଭିଆଇ ଏବଂ ନେତୃସ୍ଥାନୀୟ ବ୍ୟକ୍ତିମାନେ ୪ଏକର ସ୍ଥାନ ଯୋଗାଇ ଦେଇଥିବାର ପ୍ରତିଶୃତ ଦେଇଥିଲେ ମଧ୍ୟ ମାଲିକ ସଂଘ ଦସ୍ତାବିଜ ପାଇନଥିବା କହିଥିଲେ । ସେହିପରି ସଂପାଦକ ଅଭିଜିତ୍ ପ୍ରଧାନ ୧୯୮୮ ମସିହାଠାରୁ ଜଳେଶ୍ୱର ବସ୍ ମାଲିକ ସଂଘ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇନଥିବାରୁ ଯାତ୍ରୀଙ୍କ ଅସୁବିଧା ସଂପର୍କରେ କହିଥିଲେ । ଜଳେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ୭୦ ଫୁଟ ଓସାରର ରାସ୍ତା ରହିଥିଲେ ମଧ୍ୟ ପ୍ରାୟ ୪୫ଫୁଟ ଜବରଦଖଲଙ୍କ କବ୍‌ଜାରେ ରହୁଥିବାରୁ ପ୍ରଶାସନ ଏଥିପାଇଁ ଆଖି ବୁଜି ଦେଇଛି ବୋଲି କହିଥିଲେ । ପ୍ରାରମ୍ଭରେ କେତେକ ବାଓମାଲିକଙ୍କ ମୃତ୍ୟୁରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ବିଧାୟକଙ୍କ ହାତପାଣ୍ଠିରୁ ଅର୍ଥ ଯୋଗାଇ ପୂର୍ବରୁ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ସ୍ଥାନରେ ମାଲିକ ସଂଘର କାର୍ଯ୍ୟାଳୟ ନିର୍ମାଣ କରାଯିବା ସଂପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସଂପାଦକ ଦେବଲ କୁମାର ମିଶ୍ର, ବିଶ୍ୱଜିତ୍ ପ୍ରଧାନ, କୋଷାଧ୍ୟକ୍ଷ ଉଜ୍ଜଳ କୁମାର ପାତ୍ର, ଉପଦେଷ୍ଟା ହରେନ୍ଦ୍ର ନାଥ ଦାସ, ମାନସ କୁମାର ମିଶ୍ର, ସରୋଜ କୁମାର ଭୂୟାଁ, ବସ୍‌ଷ୍ଟାଣ୍ଡ ସଂପାଦକ ପ୍ରଦୀପ କୁମାର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଆର୍‌ଟିଓ ଜଳକା : ବିନା କାଗଜପତ୍ର ଓ ଅଧିକ ଭଡାରେ ଗଡୁଛି କେତେକ ବସ୍

ଜଳେଶ୍ୱର, ୨୬/୬(ନି.ପ୍ର): ଉତ୍ତର ବାଲେଶ୍ୱରର କେତେକ ସଡକପଥରେ ଚଳାଚଳ କରୁଥିବା ବସ୍‌ର ଆଇନ୍‌ଗତ କାଗଜପତ୍ର ନ ଥିବା ଏବଂ ସରକାରଙ୍କ ଘୋଷଣାଠାରୁ ଅଧିକ ଭଡା ଆଦାୟ କରୁଥିବା ଅଭିଯୋଗ ହେବା ସହିତ ବାଲେଶ୍ୱର ଜିଲାପାଳ, ଆର୍‌ଟିଓ ଓ ଏମ୍‌ଭିଆଇଙ୍କୁ ଲିଖିତଭାବେ ଦର୍ଶାଯାଇଛି । ଚନ୍ଦନେଶ୍ୱରୁ ବାଂଶାରୀ ମୁହାଁଣ ଭାୟା କମର୍ଦ୍ଦା, ବାଲିଆପାଳ, ଲଙ୍ଗଳେଶ୍ୱର, ସାର୍ଥ ଦେଇ ଯାତାୟାତ କରୁଥିବା ଓଡି ୦୧ଜେଡ୍ ୩୧୯୯ବସ୍‌ଟି ଚଳାଚଳ କରୁଅଛି । ଏହି ଗାଡିର ଫିଟନେସ୍ ୨୦୨୦ ଅକ୍ଟୋବର ୧୦ ଥିଲା ବେଳେ ପିୟୁସି ସମୟ ମଧ୍ୟ ଅତିବାହିତ ହୋଇଛି । ୧୯-୨-୨୦୨୧ ସୁଦ୍ଧା ଏହାର ବୀମା ସମୟ ଶେଷ ହୋଇଥିଲେ ମଧ୍ୟ ତାହା ଆଉ ପୁନଃ ନବିକରଣ (ରିନୁଆଲ) ହୋଇନଥିବା ଜଣାଯାଇଛି । ଏ ସମ୍ପର୍କରେ କେତେକ ଯାତ୍ରୀ, ବସ୍‌ମାଲିକ ବାରମ୍ବାର ଏସ୍‌ଟିଏ, ବାଲେଶ୍ୱର ଜିଲାପାଳ, ଆର୍‌ଟିଓଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ସେମାନେ କହିଛନ୍ତି । ସେହିପରି ଚନ୍ଦନେଶ୍ୱର-ଜଳେଶ୍ୱର ସଡକ ରାସ୍ତାରେ ଚଳାଚଳ କରୁଥିବା ବସ୍‌ଗୁଡିକ ଅଧିକ ଯାତ୍ରୀଭଡା ଆଦାୟ କରୁଥିବା ଅଭିଯୋଗ ହୋଇଛି । ଜଳେଶ୍ୱର-କମର୍ଦ୍ଦା ୧୬ କିମି ରାସ୍ତା ପାଇଁ ୩୦ଟଙ୍କା, ଜଳେଶ୍ୱର-ଥାନାଛକ ୨୮ କି.ମି. ଲାଗି ୪୦ଟଙ୍କା, ଜଳେଶ୍ୱର-ଚନ୍ଦନେଶ୍ୱର ୩୬ କି.ମି ଲାଗି ୫୦ଟଙ୍କା ଯାତ୍ରୀଭଡା ଆଦାୟ କରାଯାଉଥିବା ଦେଖିବାକୁ ମିଳୁଛି । ସେହିପରି ଜଳେଶ୍ୱର-ବାଲେଶ୍ୱର ୫୦ କି.ମି, ରାସ୍ତା ଲାଗି କେତେକ ବସ୍ ୮୦ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳିଛି । ଏଥିପାଇଁ ଗତ ୧୪ ତାରିଖରେ କମର୍ଦ୍ଦାରୁ ଜଳେଶ୍ୱର ଆସୁଥିବା ଅଷ୍ଟଭୂଜା ବସ୍‌ରେ ମାଳତୀ ଦାସ ନାମକ ଜନୈକ ଗ୍ରାମୀଣ ମହିଳାଠାରୁ ୩୫ ଟଙ୍କା ଭଡା ଦାବି କରି ୩୦ ଟଙ୍କା ଦେଇଥିବା ଅଭିଯୋଗ ଜଳେଶ୍ୱରର କେତେକ ସାମ୍ବାଦିକ ବାଲେଶ୍ୱର ଆର୍‌ଟିଓଙ୍କୁ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜରାଯାଇଛି । ଏ ସମ୍ପର୍କରେ ଜଳେଶ୍ୱର ବସ୍ ମାଲିକ ସଂଘକୁ ଅବଗତ କରାଯାଇଥିଲା ।

## ନୀଳଗିରି ଉପଖଣ୍ଡ ଗୃହ ନିର୍ମାଣ ସମବାୟ ସମିତିରେ ଗତିକୃଷ୍ଣ ନନ୍ଦ ସଭାପତି ପଦରେ ନିର୍ଦ୍ୱନ୍ଦରେ ନିର୍ବାଚିତ

ନୀଳଗିରି, ୨୬/୬: ନୀଳଗିରି ଉପଖଣ୍ଡ ଗୃହ ନିର୍ମାଣ ସମବାୟ ସମିତିର ପୂର୍ବରୁ ମୋଟ ସଭ୍ୟ ୧୫ଜଣଙ୍କ ମଧ୍ରରୁ ୧୫ ଜଣ ସଭ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ଆଜି ସଭାପତି ପଦ ପାଇଁ ନିର୍ବାଚନରେ ବିଜେଡି ସମର୍ଥୀତ ପ୍ରାର୍ଥୀ ଗତିକୃଷ୍ଣ ନନ୍ଦ ନିର୍ଦ୍ୱନ୍ଦରେ ବିଜୟ ଲାଭ କରିଛନ୍ତି । ଏହି ନିର୍ବାଚନକୁ ଅଧିକାରୀ ସୁବ୍ରତ ପତି ପରିଚାଳନା କରିଥିବା ବେଳେ ଶ୍ରୀ ନନ୍ଦଙ୍କ ସଭାପତିତ୍ୱକୁ ଘୋଷଣା କରିଥିଲେ । ଏହି ସମିତିରେ ଡାଇରେକ୍ଟର ପ୍ରଫୁଲ୍ଲ ମହାନ୍ତି, ଅଶୋକ ସେଠୀ, ରବିନ୍ଦ୍ର ଭୋଳ, ସନ୍ତୋଷ ସ୍ୱାଇଁ, ସୁରେନ୍ଦ୍ର ଦାସ, ରୁବତୀ ମଣୀ ସିଂ, ସବିତା ନାୟକ, ପ୍ରମୋଦ ମହାପାତ୍ର, ଦୀପକ କୁମାର ନାୟକ, କଳ୍ପନା ମିଶ୍ର, ପୂର୍ଣ୍ଣିମା ବାରିକ, କଳ୍ପନା ସାହୁ, ବୁଦ୍ଧଦେବ ସିଂ, ମହେନ୍ଦ୍ର ବେହେରା ଓ ବିଜେଡି ନେତା ସନ୍ତୋଷ ଖଟୁଆ ପ୍ରମୁଖ ଉପସ୍ଥିତ ରହି ନବନିର୍ବାଚିତ ସଭାପତି ଶ୍ରୀ ନନ୍ଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଶ୍ରୀହୀନ ହୋଇପଡ଼ିଛି ଉଦଳା ସହର



ଉଦଳା, ୨୬/୦୬ (ନି.ପ୍ର): ପୌର ନିର୍ବାଚନ ସରିବାର ମାତ୍ର ହାତ ଗଣତି କେତୋଟି ଦିନ ଯାଇଛି । ସବୁଜ ସୁନ୍ଦର ଉଦଳା ସହର ଆଜି ଶ୍ରୀହୀନ ହୋଇ ପଡ଼ିଛି । ସହରରୁ ନିୟମିତ ବାହାରୁଥିବା ବର୍ଯ୍ୟବସ୍ତୁ ପରିଚାଳନାରେ ଏବେ ସମସ୍ୟା ଦେଖା ଦେଇଛି । ସହରୁ ବାହାରୁଥିବା ଓଳିଆ କେଉଁଠି ପକାଯିବ ତାକୁ କେନ୍ଦ୍ର କରି ବିବାଦ ମୁଣ୍ଡ ଟେକୁଛି । ଫଳରେ ଉଦଳା ସହର ଶ୍ରୀହୀନ ହୋଇ ପଡ଼ିବା ସହିତ ଦୁର୍ଗନ୍ଧମୟ ପରିବେଶ ସହରରେ ନାହିଁନଥିବା ଅସୁବିଧା ସୃଷ୍ଟି କରିଛି । ପୁଣି ଆଗକୁ ଆସୁଛି ରଥଯାତ୍ରା, ଏବେରୁ ସହରକୁ ସଫା ସୁତରା ନରଖିଲେ ରଥଯାତ୍ରା କେମିତି ହେବ ବହୁ ଲୋକ ପ୍ରଶ୍ନ କରୁଥିବାରୁ ଶୁଣିବାକୁ ମିଳୁଛି । ଏତିକିବେଳେ ଗତ ପୌର ନିର୍ବାଚନ ସମୟରେ କଂଗ୍ରେସ ଦଳରୁ ଜଣେ କାଉନସିଲର ପ୍ରାର୍ଥି ଭାବରେ ନିର୍ବାଚନ ଲଢ଼ିଥିବା ସ୍ନେହଲତା କୁଅଁରବାବୁ କହିଛନ୍ତି ଉଦଳା ସହରରେ ଓଳିଆ ଉଠା ସମସ୍ୟା ନୁହେଁ । ଏଠାରେ ବର୍ତ୍ତମାନ କ୍ଷମତାରେ ଥିବା ବିଜେପି ଓ ବିଜେଡ଼ି କାଉନସିଲର ମାନଙ୍କର କନ୍ଦଳର ଏହା ବାହ୍ୟ ରୂପ ଅଟେ । ବିଚରା ସାଧାରଣ ମଣିଷ ଏଥିରେ ପେଶି ହୋଇ ଯାଉଛନ୍ତି । ତାହାଛଡ଼ା କଂଗ୍ରେସ ଦଳରୁ ଯଦି କେହି ଜଣେ ହେଲେ କାଉନସିଲର ବର୍ତ୍ତମାନର କାଉନସିଲ ବଡ଼ିରେ ଥାନ୍ତେ ତେବେ ଏପରି ଅବସ୍ଥା ହୋଇନଥାନ୍ତା ବୋଲି ସ୍ନେହଲତା ଜଣାଇବା ସହିତ କଂଗ୍ରେସ ସବୁବେଳେ ଲୋକଙ୍କ ସ୍ୱାର୍ଥକୁ ଆଗ ଦେଖେ ବୋଲି କହିଛନ୍ତି । ଶେଷରେ ଉଦଳାରେ ବିଜେପି – ବିଜେଡ଼ି କାଦୁଅ ଫିଙ୍ଗାଫିଙ୍ଗି ଛାଡ଼ି ଗଠନ ମୂଳକ କାମରେ ଲାଗନ୍ତୁ ବୋଲି ସ୍ନେହଲତା ଅନୁରୋଧ କରିଛନ୍ତି ।

# ଫକୀରମୋହନ ସାହିତ୍ୟ ପରିଷଦର ମୌସୁମୀ ବିଚିତ୍ରା




ବାଲେଶ୍ୱର: ୨୬/୦୬ (ନି.ପ୍ର): ମୌସୁମୀ ଯେତେବେଳେ ଗଭୀର ସମୁଦ୍ର ମଧ୍ୟରେ ଗତି କରୁଥିଲା ସେତେବେଳେ ସମୁଦ୍ରର ଗଭୀର ଜଳ ତାକୁ ଆବାହନ ମୁଦ୍ରାରେ ଅପେକ୍ଷା କରିଥିଲା । ତା'ର ନିକଟକୁ ଚାଲିଯାଇ ଜଳର ଗଣ୍ଡଦେଶରେ ଚୁମ୍ବନ ଆଙ୍କିବାକୁ ଯାଉଥିବାବେଳେ ହଠାତ୍ ପଛକୁ ଚାହିଁ ଦେଖିଲା କାହାର ଏକ ଶୁଷ୍କ ଓ ଫାଟିଯାଉଥିବା ମୁହଁ ଖରାର ଧାସରେ ମଉଳି ଯାଇଛି । ପ୍ରିୟତମାକୁ ଛାଡ଼ି ମୌସୁମୀ ସେହି ମାଟି ନିକଟକୁ ଫେରିଆସିବାକୁ ବସିଥିବାବେଳେ ସମୁଦ୍ରର ଜଳ ମଧ ପ୍ରିୟତମ ସହିତ ଆସିବା ପାଇଁ ଜିଦ୍ ଧରି ବସିଲା । ଉଭୟଙ୍କର ମିଳନରେ ପୃଥିବୀର ମାଟି ଉପରେ ସୃଷ୍ଟିହେଲା ବର୍ଷାର ଲୀଳାୟିତ ଛନ୍ଦ । ମୌସୁମୀର ସେହି ଛନ୍ଦକୁ ନେଇ ଯୁଗେ ଯୁଗେ କବି ଓ ସାହିତ୍ୟିକମାନେ କବିତା ଓ କାବ୍ୟ ରଚନା କରିଆସିଛନ୍ତି । ମୌସୁମୀର ଲୀଳାୟିତ ଛନ୍ଦ ଓ ତା'ର ପ୍ରେମିଳ ଗୁଞ୍ଜରଣ ସାରସ୍ୱତ ସାଧକମାନଙ୍କୁ ପ୍ରଲୁବ୍ଧ କରିଛି । ସେହି ମୌସୁମୀକୁ ସ୍ୱାଗତ ଜଣାଇ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ମଧ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ମୌସୁମୀ ବିଚିତ୍ରା କାର୍ଯ୍ୟକ୍ରମ । ଗୀତ, ନୃତ୍ୟ, କବିତା, ବକ୍ତବ୍ୟ ଓ ସମୂହ ସଙ୍ଗୀତର ତାଳେ ତାଳେ ଶାନ୍ତିକାନନର ପରିବେଶ ଅପୂର୍ବ ମାଧୁରୀରେ ଗୁଞ୍ଜରି ଉଠିଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମାନ୍ୟବର ବିଧାୟକ ସ୍ୱରୂପ କୁମାର ଦାସଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇଥିଲେ । ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ବିଧାୟକଙ୍କଦ୍ୱାରା ଆସରର ଉଦ୍‌ଘାଟନ ପରେ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମୋମେଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ନିଜର ବକ୍ତବ୍ୟରେ ଶ୍ରୀଯୁକ୍ତ ଦାସ ଫକୀରମୋହନଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟର ରକ୍ଷାକର୍ତ୍ତା ବୋଲି ସୂଚନା ଦେଇ ସାହିତ୍ୟ ପରିଷଦ ନିଜର କାର୍ଯ୍ୟକଳାପ ଯୋଗୁଁ ଓଡ଼ିଶାରେ ଚର୍ଚ୍ଚିତ ହୋଇପାରିଛି ବୋଲି ପ୍ରକାଶ କରିଥିଲେ । ପରିଷଦର ସଭାଗୃହ ନିକଟରେ ଏକ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ ଘୋଷଣା କରିଥିଲେ । ବିଚିତ୍ରାର ପ୍ରାରମ୍ଭରେ କଲ୍ୟାଣୀ ନନ୍ଦଙ୍କର ରଚନା ଓ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ଦାନଶ୍ରୀ ପାଣିଗ୍ରାହୀ, କୃଷ୍ଣା ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ଶାନ୍ତିଲତା ପଣ୍ଡା, ସଙ୍ଗୀତା ବାରିକ, ଦେବାଶିଷ ସିଂହ ଓ ଗୌରଗୋପାଳ ଦେ'ଙ୍କର କଣ୍ଠରେ ମୌସୁମୀକୁ ଆବାହନ ଜଣାଇ ସମୂହ ସଙ୍ଗୀତ ପରିବେଷଣ କରାଯାଇଥିଲା । ସଂପାଦକ ଦୀପକ ବୋଷ ସାଂପ୍ରତିକ ଓ ଭବିଷ୍ୟତର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ସଂଯୋଜନାରେ ଡ. ବଂଶୀଧର ଚୌଧୁରୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିମଳ ଜେନା, କବି ଶ୍ରୀଦେବ, କବୟିତ୍ରୀ ଯଶୋଧାରା ଦାସ ଓ ଅକ୍ଷାଂଶର ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ମୌସୁମୀ କବିତା ପାଠ କରିଥିଲେ । ଡ. ସାରଙ୍ଗଧର ତ୍ରିପାଠୀଙ୍କ ସଂଯୋଜନାରେ ପ୍ରାଚୀ ପ୍ରଯୁକ୍ତା ପଢ଼ିଆରୀ, ମାହେଶ୍ୱରୀ ଦାସ, ଶ୍ରଦ୍ଧାସୁମନ ଦାସ ଓ ଦିଶିତା ପାତ୍ର ମୌସୁମୀ ଗୀତରେ ନୃତ୍ୟ ପରିବେଷଣ କରିଥିଲେ । ପରିଷଦର କୋଷାଧ୍ୟକ୍ଷ ତପନ ରାୟଙ୍କ ସଂଯୋଜନାରେ ଆକାଶ ପଣ୍ଡା ମୟୂରୀ ଗୋ ତୁମ ଆକାଶେ ମୁଁ ଦିନେ, ସୁଭଦ୍ରା ବାରିକ ମେଘ ବରଷିଲା ଟୁପୁରୁ ଟୁପୁରୁ, ହରପ୍ରିୟା ବାରିକ ବର୍ଷାରୁ ବେଶି ମିଠା ତାର ବର୍ଷା ଛିଟା, ସ୍ମୃତିସ୍ୱରୂପା ମିଶ୍ର ନେଇଯାରେ ମେଘ ମୋତେ ଓ ଗୁରୁ ସତ୍ୟରଂଜନ ମହାନ୍ତି ଦୀପକ ବୋଷଙ୍କ ରଚିତ, କଳାମେଘ ସବାରୀରେ ବରଷା ରାଣୀ ସଙ୍ଗୀତ ପରିବେଷଣ କରିଥିଲେ । ବାଦ୍ୟାଂଶରେ ଜୟନ୍ତ ବେହେରା, ସୁବାସ ସିଂହ ଓ ସଂଜୀବ ବେହେରା ସହଯୋଗ କରିଥିଲେ । ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଂଯୋଜନାରେ ସମାଜସେବୀ ମମତା ମହାପାତ୍ର, କବୀ ଶ୍ରଦ୍ଧାଞ୍ଜଳି ରାୟ, ଗାଳ୍ପିକା ଅଞ୍ଜଳି ପଣ୍ଡା ଓ ସାହିତ୍ୟିକା ଅରୁଣା ରାୟ ମୌସୁମୀ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପକ ସୁକାନ୍ତ କୁମାର ଗିରି ଶେଷବକ୍ତବ୍ୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ଶକ୍ତ ....

ଉପନିର୍ବାଚନ ପାଇଁ ମଇଦାନକୁ ୧୬ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ । ୨୦୧୯ ତୁଳନାରେ ଚଳିତ ଉପନିର୍ବାଚନରେ ଭୋଟ୍ ପ୍ରତିଶତ ଯଥେଷ୍ଟ ହ୍ରାସ ପାଇଥିଲା । ୨୦୧୯ରେ ସାଧାରଣ ନିର୍ବାଚନରେ ଏଠାରେ ୭୨.୪୪ ପ୍ରତିଶତ ଭୋଟ ହୋଇଥିବା ବେଳେ ଚଳିତ ଉପନିର୍ବାଚନରେ ୪୫.୩୦ ପ୍ରତିଶତ ଭୋଟ୍ ରେକର୍ଡ଼ ହୋଇ ଥିଲା । ଉକ୍ତ ନିର୍ବାଚନମଣ୍ଡଳୀରେ ୧୫.୬୯ ଲକ୍ଷ ଭୋଟର ମତଦାନ ପାଇଁ ଯୋଗ୍ୟ ହୋଇଛନ୍ତି । ଭଗୱନ୍ତ ସିଂହ ମାନ୍ ବିଧାନସଭା ନିର୍ବାଚନରେ ଜିତି ମୁଖ୍ୟମନ୍ତ୍ରୀ ହେବା ପରେ ସେ ଏହି ଆସନରୁ ଇସ୍ତଫା ଦେଇଥିଲେ । ଫଳରେ ଏଠାରେ ଲୋକସଭା ଆସନ ପାଇଁ ଉପନିର୍ବାଚନ ହୋଇଥିଲା । ୨୦୧୪ରେ ଉକ୍ତ ଆସନଟି ଆପ୍ କବଜାକୁ ଆସିଥିଲା । ଏଠାରେ ଭଗୱନ୍ତ ମାନ୍ ବିଜୟ ଧ୍ୱଜା ଉଡ଼ାଇଥିବା ବେଳେ୨୦୧୯ରେରେ ମଧ ବିଜୟଧାରାକୁ କାଏମ ରଖିଥିଲେ । ନିକଟରେ କିଛି ମାସ ତଳେ ବିଧାନସଭା ନିର୍ବାଚନରେ ପଞ୍ଜାବର ଉପନିର୍ବାଚନ ଏକ ପ୍ରମୁଖ ଲଢ଼େଇ ଥିଲା । ଶାସକ ଦଳ ପାଇଁ ସମ୍ମାନର ପ୍ରଶ୍ନ ଥିଲା ବେଳେ ବିଧାନସଭା ନିର୍ବାଚନରେ ଧରାଶାୟୀ ହୋଇଥିବା ବିରୋଧୀଙ୍କ ପାଁ କମ ବଡ଼ ଚାଲେଞ୍ଜ ନଥିଲା । ଅନ୍ୟ ପଟେ କଂଗ୍ରେସ ଓ ବିଜେପି ମଧ ଦମ ଦେଖାଇ ଲଢ଼ିଥିଲେ ମଧ ପରାଜିତ ହୋଥିଲେ । ତେବେ ନୂଆ ନୂଆ ସଦ୍ୟ କ୍ଷମତାକୁ ଆସିଥିବା ଆପ୍‌କୁ ମାତ ଦେଇ ଶାସକ ଦଳ ପାଖରୁ ଉକ୍ତ ଆସନକୁ ଶିରୋମଣି ଅକାଳୀ ଦଳର ପ୍ରାର୍ଥୀ ସିମରଞ୍ଜିତ ସିଂହ ବାଜି ମାରିନେବା ଚର୍ଚ୍ଚାର ବିଷୟ ପାଲଟିଛି ।

## ମହାରାଷ୍ଟ୍ରର ୧୫ ବିଦ୍ରୋହୀ....

ଏବଂ ବିଜେପି ନେତା ଦେବେନ୍ଦ୍ର ଫଡନାଭିସଙ୍କ ଗୁଜରାଟରେ ମଧରେ ସାକ୍ଷାତ ହୋଇଥିବା ଖବର ପ୍ରକାଶ ପାଇଥିଲା । ଏହା ପରେ ଏକନାଥଙ୍କ ବୈଠକ ଡାକିବା ବିଜେପି ଏବଂ ବିଦ୍ରୋହୀ ବିଧାୟକ ଯୋଗାଯୋଗରେ ଥିବା ସ୍ପଷ୍ଟ ହୋଇଛି । ଏକନାଥ ସିନ୍ଦେ ଶିବ ସୈନିକଙ୍କ ଉଦେଶ୍ୟରେ ଟୁଇଟ କରି କହିଛନ୍ତି, 'ଏମଭିଏର କୁମ୍ଭୀର ମୁହଁରୁ ଶିବସେନାକୁ ଉଦ୍ଧାର ପାଇଁ ସେ ଯୁଦ୍ଧ କରୁଛନ୍ତି । ଏହି ଯୁଦ୍ଧ ଶିବ ସୈନିକମାନଙ୍କ ଭଲ ପାଇଁ କରାଯାଉଛି ।'

# ବାରିପଦାରେ ବିଭତ୍ସ ହତ୍ୟାକାଣ୍ଡ : ବଡ ଭାଇକୁ ହତ୍ୟା କଲା ସାନ ଭାଇ

ବାରିପଦା, ୨୬/୦୬ (ନି.ପ୍ର): ରକ୍ତସମ୍ପର୍କରେ ଲାଗିଲା ରକ୍ତର ଛିଟା । ଘରୋଇ କଳହରୁ ରକ୍ତମୁଖା ସାଜିଲା ସାନଭାଇ । ଆଉ ବଡ ଭାଇକୁ କଟୁରୀରେ ହାଣି ବିଭତ୍ସ ଭାବେ ହତ୍ୟା କଲା । ଏଭଳି ଏକ ଅଭାବନୀୟ ହତ୍ୟାକାଣ୍ଡ ଘଟିଛି ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ମାଧପୁର ଗ୍ରାମରେ । ପାରିବାରିକ କଳହକୁ କେନ୍ଦ୍ର କରି ନିଜ ବଡ଼ଭାଇକୁ କଟୁରିରେ ହାଣି ଅତି ଜଘନ୍ୟ ଭାବେ ହତ୍ୟା କରିଛି ସାନଭାଇ । ଅଭିଯୁକ୍ତ ସାନଭାଇ ଲକ୍ଷ୍ମଣ ସରେନକୁ ଗିରଫ କରିବା ସହ ଘଟଣାର ଅଧିକ ତଦନ୍ତ ଜରି ରଖିଛି ବାରିପଦା ସଦର ଥାନା ପୋଲିସ । ମୃତକ ବଡ଼ଭାଇ ଜଣକ ହେଉଛନ୍ତି ମେଘରାୟ ସରେନ୍ । ସୂଚନାଯୋଗ୍ୟ ବଡ ଭାଇ ପ୍ରତିଦିନ ନିଶା ଶକ୍ତ ଅବସ୍ଥାରେ ଘରକୁ ଆସି ପରିବାରର ସଦସ୍ୟଙ୍କୁ ଗାଳି ଗୁଲଜ କରୁଥିଲେ । ତେବେ ଗତକାଲି ମଧ ରାତ୍ରି ସମୟରେ ବଡ ଭାଇ ନିଶା ଶକ୍ତ ଅବସ୍ଥାରେ ଆସି ଘରେ ଶୋଇଥିବା ସାନ ଭାଇ ସହ କଳି ଝଗଡ଼ା ଆରମ୍ଭ କରିଥିଲା । ଏହି ଝଗଡାରେ ଉତକ୍ଷିପ୍ତ ହୋଇ ସାନଭାଇ ଲକ୍ଷ୍ମଣ ଏକ କଟୁରି ସାହାଯ୍ୟରେ ବଡ଼ଭାଇ ମେଘରାୟକୁ ଆକ୍ରମଣ କରିଥିଲେ ଯାହାଫଳରେ ଘଟଣା ସ୍ଥଳରେ ମେଘରାୟ ଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଘଟଣା ସ୍ଥଳରେ ବାରିପଦା ସଦର ପୋଲିସ ପହଂଚି ହତ୍ୟାକାରୀ ଛୋଟ ଭାଇ ଲକ୍ଷ୍ମଣ ସରେନକୁ ଘଟଣା ସ୍ଥଳରୁ ଗିରଫ କରିବା ସହ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଜଙ୍ଗଲରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା, ୨୬/୦୬ (ନି.ପ୍ର): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅନ୍ତର୍ଗତ ଛାତନା ଗ୍ରାମ ନିକଟ ଜଙ୍ଗଲରୁ ଆଜି ଅପରାହ୍ନରେ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଜଙ୍ଗଲରେ ଥିବା ଏକ ଗଛ ଡାଳରେ ଜଣେ ଯୁବକ ଏବଂ ଅନ୍ୟଜଣେ ଯୁବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଲୋକେ ଦେଖିବାକୁ ପାଇଥିଲେ । ଖବର ପାଇ ମୋରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି । ମୃତ ଯୁବକ ଜଣକ ଛାତନା ଗ୍ରାମର ହୋଇଥିବା ବେଳେ ମୃତ ଯୁବତୀଙ୍କ ପରିଚୟ ମିଳିପାରିନାହିଁ । ପୋଲିସ-ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ବହୁଜନ ସମାଜ ପାର୍ଟି, ଭଦ୍ରକ ଲୋକସଭାର କର୍ମୀ ସମ୍ମିଳନୀ



ଭଦ୍ରକ, ୨୬/୦୬ (ନି.ପ୍ର): ବହୁଜନ ସମାଜ ପାର୍ଟି, ଭଦ୍ରକ ଲୋକସଭା କ୍ଷେତ୍ର ଆନୁକୂଲ୍ୟରେ ଜିଲ୍ଲା କାର୍ଯ୍ୟାଳୟ ସାହାପୁର ଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କର୍ମୀ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ନୂତନ ଭାବେ ଭଦ୍ରକ ଲୋକସଭାର ଦାୟିତ୍ୱ ନେଇଥିବା ଆଇନଜୀବି ଅର୍ଜୁନ ଚରଣ ମଲ୍ଲିକ ସଭାପତିତ୍ୱ କରିଥିଲେ । ଲୋକସଭାର କ୍ଷେତ୍ରର ବରିଷ୍ଠ ସଭ୍ୟ ମାଧବାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଓ ଜିଲ୍ଲା ସଭାପତି ଇଂ ଅନୁରାଗ ମଳିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସଭା ପରିଚାଳକ ଆଇନଜୀବି ମଲ୍ଲିକଙ୍କ ପ୍ରସ୍ତାବ କ୍ରମେ ଜିଲ୍ଲା ସାଧାରଣ ସେକ୍ରିଆଜୁଦ୍ଦିନ ସଭା ପରିଚାଳନା କରିଥିଲେ । ଭଦ୍ରକ ଲୋକସଭା ଦାୟିତ୍ୱରେ ଥିବା ରାଜ୍ୟ ସମ୍ପାଦକ ଆଇନଜୀବି ଶ୍ରୀ ମଲ୍ଲିକ ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ବିଧାନସଭାରୁ ଆସିଥିବା ଇଂ ଶୁଭେନ୍ଦୁ ମଳିକ, ଉମାକାନ୍ତ ଯେନା, ବୃନ୍ଦାବନ ଯେନା, ପ୍ରକାଶ ମଳିକ, ରଣଜିତ ଦାସ, ଗଜେନ୍ଦ୍ର ଯେନା, ପରମେଶ୍ୱର ମଳିକ, ସୁଦାମ ଯେନା, ନିର୍ମଳ ଯେନା, ନୁରୁଦ୍ଦିନ ଖାଁ, ମହମ୍ମଦ ନଜିମା ଖାଁ, ସୋନମ୍ ବିବି, ଅହଲ୍ୟା ମଳିକ, ସର୍ବେଶ୍ୱର ବେହେରା, ସୁରେନ୍ଦ୍ର ମଳିକ, ମାଧବାନନ୍ଦ ମଳିକ, ଭରତ ଦାସ, ନିରଞ୍ଜନ ମଳିକ, ସରୋଜ ମହାଳିକ, ହରିହ ଦାସ ପ୍ରମୁଖ ଶତାଧିକ କର୍ମୀଙ୍କୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ନିଜନିଜ ବିଧାନସଭା ଓ ଲୋକସଭା ପ୍ରାର୍ଥୀ ଚୟନ କରିବା ସଂଗେସଂଗେ ବୁଥ କମିଟିମାନ ଗଠନ କରିବା ନିମିତ୍ତ ପରାମର୍ଶ ଦେଇଥିଲେ ।

# ସମବାୟ ସମିତି ନିର୍ବାଚନ : ୨ ସମିତିରେ ବିଜେପିର ବାଜିମାତ

ନୀଳଗିରି, ୨୬/୦୬ (ନି.ପ୍ର): ଚଳିତ ସମବାୟ ନିର୍ବାଚନରେ ଆଜି ୪ଗୋଟି ସମିତିରେ ନିର୍ବାଚନ ହୋଇ ଏହାର ଫଳାଫଳ ପ୍ରକାଶ ପାଇଛି । ଗୋପିନାଥପୁର ସେବା ସମବାୟ ସମିତିର ୧୫ଗୋଟି ଜୋନ୍‌ରୁ ୧୫ ନଂ. ଜୋନଟି ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ଅବଶିଷ୍ଟ ୧୪ଗୋଟି ଜୋନ୍‌ରୁ ୧୩ଗୋଟି ଜୋନ୍ ରେ ବିଜେପି ସମର୍ଥୀତ ପ୍ରାର୍ଥୀ ବିଜୟ ଲାଭ କରିଥିବା ବେଳେ ଗୋଟିଏ ଜୋନରେ ବିଜେଡି ସମର୍ଥୀତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି । ସେହିପରି ଦକ୍ଷିଣ ନରସିଂହପୁର ସମବାୟ ସମିତିର ୧୫ଟି ଜୋନରୁ ବିଜେପି ସମର୍ଥୀତ ପ୍ରାର୍ଥୀ ୧୧ଟି ଜୋନରେ ବିଜୟ ଲାଭ କରିଥିବା ବେଳେ ୪ଟି ଜୋନରେ ବିଜେଡି ସମର୍ଥୀତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି । ସେହିପରି ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିର ୧୫ଟି ଜୋନରୁ ୧୧ଟି ଜୋନରୁ ସିପି.ଆଇ. ବିଜେଡି ସମର୍ଥୀତ ପ୍ରାର୍ଥୀ ବିଜୟ ଲାଭ କରିଥିବା ବେଳେ ୪ଟିରେ ବିଜେପି ସମର୍ଥୀତ ପ୍ରାର୍ଥୀ ବିଜୟ ଲାଭ କରିଥିବା ଜଣାପଡ଼ିଛି । ନିଜଗଡ଼ ସେବା ସମବାୟ ସମିତିରେ ୧୫ଟି ଜୋନ ମଧ୍ରରୁ ୭ଟି ବିଜେଡି ସମର୍ଥୀତ ପ୍ରାର୍ଥୀ ବିଜୟ ହୋଇଥିବା ବେଳେ ୭ଟି ବିଜେପି ସମର୍ଥୀତ ପ୍ରାର୍ଥୀ ବିଜୟ ହୋଇଛନ୍ତି । ଗୋଟିଏ ଜୋନରେ ସ୍ୱାଥୀନ ପ୍ରାର୍ଥୀ ବିଜୟ ହୋଇଥିବାରୁ ସେ ନିର୍ଣ୍ଣାୟକ ଭୂମିକା ନେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ।

# ସ୍ନେହ ଓ ସ୍ରଦ୍ଧା ହିଁ ଜ୍ଞାନ ଦାୟକ : ପ୍ରତିଭା ଲାଗି ଯୋଗାଏ ପ୍ରେରଣା

ଜଳେଶ୍ୱର, ୨୬/୬(ନି.ପ୍ର): ଭକ୍ତି, ସ୍ନେହ, ଶ୍ରଦ୍ଧା ହିଁ ଭାରତୀୟ ସଂସ୍କୃତି ମୂଳମନ୍ତ୍ର ଓ ଜ୍ଞାନଦାୟକ । ଏହି ବିଜମନ୍ତ୍ର ଯୋଗୁଁ ପ୍ରତିଭାଧରଙ୍କୁ ପ୍ରେରଣା ମିଳିଥାଏ । ଆଜିର ସମାଜରେ ଭବିଷ୍ୟତର ନାଗରିକ ହେବା ପାଇଁ ଯାଉଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଏଥିଲାଗି ଗୁରୁତ୍ୱ ଦେଲେ ଭବିଷ୍ୟତ ଉଜ୍ଜଳ ହୋଇଥାଏ ବୋଲି ପ୍ରତିଭାପୂଜନ ସଭାରେ ମତପ୍ରକାଶ ପାଇଛି । ଉପାନ୍ତ ଅଂଚଳ ଦାନ୍ତୁନ ଥାନା ଅନ୍ତର୍ଗତ ସ୍ୱୋର୍ଟ ଏଣ୍ଡ କର୍ଲୁରାଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମାଧ୍ୟମିକ ଓ ନିମ୍ନ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ କୃତିତ୍ୱ ପାଇଁ ପ୍ରତିଭାପୂଜନ ଉତ୍ସବରେ ମାଟିବିରୁଆଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବଶଂକର ସେନାପତି ସଭାପତିତ୍ୱ କରିଥିଲେ । ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉପାନ୍ତ ଅଂଚଳରେ ପ୍ରତିଭାପୂଜନ ଉତ୍ସବ ଛାତ୍ରଛାତ୍ରୀଙ୍କୁ ଅଧିକ କ୍ରିୟାଶୀଳ କରିପାରିବ ବୋଲି କହିଥିଲେ । ଉପାନ୍ତରେ ମୈତ୍ରୀ ଭାବନା ସୃଷ୍ଟି କରୁଥିବା ସ୍ୱୋର୍ଟ ଏଣ୍ଡ କର୍ଲୁରାଲ ସୋସିଏସନ୍‌ର ପ୍ରତିଷ୍ଠାତା ଅଲୋକନନ୍ଦି ଓ ଶୀତଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ଅଜିତ୍ ମହାନ୍ତି ଯୋଗ ଦେଇ ଛାତ୍ରସମାଜଠାରେ ଏକ ଲୁକାୟିତ ପ୍ରତିଭା ଲୁଚି ରହିଥାଏ । ଏହାକୁ ବିକଶିତ କରିବାଲାଗି ଏହି ଅନୁଷ୍ଠାନ ଭଳି ଅନ୍ୟ ଗୁଡିକ ପ୍ରଚେଷ୍ଟା କରିବା ଲଚିତ ବୋଲି କହିଥିଲେ । ଦାନ୍ତୁନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁର୍ଜେନ୍ଦୁ ନନ୍ଦି ମଂଚ ସଂଚାଳନ କରିଥିଲେ । ଏଥିରେ ଓଡିଶା ଓ ପଶ୍ଚିମବଂଗର ପ୍ରତିଭାଧର ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ

ବାଲେଶ୍ୱର,୨୬/୦୬ (ନି.ପ୍ର): ଭୁବନେଶ୍ୱରର 'ବାପା-ମା-୭ ପ' ସଂଗଠନ ପକ୍ଷରୁ ବାଲେଶ୍ୱର ସହରର ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର କର୍ମକର୍ତ୍ତା ସନ୍ତୋଷ କୁମାର ତ୍ରିପାଠୀ, ସନ୍ତୋଷ କୁମାର ପଣ୍ଡା, ଅଲେଖ ସାହାଣୀ, କାଳନ୍ଦୀ ଚରଣ ପରିଡ଼ା, ଶିବ ପ୍ରସାଦ ସ୍ୱାଇଁ, ପ୍ରଜ୍ଞାପାରମିତା ମିଶ୍ର, ଲୋକେଶ ପରିଡ଼ା, ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଜୀବନଯାପନ ଶୈଳୀରେ ପରିବର୍ତ୍ତନ ଆଣିବା ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏନେଇ ସୋସିଆଲ୍ ମେଡିଆ ଇନ୍‌ଷ୍ଟାଗ୍ରାମ ଲାଇଭ ମାଧ୍ୟମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ହରିନାମ ପ୍ରଭୃତି ପରିବେଷଣ କରାଯାଉଥିବା ବେଳେ ରାଜ୍ୟର ବିଭିନ୍ନ ଅଂଚଳରେ ଅନାଥ ପିଲାମାନଙ୍କୁ ପାଇଁ ଖାଦ୍ୟ ଓ ପୋଷାକ ପ୍ରଭୃତି ସହାୟତା ପ୍ରଦାନ କରାଯାଉଛି ବୋଲି ସେମାନେ ସୂଚନା ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଂଗଠନର କାର୍ଯ୍ୟଧାରାକୁ ଉଚ୍ଚପ୍ରଶଂସା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ସହ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ବାପା-ମା-୭ ପରିବାର ସଂଗଠନର ସଦସ୍ୟମାନେ ମଧ ଛାତ୍ରଛାତ୍ରୀଙ୍କୁ ଆପ୍ୟାୟିତ କରିବା ସହିତ ସେମାନଙ୍କ ସହ ବସି ଭୋଜନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାନସ କୁମାର ଦାସ, ଶୁଭେନ୍ଦୁ ବେହେରା, ପ୍ରଶାନ୍ତ କୁମାର ମହାରଣା, ଜ୍ୟୋତିରଞ୍ଜନ ପତି, ଶୁଭ୍ରାଂଶୁ ପାଣିଗ୍ରାହୀ, ଖୁସି, ଲିସା, ପଦ୍ମାବତୀ ଭଉଣୀ, ବସୁଧା ମା, ତୁଳସୀ, ମାଣିକ, ଗଙ୍ଗା ଓ ଶୁଭେନ୍ଦୁ ସାମଲ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଗଣଶିକ୍ଷାମନ୍ତ୍ରୀ ଶ୍ରୀ ଦାଶଙ୍କ ଭଦ୍ରକ ଜିଲ୍ଲା ଗସ୍ତ



ଭୁବନେଶ୍ୱର, ୨୬/୦୬ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଆଜି ଭଦ୍ରକ ଗସ୍ତରେ ଯାଇ ଜିଲ୍ଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀରେ ଅନୁଷ୍ଠିତ ହେଉଥିବା ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି କହିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶିକ୍ଷା କ୍ଷେତ୍ରର ଉନ୍ନତି ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ସାକାର କରିବା ପାଇଁ ସମସ୍ତ ପ୍ରଧାନଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସମସ୍ତ ଶିକ୍ଷକଙ୍କ ଉଦ୍ୟମ ଅବ୍ୟାହତ ରହିଛି । ଏହି ସହଯୋଗ ରହିଲେ ଓଡ଼ିଶା ଭାରତବର୍ଷ ତଥା ବିଶ୍ୱରେ ଏକ ଏଜୁକେସନ୍ ହବ୍ ଭାବରେ ପରିଗଣିତ ହୋଇପାରିବ । ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ କରୋନା ଯୋଗୁଁ ଶିକ୍ଷାଦାନ ବ୍ୟବସ୍ଥା ବ୍ୟାହତ ହୋଇଥିବାରୁ ତାକୁ ଭରଣା କରିବା ପାଇଁ ଓ ରାଜ୍ୟର ୪୫ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ୧୨ ହଜାର ୫୦୦ ରିସୋର୍ସ ଟିଚରଙ୍କ ମାଧ୍ୟମରେ ଓଡ଼ିଆ, ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟଗୁଡ଼ିକରେ ଶିକ୍ଷାଦାନ ନିମନ୍ତେ ସରକାର ଶିକ୍ଷାଭରଣା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସେହିପରି ରାଜ୍ୟରେ ପିଲାମାନଙ୍କୁ ସିବିଏସ୍‌ଇ ଢାଂଚାରେ ଶିକ୍ଷାଦେବା ଉଦ୍ଦେଶ୍ୟରେ ସରକାର ରାଜ୍ୟର ସମସ୍ତ ବ୍ଲକ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବା ସହ ଏହାକୁ କାର୍ଯ୍ୟକାରୀ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଏଥି ସହ ମନ୍ତ୍ରୀ ଶ୍ରୀ ଦାଶ ମେଧାବୃତ୍ତି ଯୋଜନାରେ ଠିକ୍ ସମୟରେ ଛାତ୍ରଛାତ୍ରୀମାନେ ଯେପରି ବୃତ୍ତି ରାଶି ପାଇପାରିବେ ସେ ଦିଗରେ ଯନିବାନ ହେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଭଦ୍ରକ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ଶ୍ରୀ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ଶ୍ରୀ ସଂଜୀବ ମଲ୍ଲିକ, ଭଣ୍ଡାରୀ ପୋଖରୀ ବିଧାୟକ ଶ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ସସ୍ମିତ ନାୟକ, ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ନାୟକ, ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାର ସମସ୍ତ ପ୍ରଧାନଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଏକତାର ଶକ୍ତି ମଜବୁତ ହେଲେ ଅସମ୍ଭବ ବି ସମ୍ଭବ କରାଯାଇ ପାରିବ



ବାଲିଆପାଳ, ୨୬/୦୬ (ନି.ପ୍ର): ଏକତାର ଶକ୍ତି କାହିଁ କେତେ,ଏହା ମଜବୁତ ହେଲେ ଅସମ୍ଭବ କାର୍ଯ୍ୟ କୁ ମଧ ସମ୍ଭବ କରାଯାଇ ପାରିବ। ଏଥିପାଇଁ ପ୍ରତ୍ୟେକ ଙ୍କୁ କିଛି ମାତ୍ରାରେ ସ୍ୱାର୍ଥ ତ୍ୟାଗ କରି ବାକୁ ପଡିବ, ମହା ଜାତୀୟ ଭାବନାରେ ଉଦବୋଧ ହେବାକୁ ପଡିବ ବୋଲି ରବିବାର ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ର ସଭା ଗୃହରେ ଦୈନିକ ଅପରାହ୍ନ ର ଅନୁଷ୍ଠିତ ସାମ୍ବାଦିକ ଏକତା ଓ ବନ୍ଧୁ ମିଳନ ଉତ୍ସବ ରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଅପରାହ୍ନ ସମ୍ପାଦକ ବଂଶୀଧର ଜେନାଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବ ରେ ବରିଷ୍ଠ ସାମ୍ବାଦିକ ରାମ ଚନ୍ଦ୍ର ଦେବ, ପ୍ରକାଶିକା ଲକ୍ଷ୍ମୀ ପ୍ରିୟା ଦାସ, ଅଧ୍ୟାପକ ସୁକାନ୍ତ ଗିରି, ସାମ୍ବାଦିକ ଅଜୟ କୁମାର ସାହୁ, ସାମ୍ବାଦିକ ଦିଲ୍ଲିପ କୁମାର ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ବାଲିଆପାଳ ମିଡିଆ ଫୋରମର ସଭାପତି ସାମ୍ବାଦିକ ପ୍ରତାପ କୁମାର ପାତ୍ର,ବରିଷ୍ଠ ସାମ୍ବାଦିକପ୍ରଫୁଲ୍ଲ କୁମାର ପାତ୍ର,ରବି ରଞ୍ଜନ ତ୍ରିପାଠୀ, ଗୋପାଳ ଚନ୍ଦ୍ର ସାହୁ, ଦୀନ ବନ୍ଧୁ ପ୍ରଧାନ, ପ୍ରଦୀପ କୁମାର ଜେନା, ସନ୍ୟାସୀ ବେହେରା, ସୁବଳ ଚନ୍ଦ୍ର ଦାସ, ବୀର ମାଧବ ଦାସ ପ୍ରମୁଖ ସାମ୍ବାଦିକ ଏକତା ଉପରେ ମତାମତ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗୋପ ନାରାୟଣ ଜେନା, ଦିଲ୍ଲିପ ଦାସ, ପ୍ରଭାତ କୁମାର ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଚନ୍ଦନ ଜେନା, ପଙ୍କଜ ସାହୁ, ପ୍ରଦୀପ କୁମାର ଜେନା, ରାଜ କିଶୋର ପାତ୍ର, ମନୋ ରଞ୍ଜନ ପାଣିଗ୍ରାହୀ, ଲକ୍ଷ୍ମୀଧର ପ୍ରଧାନ, ଚନ୍ଦନ କୁମାର ଅଣ୍ଡିଆ, ସାଗର ପଟନାୟକ, ହରେକୃଷ୍ଣ ଦାସ, ଅଶୋକ କୁମାର ଜେନା ପ୍ରମୁଖ ସାମ୍ବାଦିକ ଏଥିରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନର ଜ୍ୟୋତିର୍ମୟୀ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ ବୈଠକ

ବାଲେଶ୍ୱର,୨୬/୦୬ (ନି.ପ୍ର): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ ଗଠିତ କ୍ରିୟାନୁଷ୍ଠାନ ସମିତିର ମାସିକ ବୈଠକ ହରନାରାୟଣ ମଲ୍ଲୁଆଳଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କର୍ମଚାରୀ ସଂଘ ଗୃହରେ ଆୟୋଜିତ ବୈଠକରେ ଆବାହକ ତଥା କୃଷି ବୈଜ୍ଞାନିକ ଡ. କେଶବ ଚରଣ ପଣ୍ଡା ଯୋଗଦେଇ ସମିତି ପକ୍ଷରୁ ଗତ ଏକମାସ ମଧ୍ୟରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ସାମୂହିକ ସ୍ୱାର୍ଥରେ ଉଠିଥିବା ଦାବିକୁ ବାଲେଶ୍ୱର ଜିଲା ପରିଷଦର ବୈଠକରେ ସମର୍ଥନ କରାଯିବା ଅତ୍ୟନ୍ତ ସ୍ୱାଗଯୋଗ ନିଷ୍ପତ୍ତି ବୋଲି ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ଏଥି ସହିତ ବ୍ଲକସ୍ତରରେ କୃଷକ, କୃଷି ଶ୍ରମିକ ଓ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସଂଗଠିତ କରି ସ୍ଥାନୀୟ ପ୍ରଶାସକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଦାବିର ଯଥାର୍ଥତା ଦର୍ଶାଇ ଆବେଦନପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ବିଧାନସଭା ଅଧିବେଶନ ସମୟରେ ବାଲେଶ୍ୱର ସମେତ ଓ ଉତ୍ତର ଓଡ଼ିଶାର ବିଧାୟକମାନେ ଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୈଠକରେ ନିବେଦନ କରାଯାଇଛି।

# ମଧୁପୁରା ଓ ବଡାଶ ସେବା ସମବାୟ ସମିତିରେ ନିର୍ବାଚନ ଫଳାଫଳ ଘୋଷିତ



ବାଲିଆପାଳ, ୨୬/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ଓ ବଡାଶ ସେବା ସମବାୟ ସମିତିରେ ନିର୍ବାଚନରେ ଆଜି ଫଳାଫଳ ଘୋଷିତ ହୋଇଛି । ଆଜି ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପ୍ରତି ସମିତିର ୧୫ ଜଣ ଲେଖାଁଏ ନିର୍ଦ୍ଦେଶକଙ୍କ ପାଇଁ ଶାନ୍ତି ଶୃଙ୍ଖଳା ସହିତ ମତ ଦାନ ହୋଇଥିଲା । ମଧୁପୁରା ସମବାୟ ସମିତିରେ ସେବତୀ ଜେନା,ଆଶିଷ କୁମାର ଚକ୍ରବର୍ତୀ ,ରାଜକିଶୋର ଜେନା, ଶ୍ରୀଧର ବିଶ୍ୱାଳ,ଗୋପାଳ ମାରାଣ୍ଡି, ଶାନ୍ତିଲତା ବେହେରା, ଲକ୍ଷ୍ମୀକାନ୍ତ ଗଙ୍ଗାଇ , କମଳଲୋଚନ ଦତ୍ତ , ପ୍ରମୋଥ ବାରିକ, ମୁରଲୀମୋହନ ସାହୁ, ପଦ୍ମଲୋଚନ ରାଉତ,ସୁଶାନ୍ତ କୁମାର ବିଶ୍ୱାଳ,ସୁଶାନ୍ତ ପ୍ରମାଣିକ, ଗୋପୀନାଥ ମାହାନା, ଅଶୋକ ବାଗ ପ୍ରମୁଖ ବିଜୟ ଲାଭ କରିଛନ୍ତି । ସେହିପରି ବଡାସ ସମବାୟ ସମିତିରେ ବିନୋଦ ବିହାରୀ ଜେନା,ରମେଶ ପ୍ରଧାନ,ଚକ୍ରଧର ସାହୁ,ବିଜୟ ଗିରି, ପୁରୁଷୋତମ ଗିରି,ବିଜୟ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ,ମାଳତୀ ନାୟକ, ନିତ୍ୟାନନ୍ଦ ଜେନା, ଶଶିବାଳା ସିଂ, କମଳଲୋଚନ କର, ଗୟାଧର ଦାସ, ସୁଜୟ ଦେ, ଶମ୍ଭୁନାଥ ସି ବିଜୟୀ ପ୍ରାର୍ଥୀମାନଙ୍କର ନାମ ଘୋଷଣା ପରେ ସମର୍ଥକ ମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ବିଜୟ ଉତ୍ସବ ପାଳିଛନ୍ତି ।

# ଭଞ୍ଜ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ଉଦଳା, ୨୬/୦୬ (ନି.ପ୍ର): ପୂର୍ବନିର୍ଦ୍ଧାରିତ ଘୋଷଣା ଅନୁସାରେ ଭଞ୍ଜସେନା ପକ୍ଷରୁ ଚଳିତ ଜୁନ ୨୪ ତାରିଖ ଶୁକ୍ରବାର ଦିନ ଉଦଳା ସହରର ହାଇସ୍କୁଲ ଛକ ଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟରେ ଥିବା ବିଜୁ ଜନତା ଦଳ ସରକାର ମୟୂରଭଞ୍ଜର ଉନ୍ନତି ପାଇଁ ସବୁବେଳେ ଅଣଦେଖା କରିଆସିଛି ବୋଲି ଭଞ୍ଜସେନାପକ୍ଷରୁ ଅଭିଯୋଗ କରାଯିବା ସହିତ ନିକଟରେ ନବରୂପାନ୍ତର ପ୍ରକ୍ରୀୟାରେ ରାଜ୍ୟ ସରକାର ଗଞ୍ଜାମ ଜିଲ୍ଲାର ତାରାତାରିଣୀ ପୀଠ ପାଇଁ ୧୭୨ କୋଟି, ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର ପାଇଁ ୨୦୦ କୋଟି, କଟକ ଚଣ୍ଡୀ ମନ୍ଦିର ପାଇଁ ୭୦ କୋଟି, କେନ୍ଦୁଝରର ତାରିଣୀ ମନ୍ଦିର ପାଇଁ ୪୦ କୋଟି, ଭଦ୍ରକର ଆଖଣ୍ଡଳମଣୀ ମନ୍ଦିର ପାଇଁ ୯୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ପାଇଁ ଗୋଟିଏ ଟଙ୍କା ମଧ ଘୋଷଣା କଲେ ନାହିଁ । ମୟୂରଭଞ୍ଜର ଦେବକୁଣ୍ଡସ୍ଥିତ ଅମ୍ବିକା ମନ୍ଦିର ପାଇଁ କିଛି ଆର୍ଥିକ ଅନୁଦାନ ଘୋଷଣା କରାଯାଉ ବୋଲି ଭଞ୍ଜସେନା ପକ୍ଷରୁ ପୂର୍ବରୁ ଦାବି କରାଯାଇଥିଲା । ତାହାଚଡ଼ା ମୟୂରଭଞ୍ଜ ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ହୋଇଥିବା ବେଳେ ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟାଇଲେ ବେକାର ଯୁବକ ଯୁବତୀ ମାନେ ରୋଜଗାରକ୍ଷମ ହେବେ ଓ ରାଜକୋଷକୁ ମଧ କିଛି ଅର୍ଥ ଆସିବ ବୋଲି ଭଞ୍ଜସେନା ତରଫରୁ କୁହାଯାଇଛି । ଆଜିର ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଦେବକୁଣ୍ଡ ଅମ୍ବିକା ମନ୍ଦିର ପୂଜକ ରବିନ୍ଦ୍ରନାଥ ପାଢ଼ୀ, ପୁର୍ବତନ କାଉନସିଲର ପ୍ରଭାତ ପରିଡ଼ା, ବରିଷ୍ଠ ସାମ୍ବାଦିକ ଗୋଲକ ମହାରଣା, ସାମାଜିକ କର୍ମୀ ଉତ୍ତମ ବେହେରା, ଆଇନଜୀବି ଦିଲ୍ଲିପ ବାସ୍କେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସାଇସ୍ନାତା କାର୍ଯ୍ୟକ୍ରମ ଉଦ୍‌ଯାପିତ




ବାରିପଦା, ୨୬/୦୬ (ନି.ପ୍ର): ବାରିପଦା ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମରଫେଷ୍ଟ କାର୍ଯ୍ୟକ୍ରମ ସାଇସ୍ନାତା-୨୦୨୨ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଏକ ବର୍ଣ୍ଣାଢ଼୍?ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ରାଜୀବ ଲୋଚନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଅମୀୟ ଶଙ୍କର ସାହୁ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧକ୍ଷ ପ୍ରମୋଦ କୁମାର ଶତପଥୀ ଅତିଥି ଭାବରେ ଯୋଗ ଦେଇ ଜୀବନରେ ଆଗକୁ ବଢ଼ିବା ଏବଂ ନିଜ ପାରଦର୍ଶିତା ପ୍ରତିପାଦିତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ସଭାରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ଓଡିଆ ସିନେତାରକା ସ୍ୱରାଜ ବାରିକ, ସନମୀରା ନାଗେଶ, ମନୀଷା ଧର ମହାପାତ୍ର ଓ ତାପସ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ଉକ୍ତ ଉତ୍ସବକୁ ଅଧିକ ମନୋମୁଗ୍ଧକର କରିଥିଲେ । ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସିନେତାରକା ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ, ଛାତ୍ରଛାତ୍ରୀ ମାନେ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସାରେଗାମା ମେଲୋଡି ଗ୍ରୁପ ଦ୍ୱାରା ସଙ୍ଗୀତ ସଂଧ୍ୟା କାର୍ଯ୍ୟକ୍ରମ ଉତ୍ସବକୁ ଆହୁରି ଗାମ୍ଭୀର୍ଯ୍ୟପୂର୍ଣ୍ଣ କରିଥିଲା । ଉପାଧକ୍ଷ ଜ୍ୟୋତିଶଙ୍କର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆନ୍ତର୍ଜାତିକ ନିଶା ଦ୍ରବ୍ୟ ଅପବ୍ୟବହାର-ଅବୈଧ କାରବାର ନିରୋଧ ଦିବସ

ବାଲେଶ୍ୱର,୨୬/୦୬ (ନି.ପ୍ର): ବାଲେଶ୍ୱର ଜିଲା ପ୍ରଶାସନ ଏବଂ ଜିଲା ଅବକାରୀ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଆନ୍ତର୍ଜାତିକ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ରବିବାର ପାଳିତ ହୋଇଯାଇଛି।ଏହି ଅବସରରେ ସକାଳେ ଏକ ସଚେତନତା ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ। ଏଥିରେ ସ୍କୁଲ, କଲେଜ ଛାତ୍ରଛାତ୍ରୀମାନଙ୍କ ସମେତ ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନ ସାଧନା, ମିଳିତ ନିଶା ନିବାରଣ ଅଭିଯାନ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ, ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ-ସଦସ୍ୟାମାନେ ଭାଗ ନେଇ ଜନସାଧାରଣଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ। 'ନିଶାଦ୍ରବ୍ୟକୁ ନାଁ, ସୁସ୍ଥ ଜୀବନକୁ ହଁ'ର ସ୍ଲୋଗାନ ଦେଇ ସେମାନେ ଏ ସମ୍ପର୍କିତ ପ୍ରଚାରପତ୍ର ଜନସାଧାରଣଙ୍କୁ ବାଣ୍ଟିଥିଲେ। ପରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର ଏଥିରେ ଯୋଗଦେଇ ମାଦକଦ୍ରବ୍ୟ, ନିଶା ଓ ଡ୍ରଗ୍ସ ସେବନଠାରୁ ଦୂରେଇ ରହିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ମିଳିତ ନିଶା ନିବାରଣ ଅଭିଯାନର ସଭାପତି ପ୍ରଭାକର ସାହୁ ସମେତ ମମତା ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ ଓ ଅର୍ଚ୍ଚନା ନନ୍ଦୀ, ସାଧନା ସଂଗଠନର ସୁଜାତା ପଣ୍ଡା, ଓ ସ୍କୁଲ, କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ।

# ସାଂସଦଙ୍କ ୧୫ନଂ ୱାର୍ଡ ନହଞ୍ଜରା ଗସ୍ତ : ଥଇଥାନ ଯୋଜନାକୁ ଗୁରୁତ୍ୱ



ଜଳେଶ୍ୱର, ୨୬/୬(ନି.ପ୍ର): ଜଳେଶ୍ୱର ପୌରପାଳିକାର ୧୫ନଂ ୱାର୍ଡ ନହଞ୍ଜରାଠାରେ ପ୍ରସ୍ତାବିତ ୩୫୬ଜଣ ବିସ୍ଥାପିତଙ୍କୁ ଜାଗାମିଶନ ଜରିଆରେ ଥଇଥାନ କରିବା ଲାଗି ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଦଳମତ ନିର୍ବିଶେଷରେ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି । ଅତୀତରେ ୨ଥର ପ୍ରଶାସନକୁ ଗ୍ରାମବାସୀ ବିରୋଧ କରିଥିବା ବେଳେ ଗତ ୨୪ ତାରିଖରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ସାମ୍ବାଦିକଙ୍କ ସମ୍ମିଳନୀରେ ଅନଶନର ଧମକ୍ ଦିଆଯାଇଛି । କୌଣସି ସରକାରୀ ଯୋଜନାକୁ ଗ୍ରାମବାସୀ ବିରୋଧ କରୁନଥିବା ବେଳେ ଥଇଥାନ ଯୋଜନାରେ ଅନ୍ୟ ଅଂଚଳର ଲୋକଙ୍କୁ ବସତିସ୍ଥାପନ କରିବା ଲାଗି ଗ୍ରାମବାସୀ ରାଜି ହୋଇ ପାରି ନାହାନ୍ତି । ଏ ସମ୍ପର୍କରେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ଗତ ଶନିବାର ସଂଧ୍ୟାରେ ଉକ୍ତ ସ୍ଥାନକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ଫାଲଗୁନି ପାଣିଗ୍ରାହୀ, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ପୂର୍ବତନ ଜିଲା ଉପସଭାପତି ଅରୁଣ କୁମାର ବେଜ, କାଉନ୍‌ସିଲର ଉମା ହେମ୍ବ୍ରମ, ଶିବନାରାୟଣ ମହାପାତ୍ର, ଚନ୍ଦନ ଦାସ, ସସ୍ମିତା ପାତ୍ର, ଆଦିତ୍ୟ ନାରାୟଣ ପାତ୍ର, ପୂର୍ବତନ ନଗରପାଳ ପ୍ରବିର ପ୍ରଧାନ, ଦୂର୍ଗା ଭୂୟାଁ, ଜଗନ୍ନାଥ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଶାମୁକ୍ତ ସମାଜ ପାଇଁ ଅଧିକ ସଚେତନତା ଆବଶ୍ୟକ



ଭଦ୍ରକ, ୨୬/୦୬ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତ କରଣ ଅନୁଭାଗ ଆନୁକୂଲ୍ୟରେ ଆଜି ନିଶା ଅନାସକ୍ତ ଓ ଅବୈଧ ନିଶାଦ୍ରବ୍ୟ ଚାଲାଣ ନିରୋଧୀ ଆନ୍ତଜାର୍ତୀୟ ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥି ଉପଲକ୍ଷେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜନ ସଚେତନତା ଉଦ୍ଦେଶ୍ୟରେ ସଚେତନତା ରଥ ସହ ଏକ ଶୋଭାଯାତ୍ରା ବାହାରି ସହର ରାସ୍ତା ଦେଇ ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ପରେ ପରେ ଭଦ୍ରକ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ନାଥ ଗମାଙ୍ଗୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଅନ୍ୟତମ ଅତିଥି ଭାବେ ଅବକାରୀ ନିରୀକ୍ଷକ ଅନୀତା ପ୍ରଧାନ, ମହିଳା ଓ ଶିଶୁ ବିକାଶ ସୁପରଭାଇଜର ଅର୍ଣ୍ଣପୂର୍ଣ୍ଣା ସାହୁ, ଭଦ୍ରକ ନିଶା ନିବାରଣ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ନାୟକ ଯୋଗ ଦେଇଥିଲେ । ନିଶା ସେବନ ରୁ ନିବୃତ୍ତ ରହି ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଜୀବନକୁ ସୁରକ୍ଷିତ କରିବା ଏବଂ ଏଥିପାଇଁ ସାମାଜିକ ସଚେତନା ସୃଷ୍ଟି କରିବା ନେଇ ସମସ୍ତେ ଶପଥ ପାଠ କରିଥିଲେ । ନିଶା ନିବାରଣ ଆଇନ୍ ସମ୍ବନ୍ଧରେ ବକ୍ତାମାନେ ବ୍ୟାଖ୍ୟା କରିବା ସହ ନିଶା ଜୀବନ ପ୍ରତି ସମାଜ ପାଇଁ କେତେ କ୍ଷତିକାରକ, ଦିନ କୁ ଦିନ ଏହା କିପରି ଏକ ସାମାଜିକ ବ୍ୟାଧିରେ ପରିଣତ ହେଉଛି ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଛୋଟ ପିଲା,ତରୁଣ ଏବଂ ଯୁବପୀଢ଼ି କିଭଳି ଏହି ନିଶା ରାକ୍ଷସ କବଳରୁ ଦୂରେଇ ରହିବେ ସେଥିନେଇ ଅଧିକ ରୁ ଅଧିକ ଜନସାଧାରଣ ସଚେତନ ହେଲେ ଯାଇ ନିଶାମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର, ଛାତ୍ରୀ, ଅଭିଭାବକ, ପିତାମାତା, ଅଙ୍ଗନବାଡ଼ି କର୍ମୀ ଆଦି ଏହି ଶୋଭାଯାତ୍ରା ଓ ସଭା କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା ଓ ସ୍ମାରକପତ୍ର ପ୍ରଦାନ



ବାରିପଦା, ୨୬/୦୬ (ନି.ପ୍ର): ବାରିପଦା ସର୍କିଟ ହାଉସ ଠାରେ ଓଡିଶା ମଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ମୟୂରଭଂଜ ଶାଖା ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ଶିକ୍ଷକ-କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ମୋରଡା ବିଧାୟକ ରାଜକିଶୋର ଦାସ ଓ ଜିଲ୍ଲା ଶିକ୍ଷା ଅଧିକାରୀ ନବକିଶୋର ଗିରିଙ୍କ ଉପସ୍ଥିତିରେ ମନ୍ତ୍ରୀ ମହୋଦୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଓଡିଶା ସ୍କୁଲ କଲେଜ ଶିକ୍ଷକ-କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ଆବାହକ ଚିତରଂଜନ ପଲତାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଉଲ୍ଲିଖିତ ବିଭିନ୍ନ ସମସ୍ୟା ମଧ୍ୟରୁ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ନିମନ୍ତେ ପ୍ରକାଶିତ ମୋଡାଲିଟିକୁ ସଂଶୋଧନ କରି ଅବିକଳ ସପ୍ତମ ବେତନ ପ୍ରଦାନ, ବାଦ ପଡିଥିବା ବିଦ୍ୟାଳୟର ଶିକ୍ଷକ-କର୍ମଚାରୀଙ୍କୁ ଆନୁପାତିକ ହାରରେ ୭ମ ବେତନ ପ୍ରଦାନ, ଅଦ୍ୟାବଧି ଯୋଗ୍ୟ ବିବେଚିତ ସ୍କୁଲ, କଲେଜ ଗୁଡିକୁ ଅନୁଦାନ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ପୁରଣ, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଗ୍ରେଡ ପେ ବୃଦ୍ଧି କରି ୭ମ ବେତନ ନିର୍ଦ୍ଧାରଣ, ନୂତନ ଅନୁଦାନପ୍ରାପ୍ତ ସ୍କୁଲ-କଲେଜ ଶିକ୍ଷକ-କର୍ମଚାରୀଙ୍କୁ ଚାକିରୀ ଓ ଅବସରକାଳୀନ ସୁବିଧା, ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି କରିବା, ସରକାରୀ କର୍ମଚାରୀମାନଙ୍କ ଭଳି ଏକ ଅନୁପାତ ଏକ ହାରରେ ଏମ.ଏ.ସି.ପି ପ୍ରଚଳନ କରିବା ଆଦି ଦାବୀ ଜଣାଇଥିବା ବେଳେ, ମନ୍ତ୍ରୀ ଶ୍ରୀ ଦାସ ଖୁବ ଶିଘ୍ର ଏସବୁ ସମସ୍ୟାର ସମାଧାନ ହେବ ବୋଲି ଆଶ୍ୱାସନା ପ୍ରଦାନ କରିଥିବାର ଜଣାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଂପାଦକ ଭରତ ଚନ୍ଦ୍ର ବରାଳ, ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ, ଯୁଗ୍ମ ସଂପାଦକ କିଶୋର ଆଚାର୍ଯ୍ୟ, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ପର୍ଶୁରାମ ମହାନ୍ତ, ବ୍ଲକ୍ ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତ, ବିକାଶ ପଣ୍ଡା, କେଦାରନାଥ ଧଳ ପ୍ରମୁଖ ଶତାଧିକ ଶିକ୍ଷକ ପ୍ରତିନିଧି ଯୋଗ ଦେଇଥିଲେ ।

## ସାପ କାମୁଡାରେ ବୃଦ୍ଧା ମୃତ

କେନ୍ଦ୍ରାପଡ଼ା, ୨୬/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ କେଶପୁର ଗ୍ରାମର ସ୍ୱର୍ଗତ ସୁନାକର ରଥଙ୍କ ପତ୍ନୀ ପ୍ରଫୁଲ୍ଲ କୁମାରୀ ରଥ ନିଜ ଘର ପାଖ ବାଡି ପିଣ୍ଡାରେଏ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା । ସାପ କାମୁଡିବା ପରେ ବୃଦ୍ଧା ଜଣକ ବହୁ ଜୋରରେ ଚିତ୍କାର କରିବାରୁ ପରିବାର ଲୋକଙ୍କ ସହ ପାଖ ପଡୋଶୀ ରୁଣ୍ଡ ହୋଇ ଯାଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ନିଆଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo